Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 194
Thursday, 18 September 2025
Balasore, Page : 8, ₹ 2/
ବାଲେଶ୍ୱର, ଗୁରୁବାର, ୧୮ ସେପ୍ଟେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ମୋଦୀଙ୍କ ଜନ୍ମଦିନରେ ଓଡ଼ିଶାରେ କୋଟିଏ ଛୁଇଁଲା ବୃକ୍ଷରୋପଣ

ଭୁବନେଶ୍ୱର,୧୭/୦୯(ଆ.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଓଡ଼ିଶାରେ କୋଟିଏ ଛୁଇଁଲା ବୃକ୍ଷରୋପଣ । ସାରା ରାଜ୍ୟରେ ଦିନ ୨ ଟା ୧୬ ସୁଦ୍ଧା ମେରୀ ଲାଇଫ୍ ପୋର୍ଟାଲରେ ଅପଲୋଡ୍ ହୋଇଥିବା ଚାରା ସଂଖ୍ୟା ୧ କୋଟି ୪ ହଜାର ୪୦୯ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନରେ ଓଡ଼ିଶାରେ କୋଟିଏ ଛୁଇଁଲା ବୃକ୍ଷରୋପଣ । ସାରା ରାଜ୍ୟରେ ଦିନ ୨ ଟା ୧୬ ସୁଦ୍ଧା ମେରୀ ଲାଇଫ୍ ପୋର୍ଟାଲରେ ଅପଲୋଡ୍ ହୋଇଥିବା ଚାରା ସଂଖ୍ୟା ୧ କୋଟି ୪ ହଜାର ୪୦୯ ।

ରାଜ୍ୟ ସରକାର ଯେଉଁ ୭୫ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖିଥିଲେ, ଦିନ ଗୋଟିଏ ୧୩ ମିନିଟରେ ସେହି ଲକ୍ଷ୍ୟ ହାସଲ ହୋଇଥିଲା । ବୃକ୍ଷରୋପଣ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । କୋଟିଏ ପାର ହୋଇଛି ବୃକ୍ଷରୋପଣ ସଂଖ୍ୟା । ସେପ୍ଟେମ୍ବର ୩୦ ତାରିଖ ଯାଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଆଜି ବୃକ୍ଷରୋପଣରେ କୋରାପୁଟ ପ୍ରଥମ, କେନ୍ଦୁଝର ଦ୍ୱିତୀୟ, ମୟୂରଭଞ୍ଜ ତୃତୀୟ, ସୁନ୍ଦରଗଡ଼ ଚତୁର୍ଥ, କଳାହାଣ୍ଡି ପଂଚମ ସ୍ଥାନ ଅଧିକାର କରିଛି । ଗତ ଥର ମା କେ ନାଁ ଏକ ପେଡ କାର୍ଯ୍ୟକ୍ରମରେ ସାଢେ ୬ କୋଟି ଗଛ ଲାଗିଥିଲା । ଏଥର ଓଡ଼ିଶାକୁ ଯେଉଁ ସାଢେ ୭ କୋଟି ଲକ୍ଷ୍ୟ ଦିଆଯାଇଛି ତାକୁ ପୂରଣ କରାଯିବ । ପୁଣି ଥରେ ବୃକ୍ଷରୋପଣ କରି ମେରୀ ଲାଇଫ ପୋର୍ଟାଲରେ ସେଲ୍ଫି ଅପଲୋଡ୍ କରିବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ରାଜ୍ୟ ସରକାର ଯେଉଁ ୭୫ ଲକ୍ଷ ଚାରାରୋପଣର ଲକ୍ଷ୍ୟ ରଖିଥିଲେ, ଦିନ ଗୋଟିଏ ୧୩ ମିନିଟରେ ସେହି ଲକ୍ଷ୍ୟ ହାସଲ ହୋଇଥିଲା । ବୃକ୍ଷରୋପଣ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲିବ । କୋଟିଏ ପାର ହୋଇଛି ବୃକ୍ଷରୋପଣ ସଂଖ୍ୟା । ସେପ୍ଟେମ୍ବର ୩୦ ତାରିଖ ଯାଏ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବ । ଆଜି ବୃକ୍ଷରୋପଣରେ କୋରାପୁଟ ପ୍ରଥମ, କେନ୍ଦୁଝର ଦ୍ୱିତୀୟ, ମୟୂରଭଞ୍ଜ ତୃତୀୟ, ସୁନ୍ଦରଗଡ଼ ଚତୁର୍ଥ, କଳାହାଣ୍ଡି ପଂଚମ ସ୍ଥାନ ଅଧିକାର କରିଛି । ଗତ ଥର ମା କେ ନାଁ ଏକ ପେଡ କାର୍ଯ୍ୟକ୍ରମରେ ସାଢେ ୬ କୋଟି ଗଛ ଲାଗିଥିଲା । ଏଥର ଓଡ଼ିଶାକୁ ଯେଉଁ ସାଢେ ୭ କୋଟି ଲକ୍ଷ୍ୟ ଦିଆଯାଇଛି ତାକୁ ପୂରଣ କରାଯିବ । ପୁଣି ଥରେ ବୃକ୍ଷରୋପଣ କରି ମେରୀ ଲାଇଫ ପୋର୍ଟାଲରେ ସେଲ୍ଫି ଅପଲୋଡ୍ କରିବାକୁ ନିବେଦନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ମୋଦିଙ୍କୁ ଫୋନ କରି ଜନ୍ମଦିନର ଶୁଭେଚ୍ଛା ଜଣାଇଲେ ଟ୍ରମ୍ପ

ନୂଆଦିଲ୍ଲୀ,୧୭/୦୯(ନ୍ୟୁ.ଏ): ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ତାଙ୍କର ବହୁତ ଭଲ ଫୋନ କଥାବାର୍ତ୍ତା ହୋଇଛି ଏବଂ ଏହି ସମୟରେ ସେ ତାଙ୍କ ବନ୍ଧୁଙ୍କୁ ତାଙ୍କ ଜନ୍ମଦିନରେ ଅଭିନନ୍ଦନ ଜଣାଇଛନ୍ତି । ଏହା ସହିତ, ସେ ଭାରତୀୟ ନେତାଙ୍କୁ ରୁଷିଆ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବାରେ ତାଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି । ଟ୍ରମ୍ପ ପ୍ରଧାନମନ୍ତ୍ରୀ ମୋଦିଙ୍କ ୭୫ତମ ଜନ୍ମଦିନର ଗୋଟିଏ ଦିନ ପୂର୍ବରୁ ଫୋନ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ଟାରିଫ୍ ପ୍ରସଙ୍ଗରେ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ମଧ୍ୟରେ ଭାରତ ସହିତ ସମ୍ପର୍କ ଉନ୍ନତ କରିବା ପାଇଁ ଆମେରିକାର ପ୍ରୟାସର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ ଭାବରେ ଏହାକୁ ଦେଖାଯାଉଛି । ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ ପୋଷ୍ଟ କରିଛନ୍ତି, ମୋର ବନ୍ଧୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ବହୁତ ଭଲ ଫୋନ କଥାବାର୍ତ୍ତା ହୋଇଛି । ମୁଁ ତାଙ୍କୁ ଜନ୍ମଦିନର ବହୁତ ଶୁଭେଚ୍ଛା ଜଣାଇଛି । ସେ ବହୁତ ଭଲ କାମ କରୁଛନ୍ତି । ସେ ଲେଖିଛନ୍ତି, ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବାରେ ଆପଣଙ୍କ ସମର୍ଥନ ପାଇଁ ଧନ୍ୟବାଦ । ସେ ତାଙ୍କ ବାର୍ତ୍ତା ତଳେ ରାଷ୍ଟ୍ରପତି ଡିଜେଟି ଲେଖିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି 'ଏକ୍ସ'ରେ ପୋଷ୍ଟ କରିଛନ୍ତି ଏବଂ ଟ୍ରମ୍ପଙ୍କୁ ତାଙ୍କ ଫୋନ କଲ ପାଇଁ ଧନ୍ୟବାଦ ଦେଇଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ମୋର ବନ୍ଧୁ, ରାଷ୍ଟ୍ରପତି ଟ୍ରମ୍ପ, ଆପଣଙ୍କ ଫୋନ କଲ ପାଇଁ ଧନ୍ୟବାଦ ଏବଂ ମୋର ୭୫ ତମ ଜନ୍ମଦିନରେ ହାର୍ଦ୍ଦିକ ଅଭିନନ୍ଦନ ପାଇଁ ଧନ୍ୟବାଦ ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଏକ ସ୍ୱତନ୍ତ୍ର ଫଟୋ ପୋଷ୍ଟ କଲେ ମେଲୋନି

ନୂଆଦିଲ୍ଲୀ,୧୭/୦୯(ନ୍ୟୁ.ଏ): ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ । ଏହି ଶୁଭ ଅବସରରେ ବିଶ୍ୱର ବଡ଼ ବଡ଼ ନେତା ତାଙ୍କୁ ଶୁଭେଚ୍ଛା ଜଣାଇଥିବା ବେଳେ ଏଥିରେ ଅଛନ୍ତି ଇଟାଲୀ ପ୍ରଧାନମନ୍ତ୍ରୀ ଜିଓର୍ଜିଆ ମେଲୋନି । ଏକ ସ୍ୱତନ୍ତ୍ର ପୋଷ୍ଟ କରି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିବା ଦେଖାଯାଇଛି । ବୁଧବାର, ସେପ୍ଟେମ୍ବର ୧୭ ତାରିଖରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନରେ ଶୁଭେଚ୍ଛା ଜଣାଇଛନ୍ତି । ନିଜ ପୋଷ୍ଟରେ ପ୍ରଧାନମନ୍ତ୍ରୀ ମେଲୋନି ମୋଦୀଜୀଙ୍କ ନେତୃତ୍ୱ ଏବଂ ଭାରତର ପ୍ରଗତି ପ୍ରତି ତାଙ୍କ ପ୍ରତିବଦ୍ଧତାକୁ ପ୍ରଶଂସା କରିଛନ୍ତି । ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଏକ ସେଲଫି ପୋଷ୍ଟ କରି ମେଲୋନି ଇଟାଲୀୟ ଭାଷାରେ ଲେଖିଛନ୍ତି, 'ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ୭୫ତମ ଜନ୍ମଦିନର ଶୁଭେଚ୍ଛା । ତାଙ୍କର ଶକ୍ତି, ତାଙ୍କର ଦୃଢ଼ ନିଷ୍ଠା ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ ନେତୃତ୍ୱ ଦେବାର କ୍ଷମତା ପ୍ରେରଣାର ଉତ୍ସ । ବନ୍ଧୁତା ଏବଂ ସମ୍ମାନ ସହିତ ଭାରତକୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଆଡ଼କୁ ନେଇଯିବା ଏବଂ ଆମ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବା ପାଇଁ ମୁଁ ତାଙ୍କର ସୁସ୍ଥ ସ୍ୱାସ୍ଥ୍ୟ ଏବଂ ଶକ୍ତି କାମନା କରୁଛି ।' ଏହି ପୋଷ୍ଟ ସହିତ ମେଲୋନି ଏକ ସେଲଫି ସେୟାର କରିଛନ୍ତି, ଯେଉଁଥିରେ ଉଭୟ ପ୍ରଧାନମନ୍ତ୍ରୀ ହସୁଥିବା ଦେଖିବାକୁ ମିଳୁଛି ।

ଖୁବ ଶୀଘ୍ର ଶ୍ରୀମନ୍ଦିରରେ ହେବ ପରୀକ୍ଷାମୂଳକ ଧାଡ଼ି ଦର୍ଶନ ବ୍ୟବସ୍ଥା

ଭୁବନେଶ୍ୱର,୧୭/୦୯(ଆ.ପ୍ର): ଶ୍ରୀମନ୍ଦିର ପରିଚାଳନା ନେଇ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଦୁଇଟି ବଡ଼ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ଯେ ଧାଡ଼ି ଦର୍ଶନ ନେଇ ଯେଉଁ ସମସ୍ୟା ଥିଲା ତାହା ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଷ୍ପତ୍ତି କ୍ରମେ ଦୂର ହୋଇଛି। ଶ୍ରୀମନ୍ଦିର ଭିତରେ ଥିବା ହୁଣ୍ଡି ଯୋଗୁଁ ଧାଡ଼ିଦର୍ଶନ ସମ୍ଭବ ହୋଇପାରୁନଥିଲା । ତେଣୁ ହୁଣ୍ଡି ସ୍ଥାନାନ୍ତରଣ ନେଇ ଆଜି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ମିଳିଛି । ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲାପାଳ ନିଯୋଗମାନଙ୍କ ସହ ଆଲୋଚନା ପରେ ହୁଣ୍ଡି କେଉଁଠିକୁ ସ୍ଥାନାନ୍ତର ହେବ ସେଥିନେଇ ନିଷ୍ପତ୍ତି ନେବେ । ଏହା ପରେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସୂଚନା ଦେଇଛନ୍ତି । ଏଥି ସହିତ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ସ୍ୱରୂପ ଚଳିତ ସେପ୍ଟେମ୍ବର ୨୩ ତାରିଖରେ ଅଳଙ୍କାର ଭର୍ତ୍ତି ସିନ୍ଧୁକକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ। ଶ୍ରୀମନ୍ଦିର ପ୍ରଶାସନ ଓ ଉଚ୍ଚସ୍ତରୀୟ କମିଟିର ଉପସ୍ଥିତିରେ ସିନ୍ଧୁକ ଗୁଡ଼ିକୁ ରତ୍ନଭଣ୍ଡାର ଭିତରକୁ ନିଆଯିବ ବୋଲି ଆଜି ରତ୍ନଭଣ୍ଡାର ସବକମିଟିର ଆଲୋଚନା କ୍ରମେ ନିଷ୍ପତ୍ତି ନିଆଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନରେ ରାଜ୍ୟର ଉପକୃତ ହେବେ ଦେଢ଼ କୋଟି ମହିଳା

ଭୁବନେଶ୍ୱର,୧୭/୦୯(ଆ.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟପ୍ରଦେଶର ଧାର୍ ଠାରେ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନର ଦେଶବ୍ୟାପୀ ଶୁଭାରମ୍ଭ କରିଛନ୍ତି । ମହିଳା ମାନଙ୍କ ସ୍ୱାସ୍ଥ୍ୟ, ପୋଷଣ ଉପରେ ଫୋକସ ହୋଇଥିବା ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଅନୁଷ୍ଠିତ ହେଉଛି । ଏହି ଅବସରରେ ଆଜି ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡିହୋଇଥିଲେ । କାର୍ଯ୍ୟକ୍ରମରେ ଆୟୋଜିତ ହେଲଥ୍ ସ୍କ୍ରିନିଂ ଷ୍ଟଲ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରି ବୁଲି ଦେଖିଥିଲେ ।

ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ରାଜ୍ୟପାଳ ଡଃ ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଧାୟକ ଓ ନେତୃମଣ୍ଡଳୀ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ସହ ଯୋଡିହୋଇଥିଲେ । କାର୍ଯ୍ୟକ୍ରମ ପରେ ଗଣମାଧ୍ୟମକୁ ବିବୃତ୍ତି ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିବସ ମହିଳାଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ଶୁଭଙ୍କର ଦିନ । ଗତ ବର୍ଷ ଏହି ଦିବସରେ ମୋଦୀଜୀ ଓଡିଶାର ମା' ମାନଙ୍କ ପାଇଁ ସୁଭଦ୍ରା ଯୋଜନାର ଶୁଭାରମ୍ଭ କରିଥିଲେ ଆଉ ଆଜି ସାରା ଦେଶର ମା' ମାନଙ୍କ ପାଇଁ ସୁସ୍ଥ ନାରୀ-ସଶକ୍ତ ପରିବାର ଅଭିଯାନ ଆରମ୍ଭ କରିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ଆର୍ଥିକ ସଶକ୍ତୀକରଣ ପର୍ଯ୍ୟନ୍ତ ନାରୀ ଜୀବନର ପ୍ରତ୍ୟେକ ଫେଜ୍ ?ରେ ମୋଦୀଜୀଙ୍କ ଯୋଜନା ସେମାନଙ୍କୁ ସହଯୋଗର ହାତ ବଢ଼ାଇଛି । ଉଜ୍ଜ୍ୱଳା ଯୋଜନା, କିଶୋରୀ ଶକ୍ତି ଯୋଜନା, ନୟୀ ରୋସ୍‌ନୀ ଯୋଜନା, ବେଟି ବଚାଓ ବେଟି ପଢାଓ, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ପରି ଅନେକ ଯୋଜନା ମହିଳାଙ୍କ ଜୀବନରେ ବ୍ୟାପକ ପରିବର୍ତ୍ତନ ଆଣିଛି । ସେ ପୁଣି କହିଥିଲେ, ଏହି ଅଭିଯାନରେ ମହିଳା ସ୍ୱାସ୍ଥ୍ୟ, ପୋଷଣ, ଉପଯୁକ୍ତ ଖାଦ୍ୟ ପାନୀୟ ସମ୍ପର୍କରେ ସଚେତନତା କ୍ୟାମ୍ପେନ କରାଯିବ । ରକ୍ତ ଦାନ ଶିବିର ମଧ୍ୟ ଆୟୋଜନ କରାଯିବ । ଏହି ଅଭିଯାନ ମାଧ୍ୟମରେ ଉଚ୍ଚରକ୍ତଚାପ, ମଧୁମେହ, କର୍କଟ, ରକ୍ତହୀନତା, ଯକ୍ଷ୍ମା, ସିକିଲସେଲ୍ ଆଦି ରୋଗ ସହ ମାତୃ ସ୍ୱାସ୍ଥ୍ୟ ଓ କିଶୋରୀ ସୁସ୍ଥତା ସମ୍ବନ୍ଧିତ ରୋଗ ଗୁଡ଼ିକ ଚିହ୍ନଟ କରିବା ପାଇଁ ସ୍କ୍ରିନିଂ କରାଯିବ ଏବଂ ଚିକିତ୍ସା ପାଇଁ ବ୍ୟବସ୍ଥା ମଧ୍ୟ କରାଯିବ । ରାଜ୍ୟର ୩୦ଟି ଜିଲ୍ଲାରୁ ୧.୫ କୋଟି ମା ଓ ଭଉଣୀ ଏହି ଅଭିଯାନ ଜରିଆରେ ଉପକୃତ ହେବେ । ଏଥିପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ହୋଇଛି । ଏହି ଅଭିଯାନରେ ଆଜି ଦିନ ୧.୩୦ ସୁଦ୍ଧା ରାଜ୍ୟରେ ୭୦ ହଜାରରୁ ଊର୍ଦ୍ଧ୍ୱ ମା ଓ ଭଉଣୀ ମାନଙ୍କ ବିଭିନ୍ନ ଶିବିରରେ ସ୍କ୍ରିନିଂ କରାଯାଇ ଓଡ଼ିଶା ଦେଶରେ ଚତୁର୍ଥ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ କହିଥିଲେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ଏହି ଯୋଜନା ଦ୍ୱାରା ନାରୀ ଓ ଶିଶୁ ସ୍ୱାସ୍ଥ୍ୟ କ୍ଷେତ୍ରର ସୂଚକାଙ୍କ ଗୁଡିକରେ ଆହୁରି ଉନ୍ନତି ଆସିବ ଏବଂ ସାରା ଦେଶରେ ସୁସ୍ଥ ସମାଜ ଗଠନ ଦିଗରେ ଏହା ଅତ୍ୟନ୍ତ ପ୍ରଭାବଶାଳୀ ସାବ୍ୟସ୍ତ ହେବ ।

ମୋଦୀଙ୍କ ଜନ୍ମ ଦିବସ ଅବସରରେ ଶୁଭେଚ୍ଛା ଜଣାଇଲେ ଓଡ଼ିଶାର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୭/୦୯(ଆ.ପ୍ର):ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମ ଦିବସ ଅବସରରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି । ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ । ତାଙ୍କର ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଭାରତକୁ ପରିବର୍ତ୍ତନର ପଥ ଦେଇ ଗତି କରାଇଛି - ଗରିବଙ୍କୁ ସଶକ୍ତ କରିବା, ଭିତ୍ତିଭୂମିର ଆଧୁନିକୀକରଣ କରିବା ଏବଂ ବିଶ୍ୱ ସ୍ତରରେ ଭାରତର ପ୍ରତିଷ୍ଠାକୁ ବୃଦ୍ଧି କରିବା । ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦୀର୍ଘ ଜୀବନ ପାଇଁ ପ୍ରାର୍ଥନା କରୁଛି ।

ଠିକ୍ ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ହାର୍ଦ୍ଦିକ ଶୁଭେଚ୍ଛା । ଆପଣଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଭାରତକୁ ନୂତନ ଗତି ଏବଂ ଦିଗଦର୍ଶନ ଦେଇଛି । ଆପଣଙ୍କ ମାର୍ଗଦର୍ଶନରେ ଓଡ଼ିଶା ସମେତ ସାରା ଦେଶରେ ଐତିହାସିକ ବିକାଶ ସଫଳତା ସମ୍ଭବ ହୋଇପାରିଛି । ମୁଁ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟ, ଦୀର୍ଘ ଜୀବନ ଏବଂ ନିରନ୍ତର ଶକ୍ତି ପ୍ରଦାନ କରନ୍ତୁ, ଯାହା ଦ୍ୱାରା ଆପଣ ଦେଶ ସେବାର ଏହି ମହାନ କାର୍ଯ୍ୟକୁ ଆଗକୁ ବଢ଼ାଇ ପାରିବେ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆମ ଦେଶର ଲୋକପ୍ରିୟ ଜନନେତା ମାନ୍ୟବର ପ୍ରଧାନମନ୍ତ୍ରୀଙ୍କୁ ସାଢେ ୪ କୋଟି ଓଡ଼ିଆ ଭାଇ ଭଉଣୀମାନଙ୍କ ତରଫରୁ 'ଜନ୍ମଦିନ'ର ଅନେକ ଶୁଭେଚ୍ଛା ଓ ଶୁଭକାମନା । ଆପଣଙ୍କର ଅକ୍ଳାନ୍ତ କଠିନ ପରିଶ୍ରମ, ଅନନ୍ୟ ଦୃଷ୍ଟିକୋଣ ଏବଂ ଭାରତ ମାତାଙ୍କ ପ୍ରତି ସମର୍ପଣ ଲକ୍ଷ ଲକ୍ଷ ଗରିବ, ବଞ୍ଚିତ ଏବଂ ଶୋଷିତ ପରିବାରକୁ ସମ୍ମାନ ଏବଂ ସ୍ୱାଭିମାନରେ ପରିପୂର୍ଣ୍ଣ ଜୀବନ ସୁନିଶ୍ଚିତ କରି ଏକ 'ବିକଶିତ ଭାରତ'ର ଦୃଢ଼ ମୂଳଦୁଆ ସ୍ଥାପନ କରିଛି । ମୁଁ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ଯେ ସେ ଆପଣଙ୍କୁ ଦୀର୍ଘ ଜୀବନ, ଉତ୍ତମ ସ୍ୱାସ୍ଥ୍ୟ ଏବଂ ଅନନ୍ତ ଶକ୍ତି ପ୍ରଦାନ କରନ୍ତୁ, ଏବଂ ଆମେ ଆପଣଙ୍କ ମାର୍ଗଦର୍ଶନ ପାଇବା ଜାରି ରଖିବୁ ।

ଆଜିଠୁ ଆରମ୍ଭ ହେବ ବିଧାନସଭାରେ ମୌସୁମୀ ଅଧିବେଶନ

ଭୁବନେଶ୍ୱର,୧୭/୦୯(ଆ.ପ୍ର): ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି ବିଧାନସଭା ମୌସୁମୀ ଅଧିବେଶନ । ଏଥିପାଇଁ କମିଶନରେଟ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ପୁଲିସ ଡିଜି ସୁରକ୍ଷା ବ୍ୟବସ୍ଥାର ଯାଞ୍ଚ କରିଛନ୍ତି । ଅଧିବେଶନ ସମୟରେ ୩ ଥାକିଆ ସୁରକ୍ଷା ବ୍ୟବସ୍ଥା ରହିବ ବୋଲି ସେ ଜଣାଇଛନ୍ତି । କରାଯାଇଥିବା ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ଦେଇ ପୁଲିସ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଓ ପୁଲିସ କମିଶନର ସୁରେଶ ଦେବଦତ୍ତ ସିଂହ କହିଛନ୍ତି ଯେ, ମୌସୁମୀ ଅଧିବେଶନ ପାଇଁ ୩୦ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବା ସହ ଷ୍ଟ୍ରାଇକିଂ ଫୋର୍ସ, ଏସ୍‌ଟିୟୁ, ବୋମା ନିଷ୍କ୍ରିୟକାରୀ ଦଳ, ଡଗ୍ ସ୍କ୍ୱାଡ ଓ ଅଗ୍ନିଶମ ବିଭାଗ ମଧ୍ୟ ଦାୟିତ୍ୱରେ ରହିବେ ।ସେହିପରି ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ବିଭିନ୍ନ ସ୍ଥାନରେ ସିସିଟିଭି ଖଞ୍ଜା ଯାଇଛି । ୫ଟି ଅସ୍ଥାୟୀ ପୁଲିସ କଣ୍ଟ୍ରୋଲ୍ ରୁମ୍ ମଧ୍ୟ ଖୋଲାଯାଇଛି । କଣ୍ଟ୍ରୋଲ୍ ରୁମ୍‌ରେ ପ୍ରତିଟି ଦିଗ ଉପରେ ନଜର ରଖାଯାଇ ସ୍ଥିତି ନିୟନ୍ତ୍ରଣ କରାଯିବ। ୧୫୦ଅଧିକାରୀ ଦାୟିତ୍ୱରେ ରହି ସ୍ଥିତି ଉପରେ ନଜର ରଖିବେ । ଦୁହେଁ ଆହୁରି କହିଛନ୍ତି ଯେ, ଅଧିବେଶନ ଆରମ୍ଭ ପୂର୍ବରୁ ବିଧାନସଭା ଓ ଆଖପାଖ ଅଞ୍ଚଳକୁ ପୁଲିସ ଛାଉଣି କରାଯିବା ସହ ବ୍ୟାରିକେଡିଂ କରାଯାଇଛି । ତ୍ରିସ୍ତରୀୟ ସୁରକ୍ଷା ବଳୟ ଭିତରେ ରହିବ ବିଧାନସଭା । ଲୋୟର ପିମଜିରେ ୧୪୪ ଧାରା ଜାରି କରାଯିବ । ସିସିଟିଭି ସର୍ଭିଲାନସ ଦ୍ୱାରା ବିଧାନସଭା ଓ ତାକୁ ଲାଗିରହିଥିବା ସଂଲଗ୍ନ ସ୍ଥାନଗୁଡିକୁ ରଖାଯିବ । ଏହା ସହିତ ସମ୍ପୂର୍ଣ୍ଣ ପୁଲିସ୍ ପ୍ରଶାସନର କଡ଼ା ନଜରରେ ରହିବ ବିଧାନସଭା ।

୨୩ରେ ମୂଳ ରତ୍ନଭଣ୍ଡାରକୁ ମହାପ୍ରଭୁଙ୍କ ଅଳଙ୍କାର ସ୍ଥାନାନ୍ତର

ଭୁବନେଶ୍ୱର,୧୭/୦୯(ଆ.ପ୍ର): ଆସନ୍ତା ୨୩ ତାରିଖରେ ମୂଳ ରତ୍ନଭଣ୍ଡାରକୁ ସ୍ଥାନାନ୍ତର କରାଯିବ ମହାପ୍ରଭୁଙ୍କ ଅଳଙ୍କାର । ସେହିଦିନ ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଯଦି ଏହା ଗୋଟିଏ ଦିନରେ ସମ୍ପନ୍ନ ନ ହୁଏ, ତେବେ ୨୪ ତାରିଖରେ ପୁନର୍ବାର ସ୍ଥାନାନ୍ତର କରାଯିବ ବୋଲି ରତ୍ନଭଣ୍ଡାର ସବକମିଟି ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି । ଅଳଙ୍କାର ସ୍ଥାନାନ୍ତର ଲାଗି ଭୋର ୪ଟାରୁ ଦ୍ୱାରଫିଟା ହେବ । ଏହା ପରେ ଅମୃତ ବେଳା ଅନୁସାରେ ରତ୍ନ ସ୍ଥାନାନ୍ତର କରାଯିବ । ଏଥିପାଇଁ ଉକ୍ତ ଦିନ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ଉପରେ କଟକଣା ରହିବ । ସମସ୍ତ ଅଳଙ୍କାର ସ୍ଥାନାନ୍ତର କରାଯିବା ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରତ୍ନଭଣ୍ଡାର ତାଲା ପକାଯିବ । ଏହା ପରେ ସେହି ଚାବିକୁ ଟ୍ରେଜେରିରେ ଦାଖଲ କରାଯିବ । ରତ୍ନଭଣ୍ଡାର ଅଳଙ୍କାର ଗଣତି ମଣତି ଉପରେ ପରିଚାଳନା କମିଟି ନିଷ୍ପତ୍ତି ନେବ ବୋଲି ପାଢ଼ୀ କହିଛନ୍ତି । ଗଣତି ମଣତି ସମୟରେ ୧୯୭୮ ମସିହା ରତ୍ନ ଅଳଙ୍କାର ତାଲିକା ସହିତ ମେଳକ କରାଯିବ । ଏନେଇ ବ୍ୟାପକ ପ୍ରସ୍ତୁତି ମଧ୍ୟ ଆରମ୍ଭ କରାଯାଇଥିବା ସୂଚନା ମିଳିଛି ।

ମହିଳା କନେଷ୍ଟବଳ ହତ୍ୟା ମାମଲା: ବିଧାନସଭା ଘେରିବ ମହିଳା କଂଗ୍ରେସ

ଭୁବନେଶ୍ୱର,୧୭/୦୯(ଆ.ପ୍ର): ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ସାହୁଙ୍କ ହତ୍ୟା ମାମଲାକୁ ନେଇ ମହିଳା କଂଗ୍ରେସ ଆସନ୍ତା ୨୪ ତାରିଖରେ ବିଧାନସଭା ଘେରାଉ କରିବ । ମହିଳାଙ୍କ ସୁରକ୍ଷାକୁ ନେଇ ବିଧାନସଭା ଘେରିବାକୁ ମହିଳା କଂଗ୍ରେସ ସଜବାଜ ହୋଇଯାଇଛି । ରାଜ୍ୟରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି । ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ନିଖୋଜ ହେବା ଏବଂ ପରେ ତାଙ୍କର ହତ୍ୟା ଖବର ସମ୍ନାକୁ ଆସିବା ଘଟଣାରେ କଂଗ୍ରେସର ଗଠିତ ହୋଇଥିବା ପିସିସି ତଥ୍ୟ ଅନୁଧ୍ୟାନକାରି ୮ ଜଣିଆ କମିଟି ପୀଡ଼ିତାଙ୍କ ଘରକୁ ଯାଇଥିଲେ ।

ବିଧାନସଭା ଘେରିବା ପୂର୍ବରୁ କଂଗ୍ରେସ କହିଛି, ରକ୍ଷକ ଏଠି ଭକ୍ଷକ ସାଜିଛି । ରାଜ୍ୟରେ ମହିଳା ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇଯାଇଛି । ଟ୍ରାଫିକ କନେଷ୍ଟବଳ ଶୁଭମିତ୍ରା ନିଖୋଜ ହେବା ଏବଂ ପରେ ତାଙ୍କର ହତ୍ୟା ଖବର ସମ୍ନାକୁ ଆସିବା ଘଟଣାରେ କଂଗ୍ରେସର ଗଠିତ ହୋଇଥିବା ପିସିସି ତଥ୍ୟ ଅନୁଧ୍ୟାନକାରି ୮ ଜଣିଆ କମିଟି ପୀଡ଼ିତାଙ୍କ ଘରକୁ ଯାଇଥିଲେ । ସିପି ଅଫିସ, କମିସନର ଅଫିସ, କ୍ୟାପିଟାଲ ଥାନା ଏବଂ ଟ୍ରାଫିକ ଥାନା ଯାଇଲେ । ପୀଡ଼ିତାଙ୍କୁ ନ୍ୟାୟ, ତାଙ୍କ ପରିବାର ଲୋକଙ୍କୁ ୫୦ ଲକ୍ଷ ଟଙ୍କାର କ୍ଷତି ପୂରଣ ଏବଂ ମୃତକଙ୍କ ଭାଇଙ୍କୁ ଚାକିରି ଦେବାକୁ ସରକାରଙ୍କ ପାଖରେ କଂଗ୍ରେସ ଦାବି କରିଛି । ସୂଚନାଯୋଗ୍ୟ, ଗତ ୬ ତାରିଖ ଦିନ ଶୁଭମିତ୍ରା ଡିସିପି କାର୍ଯ୍ୟାଳୟକୁ ଡ୍ୟୁଟି କରିବାକୁ ଯାଇଥିଲେ । ସନ୍ଧ୍ୟା ୭ଟାରେ ଭଡ଼ା ଘରକୁ ଫେରିଥିଲେ । ଏହାପରଠୁ ତାଙ୍କର ମୋବାଇଲ ସୁଇଚଅଫ୍ ହୋଇଯାଇଥିଲା । ଦୁଇ ଦିନ କାଳ ଯୋଗାଯୋଗ ନହେବାରୁ ତାଙ୍କ ବାପା ଆସି ଖୋଜାଖୋଜି କରିବା ସହ କ୍ୟାପିଟାଲ ଥାନାରେ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ । ପୁଲିସ ମାମଲାକୁ ଗୁରୁତ୍ୱର ସହ ଗ୍ରହଣ କରି ତଦନ୍ତ ସମୟରେ କଲ୍ ଡିଟେଲ୍ସରୁ ଅଭିଯୁକ୍ତ ପ୍ରେମିକ କନେଷ୍ଟବଳଙ୍କ ବାବଦରେ ଜାଣିବାକୁ ପାଇଥିଲା । ତାଙ୍କୁ ମାରାଥନ ଜେରା କରିବା ପରେ ସେ ପୁଲିସ ଆଗରେ ସବୁ ସତ ମାନିଥିଲା । ଅଭିଯୁକ୍ତ ଦୀପକ ପୁଲିସ ଆଗରେ କହିଛି, ଭୁବନେଶ୍ୱରରୁ ଉଣ୍ଡି ଟିପି ହତ୍ୟା କରିବା ପରେ, ନେଇଥିଲା କେଉଁଝର ଓ ହତ୍ୟାରେ ବ୍ୟବହୃତ କାର ଜବତ କରି ଖୋଳତାଡ଼ ଆରମ୍ଭ କରୁଛି କ୍ୟାପିଟାଲ ଥାନା ପୁଲିସ୍ ଓ ଅଭିଯୁକ୍ତ ଗିରଫ ହୋଇଛି । ଶୁଭମିତ୍ରାଙ୍କ ଗଳିତ ମୃତଦେହ ଆଜି ଅପରାହ୍ଣରେ କେନ୍ଦୁଝର ଜିଲ୍ଲା ଘଟଗାଁସ୍ଥିତ ଏକ ଜଙ୍ଗଲ ଭିତର ମାଟିତଳୁ ଉଦ୍ଧାର ହୋଇଛି ।

ଜିଲ୍ଲା ସ୍ତରୀୟ ଏକ ପେଡ ମା କେ ନାମ ୨.୦ ଚାରା ରୋପଣ ଅଭିଯାନ

ନବରଙ୍ଗପୁର, ୧୭/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ପ୍ରଶାସନ, ପଂଚାୟତିରାଜ ଓ ପାନୀୟଜଳ ବିଭାଗ ତଥା ଜଙ୍ଗଲ ପରିବେଶ ବିଭାଗ ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ "ଏକ ପେଡ ମା କେ ନାମ ୨.୦" ଚାରା ରୋପଣ ଅଭିଯାନ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ (ଲୋକସଭା)ବଳଭଦ୍ର ମାଝି ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ବୃକ୍ଷ ଚାରା ରୋପଣ କରିଥିଲେ ଏବଂ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ଏଥିରେ ମାନ୍ୟବର ବିଧାୟକ ନବରଙ୍ଗପୁର ଗୌରୀ ଶଙ୍କର ମାଝୀ, ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ, ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଂଟିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଂଚି ନାରାୟଣ ଦରଧାନ ଡି ଏଫ୍ ଓ ଶୁଭେନ୍ଦୁ କୁମାର ବେହେରା, ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କର୍ମଚାରୀ ଉପସ୍ଥିତ ଥିଲେ । ନବରଙ୍ଗପୁର ଜିଲ୍ଲାରେ ୨,୬୩,୨୧୦ ଚାରା ରୋପଣ କାର୍ଯ୍ୟକ୍ରମ ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି । ସମସ୍ତଙ୍କୁ ଏକ ଦିବସୀୟ ବୃହତ ଚାରା ରୋପଣ ଅଭିଯାନକୁ ସଫଳ କରିବା ସହିତ ଏକ ଫଟୋ ଉଠାଇ ମେରି ଲାଇଫ ପୋର୍ଟାଲ ରେ ଅପଲୋଡ କରିବାକୁ ଅନୁରୋଧ କରାଯାଇଥିଲା । ସାଂସଦ ବଳଭଦ୍ର ମାଝି ବର୍ତ୍ତମାନର ଅସନ୍ତୁଳିତ ପ୍ରଦୂଷଣ ପରିବେଶରୁ ରକ୍ଷା ପାଇବାପାଇଁ ସୁସ୍ଥ ଅମ୍ଳଜାନ ଓ ସବୁଜ ପରିବେଶର ଆବଶ୍ୟକତା ରହିଛି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୭୫ ତମ ଜନ୍ମଦିବସକୁ ସ୍ମରଣୀୟ କରିବା ସହିତ ଏକ ସବୁଜ ସୁନ୍ଦର ଧରିତ୍ରୀର ସ୍ୱପ୍ନକୁ ସାକାର କରିବାପାଇଁ ମାଙ୍କ ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରିବାକୁ କହିଥିଲେ । ଏହାପରେ ମୁଖ୍ୟ ଅତିଥିଙ୍କ ସମସ୍ତେ ବନ ବିଭାଗର ମୀୟାୱାକି ନିକଟସ୍ଥ ଔଷଧୀୟ ବଗିଚାକୁ ଯାଇ ବୃକ୍ଷ ଚାରା ରୋପଣ କରିଥିଲେ । ଏହି ଅବସରରେ ମାନ୍ୟବର ସାଂସଦ ଶିରିଡ଼ି ସାଇ ମନ୍ଦିର ନିକଟସ୍ଥ ଚିରାୟୁ ମେଡିକାଲ ରେ ଅନୁଷ୍ଠିତ ଡେରାପଲ୍ଲୁ ଯୁବକ ପରିଷଦ ଦ୍ୱାରା ଆୟୋଜିତ ରକ୍ତ ଦାନ ଶିବିରକୁ ଉଦ୍ଘାଟନ କରିବା ସହ ରକ୍ତ ଦାନ କରିଥିଲେ ।ଏହି ଅବସରରେ ସାଂସଦ ଡ଼ାକ୍ତ ଗାଁ ସି ଏଚ ସି ରେ ଅନୁଷ୍ଠିତ ଆଜି ଆରମ୍ଭ ହୋଇ ଥିବା 'ସୁସ୍ଥ ନାରୀ ସଶକ୍ତ ପରିବାର' ଅଭିଯାନ କାର୍ଯ୍ୟକ୍ରମରେ ଯୋଗ ଦେଇ ଥିଲେ । ଆଜି ଜିଲ୍ଲାର ସମସ୍ତ ପଂଚାୟତ, ଗ୍ରାମ, ଶିକ୍ଷାନୁଷ୍ଠାନ, ବ୍ଲକ୍, ପୌରପାଳିକା ସ୍ତରରେ ସାମୁହିକ ଭାବରେ ବୃକ୍ଷ ଚାରା ରୋପଣ କରାଯାଇଛି । ଏଥିରେ ଜନ ପ୍ରତିନିଧି, ଜିଲ୍ଲା ପରିଷଦ ସଭ୍ୟ, ପଂଚାୟତ ସମିତି ସଭ୍ୟ,ସମିତି ସଭ୍ୟ, ସରପଂଚ, ମହା ବିଦ୍ୟାଳୟ ଓ ବିଦ୍ୟାଳୟ ଶିକ୍ଷକ, ଛାତ୍ର ଛାତ୍ରୀ, ଅଙ୍ଗନବାଡି କର୍ମୀ, ଆଶା କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ, ବନ ସମିତି, ସରକାରୀ କର୍ମଚାରୀ, ସ୍ୱେଚ୍ଛାସେବୀ ସଂସ୍ଥା କର୍ମକର୍ତ୍ତା, ଜନ ସାଧାରଣ ସାମିଲ ହୋଇଥିଲେ । ଅଭୂତପୂର୍ବ ଆନନ୍ଦ ସମାରୋହରେ ଏକ ସବୁଜ ସୁନ୍ଦର ଓ ସୁସ୍ଥ ପରିବେଶର ଆଶା ରଖି ସମସ୍ତେ ଉତ୍ସାହର ସହ ଚାରା ରୋପଣ କରିଥିଲେ । ଆଜି ଜିଲ୍ଲାରେ ୭୮୪୪ ଟି ଚିହ୍ନଟ ବୃକ୍ଷ ରୋପଣ ସ୍ଥାନ ରେ ମୋଟ ୩,୪୮,୧୨୧ ଚାରା ରୋପଣ କରାଯାଇ ରେକର୍ଡ ସ୍ଥାପନ କରଯାଇଛି ଯାହାକି ୧୩୨.୨୬ ପ୍ରତିଶତ ଅଟେ ।ଜିଲ୍ଲାପାଳ ଏହି ଏକ ଦିବସୀୟ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସଂପୃକ୍ତ ସମସ୍ତ ଅଧିକାରୀ, କର୍ମଚାରୀ, ବ୍ୟକ୍ତି ବିଶେଷ, ଅନୁଷ୍ଠାନଙ୍କୁ ଧନ୍ୟବାଦ୍ ଦେଇଥିଲେ ।

ସମୀର ଗୁରୁଜୀଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ନିଆଳି ବ୍ଲକ, ଦେବୀଜନ୍ଦନ ଦ୍ୱିପଂଚଳର ବଡ଼ିଆସାହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗୁରୁଜୀ ସମୀର ସାରଙ୍କ ଏକାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ସେଠାସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଥିଲା । ଗୋପୀନାଥଜୀଉ ଯୁବପରିଷଦ, ବଜରଙ୍ଗୀ ଟ୍ରଷ୍ଟ ଆବାହକଦ୍ ଓ ସି, ଭି, ପି, ସହଯୋଗରେ ଆୟୋଜିତ ସଭାରେ ଶିକ୍ଷାବିତ ତଥା ନିଆଳି ପ୍ରାଥମିକ ଶିକ୍ଷକ ସଂଘର ସଭାପତି ରମାକାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଶିଶୁମନ୍ଦିର ସମସ୍ତ ଗୁରୁଜୀ, ଗୁରୁମା ଓ ଗ୍ରାମବାସୀମାନେ ସଭାରେ ଅଂଶଗ୍ରହଣ କରିଥିଲେ । ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା, କଟକଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ଏରଂଟଙ୍କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରାମଚନ୍ଦ୍ର ପଣ୍ଡା, ଦ୍ୱିପଂଚଳ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ପ୍ରେମାନନ୍ଦ ମହାପାତ୍ର, ଅବସର ପ୍ରାପ୍ତ ଶିକ୍ଷକନେତା,, ନନିରଞ୍ଜନ ବେହେରା, ସମାଜସେବୀ ହୃଦାନନ୍ଦ ସ୍ୱାଇଁ, ପ୍ରମୋଦ ସାହାଣୀ, ଶଶିକାନ୍ତ ଲେଙ୍କା, ପୂର୍ବତନ ସରପଂଚ ଅନିରୁଦ୍ଧ ମଲ୍ଲିକ, ପ୍ରବଚକ ସନ୍ୟାସୀ ପଣ୍ଡା ଅନ୍ତର୍ଯ୍ୟାମୀ ବଡ୍ର, ପ୍ରଶାନ୍ତ ସ୍ୱାଇଁ, ମିଟୁ ବଡୁ ପ୍ରମୁଖ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ସମୀର ଗୁରୁଜୀଙ୍କ ସ୍ମୃତିଚାରଣ କରିଥିଲେ । ପୂର୍ବତନ ସରପଂଚ ସରୋଜ ସ୍ୱାଇଁ ସଭାକୁ ସଂଯୋଜନା କରିଥିବାବେଳେ ଶିକ୍ଷକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ପୂଜ୍ୟପୂଜାର ଏଭଳି ପ୍ରୟାସକୁ ସାଧାରଣରେ ପ୍ରଂଶସା କରାଯାଇଛି ।

ବାଇଗଣବାଡିରେ ଏକ ପେଡ୍ ମାଆ କେ ନାମ୍ ୨.୦ କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି , ୧୭/୦୯ (ଆ.ପ୍ର) : ମାନ୍ୟବର ପ୍ରଧାମନ୍ତ୍ରୀଙ୍କ ଜନ୍ମ ଦିନରେ ବୃକ୍ଷଟିଏ ରୋପଣ କରି ମାନ୍ୟବର ପ୍ରଧାମନ୍ତ୍ରୀଙ୍କୁ ଉପହାର ଦେବା ଉଦ୍ଦେଶ୍ୟ ନେଇ କୁକୁଡ଼ାଖଣ୍ଡି ବ୍ଲକ୍ ଅନ୍ତର୍ଗତ ବାଲିପଡ଼ା ପଂଚାୟତର ବାଇଗଣବାଡ଼ି ଗ୍ରାମର ଖେଳ ପଡିଆ ପରିସରରେ ମାଁ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସ୍ଥାନୀୟ ଦିଗପହଣ୍ଡି ବିଧାୟକ ଡ଼ଃ ସିଦ୍ଧାନ୍ତ ମହପାତ୍ର ଯୋଗ ଦେଇ 'ଏକ ପେଡ୍ ମାଆ କେ ନାମ୍' ସ୍ଲୋଗାନ ଦେଇ ବୃକ୍ଷ ରୋପଣ କରିଥିଲେ । ଏବଂ ଉପସ୍ଥିତ ଅନ୍ୟ ମାନଙ୍କୁ ମାଆଙ୍କ ନାମରେ ବୃକ୍ଷ ରୋପଣ କରିବା ପାଇଁ ନିବେଦନ କରିଥିଲେ । ଗଛ ଲଗାଇ ଏହାର ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ବ୍ଲକ୍ ଉପାଧ୍ୟକ୍ଷା ବିଷ୍ଣୁପ୍ରିୟା ପାତ୍ର, ବିଡ଼ିଓ ଡ଼ଃ ପଲ୍ଲବୀ ସ୍ୱାଇଁ, ସାଂସଦ ପ୍ରତିନିଧି ସନ୍ତୋଷ ଚୌଧୁରୀ, ସରପଂଚ ଝିଲି ସେଠୀ, ଜତିନ୍ଦ୍ର ପାତ୍ର, ରଜିତ୍ ପାତ୍ର, ଉଦୟ ବେହେରା, କୈଳାଶ ବିଶୋୟୀ, ନିରଞ୍ଜନ ରେଡି, ଜିପିଓ ସୁପ୍ରଭା ସାହୁ, ଟି ରଘୁ ପାତ୍ର, ଜୀତେନ୍ଦ୍ର ସେଠୀ, କବିର ଡାକୁଆ, ସତ୍ୟବାନ୍ ବିଶୋୟୀ, ପ୍ରମୋଦ ନାୟକ, ପ୍ରସନ୍ନ ପାତ୍ର, ମଂଟୁ ପାତ୍ର, ରୋହିତ ଦାସ, ଗୋବିନ୍ଦ ବିଶୋୟୀ, ସନ୍ତୋଷ ଗୌଡ, ବୃନ୍ଦାବନ କୋଠିଆ, ପିଇଓ ମିତେଶ କୁମାର ମହାନ୍ତି, ଜିଆରଏସ୍ ମିନତି ସାହୁଙ୍କ ସମେତ ଏମବିକେ, ସିଆରପି ପ୍ରମୁଖ ଉପସ୍ଥିତ ଥିଲେ ।

ମାଁ ପାଇଁ ବୃକ୍ଷ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ଯାଜପୁର, ୧୭/୦୯ (ଆ.ପ୍ର) : ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀଙ୍କ ଜନ୍ମ ଦିନ ସେପ୍ଟମ୍ବର ୧୭ ତାରିଖ ଠାରୁ ମହାତ୍ମାଗାନ୍ଧୀଙ୍କ ଜୟନ୍ତୀ ଅକ୍ଟୋବର ୨ ତାରିଖ ଦୀର୍ଘ ୧୫ ଦିନ ବ୍ୟାପୀ ସେବା ପକ୍ଷ ଅବସରରେ ବିଜେପି କୃଷକ ମୋର୍ଚ୍ଚା ଯାଜପୁର ଜିଲ୍ଲାରେରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଏବଂ ଘରେ ଘରେ ବୃକ୍ଷ ଚାରା ରୋପଣ କରିବ । ଏହି ଅବସରରେ ଆଜି ବିଜେପି କୃଷକ ମୋର୍ଚ୍ଚା ଏକ ଜିଲ୍ଲା ସ୍ତରୀୟ କର୍ମଶାଳା ଯାଜପୁର ଟାଉନ ସ୍ଥିତ ସର୍କିଟହାଉସ ଠାରେ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀ ପାଣ୍ଡବ ଚନ୍ଦ୍ର ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦାନ କରିଥିଲେ । ଏହି କର୍ମଶାଳା କୁ ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ । ଯାଜପୁର ଜିଲ୍ଲା ରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ କୁ ସଫଳତାର ସହିତ ସମସ୍ତ କାର୍ଯ୍ୟକର୍ତ୍ତା ମାନେ ଘରକୁ ଘର ଯାଇ ଲୋକ ସମ୍ପର୍କ କରି ବୃକ୍ଷ ରୋପଣ କରିବା ଆହ୍ୱାନ ଦେଇଥିଲେ । ତତସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୃଷକ କଲ୍ୟାଣକାରୀ ଯୋଜନା ର ଲାଭ ସମସ୍ତ ଚାଷୀ ମାନେ କିପରି ପାଇବେ ସେଥିପାଇଁ କୃଷକ ମୋର୍ଚ୍ଚା ର କାର୍ଯ୍ୟକର୍ତ୍ତା ମାନେ କାମ କରିବାକୁ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ ଙ୍କ ୭୫ ତମ ଜନ୍ମ ଦିନରେ ରାଜ୍ୟ ସରକାର ୭୫ ଲକ୍ଷ ବୃକ୍ଷ ଚାରା ରୋପଣ କରିବା ଯେଉଁ ନିଷ୍ପତି ନେଇଛନ୍ତି ତାର ସଫଳତା ପାଇଁ ବିଜେପି କୃଷକ ମୋର୍ଚ୍ଚା ନିଷ୍ଠାର ସହିତ କାମ କରିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ କହିଛନ୍ତି ।ଭାରତ ବର୍ଷର ଯଶସ୍ୱୀ ଲୋକପ୍ରିୟ ପ୍ରଧାନମନ୍ତ୍ରୀ ଶ୍ରୀମାନ ନରେନ୍ଦ୍ର ମୋଦୀ ଜୀ କୃଷି ଉପକରଣ, ଯନ୍ତ୍ରପାତି ଓ କୃଷି ଯାତ ଦ୍ରବ୍ୟ ରୁ ଜିଏସଟି ଛାଡ କରିଥିବାରୁ ଧନ୍ୟବାଦ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀ କାର୍ଯ୍ୟକ୍ରମ ସମସ୍ତ କାର୍ଯ୍ୟକର୍ତ୍ତା ମାନଙ୍କ ତରଫରୁ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଶ୍ରୀ ଅଶୁତୋଷ ପରିଡ଼ା , ପୂର୍ବତନ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ରାଜ୍ୟ ସଂଯୋଜକ ଶ୍ରୀ ଜିତେନ୍ଦ୍ର କୁମାର ବିଶ୍ୱାଳ, ରତିକାନ୍ତ ରାଜବଂଶୀ, ରମେଶ ଚନ୍ଦ୍ର ରାଉତ, କଳିଙ୍ଗ ମହାନ୍ତି, ଭୁବନାନନ୍ଦ ସାମଲ, ରଞ୍ଜିତ ଦୋରା, ମହେନ୍ଦ୍ର ପଟ୍ଟି, ସୁନାମରା ମାରାଣ୍ଡି, ଦୀଲିପ କୁମାର ଦେବତା, ସନ୍ତୋଷ କୁମାର ପତି, ପ୍ରଦୀପ କୁମାର ଜେନା, ଶରତ କୁମାର ସେଠୀ ପ୍ରମୁଖଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ଏକ ଦିବସୀୟ ସାମୁହିକ ବୃକ୍ଷରୋପଣ

ବାଲିଗୁଡ଼ା, ୧୭/୦୯:(ଆ.ପ୍ର.): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ସାରା ରାଜ୍ୟରେ ୭୫ ଲକ୍ଷ ବୃକ୍ଷରୋପଣ କରାଯାଉଛି । ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡରେ ଏକ ଦିବସୀୟ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବନଖଣ୍ଡର ୭ ଟି ବନାଂଚଳରେ ୨୫ ହଜାର ବୃକ୍ଷରୋପଣ କରାଯାଇଛି । ଏହି ଅବସରରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ ବୃକ୍ଷରୋପଣ କରିଥିବା ବେଳେ ବାଲିଗୁଡ଼ା ଏସଡିପିଓ ରମେନ୍ଦ୍ର ପ୍ରସାଦ, ତହସିଲଦାର ଦିପ୍ତିପ୍ରକାଶ ବେହେରାଙ୍କ ସମେତ ବିଏସ୍ଏଫ୍ କମାଣ୍ଡାଂଟ, ଜବାନ୍, ବାଲିଗୁଡ଼ା ବ୍ଲକ୍ ସାଂସଦ ପ୍ରତିନିଧି ରଞ୍ଜିତ୍ କୁମାର ସାହୁ, ନଗର ସାଂସଦ ପ୍ରତିନିଧି ଆଦିକନ୍ଦ ପଟ୍ଟନାୟକ, ନଗର ସଭାପତି ମନୋଜ କୁମାର ରଥ, ପୂର୍ବତନ ବିଜେପି ଜିଲ୍ଲା ସଭାପତି ଜଗନ୍ନାଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଚରଣ ଦାସ, ସାଧାରଣ ଜନତା, ଛାତ୍ରଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ୍ ହୋଇ ବୃକ୍ଷରୋପଣ କରିଛନ୍ତି । ଦିନକୁ ଦିନ ଜଳବାୟୁରେ ପରିବର୍ତ୍ତନ ଘଟୁଛି । ଜଳବାୟୁ ସନ୍ତୁଳନ କରିବା ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଜାରି ରହିଛି । ପ୍ରଧାନମନ୍ତ୍ରୀଙ୍କ ଜନ୍ମ ଦିନରେ ଏହି ଏକ ଦିବସୀୟ ସାମୁହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବିଷୟ କନ୍ଧମାଳ ସାଂସଦ ପ୍ରକାଶ କରିଛନ୍ତି ।

ବ୍ଲକ ଶିକ୍ଷକ ସଙ୍ଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

କୁକୁଡ଼ାଖଣ୍ଡି, ୧୭/୦୯ (ଆ.ପ୍ର) : ରାଜ୍ୟ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଆହ୍ୱାନ କ୍ରମେ କୁକୁଡ଼ାଖଣ୍ଡି ବ୍ଲକ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ଚାରିଗୋଟି ଦାବି ଯଥା ପ୍ରାଥମିକ ଶିକ୍ଷାରୁ ସିମାଟିକ ନିଯୁକ୍ତି ଉଚ୍ଛେଦ କରି ନିୟମିତ ଶିକ୍ଷକର ମାନ୍ୟତା ପ୍ରଦାନ, ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକ ମାନଙ୍କ ୬ ବର୍ଷର କର୍ଯ୍ୟକାଳକୁ ୬ଟି ନୋସନାଲ ଇନକ୍ରିମେଂଟ ଦେଇ ମୂଳ ଚାକିରୀରେ ଗଣନା କରିବା, ସମସ୍ତ ଲେଭେଲ - ଭି (ଏ) ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ୨୦୧୧ ମସିହା ପୂର୍ବ ନିଯୁକ୍ତି ଶିକ୍ଷକ ମାନଙ୍କ ପଦୋନ୍ନତି ନିମନ୍ତେ ଶିକ୍ଷକ ଯୋଗ୍ୟତା ବାଧ୍ୟତାମୂଳକ କରା ନଯାଉ ଓ ଶିକ୍ଷକ ମାନଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଲାଗୁ କରାଯାଉ ଦାବି ବ୍ଲକ ସଭାନେତ୍ରୀ ଶ୍ରୀମତୀ ଉଷା ରାଣୀ ସାହୁଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାରଙ୍କ ଉଦ୍ଦେଶ୍ୟରେ ଗୋଷ୍ଠୀ ଶିକ୍ଷା ଅଧିକାରୀ କୁକୁଡ଼ାଖଣ୍ଡିଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିପତ୍ର ପ୍ରଦାନ ସମୟରେ ଗଞ୍ଜାମ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ଶ୍ରୀଯୁକ୍ତ ହେମନ୍ତ କୁମାର ସେଠୀ, ରାଜ୍ୟ ସଙ୍ଘ ସହ ସମ୍ପାଦକ ମୁକ୍ତିରାମ ପାଣିଗ୍ରାହି, ବ୍ଲକ ସଂପାଦକ ଡ଼ଃ ସନାତନ ପ୍ରଧାନ, ଉପସଭାପତି ତ୍ରିପତି ପାଢ଼ୀ, କୋଷାଧ୍ୟକ୍ଷ ଉମା ଶଙ୍କର ନାୟକ, ଶିଶିର ପାଢ଼ୀ, ଲକ୍ଷ୍ମୀ କାନ୍ତ ଦାସ, ରମେଶ ଚନ୍ଦ୍ର ସେଠୀ, ମିନକେତନ ଦୋରା, ଶିବଶଙ୍କର ଚୌଧୁରୀ, ଅଶୋକ କୁମାର ସେଠୀ, ଇ ମମତା, ସବିତା ପାତ୍ର ସମେତ ବହୁ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ଆଗାମୀ ୨୦ ତାରିଖରେ ବିପୁଳ ମାତ୍ରାରେ ଭୁବନେଶ୍ୱର ବିଧାନସଭା ଆଗରେ ଆନ୍ଦୋଳନରେ ସମସ୍ତେ ଯୋଗଦେବା ପାଇଁ ସଙ୍ଘ ତରଫରୁ ବ୍ଲକର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରାଯାଇଥିଲା ।

ନୂଆପଡାରେ ଆରମ୍ଭ ହେଲା ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ନୂଆପଡା, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଙ୍କ ୭୫ ତମ ଜନ୍ମ ଦିବସ ଉପଲକ୍ଷେ ସେପ୍ଟେମ୍ବର ୧୭ ରୁ ସମଗ୍ର ଦେଶରେ ଆରମ୍ଭ ହେବାକୁ ଯାଉଛି 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ' । ଏହିକ୍ରମରେ ଆଜି ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଭବ୍ୟ ସମାରୋହର ଅୟୋଜନ ହୋଇଥିଲା । ଏଥିରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଜିଲ୍ଲାପାଳ ମଧୁସୂଦନ ଦାଶ, ରାଜ୍ୟ ମହିଳା କମିଶନ ସଦସ୍ୟା ମୁକ୍ତା ସାହୁ, ସାଂସଦଙ୍କ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ, ଖରିଆର ରୋଡ ଏନ ଏ ସି ଅଧ୍ୟକ୍ଷା ଡଃ ସୋନିଆ ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ଧନେଶ୍ୱର ସେଠୀ, ଏ ଡି ଏମ୍ ଓ ଡଃ ଲଳିତ ମୋହନ ବିଶି ପ୍ରମୁଖ ଅତିଥି ରୂପେ ଯୋଗଦାନ କରିଥିଲେ । ସ୍ୱଚ୍ଛ, ସୁସ୍ଥ ଏବଂ ସବୁଜ ନୂଆପଡା ଗଠନ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ସ୍ୱଚ୍ଛତା ହିଁ ସେବା ମାଧ୍ୟମରେ 'ସ୍ୱଚ୍ଛ ଉତ୍ସବ' ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ପର୍ଯ୍ୟନ୍ତ ଜିଲ୍ଲାରେ ଆରମ୍ଭ ହେଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇନ୍ଦୋରରେ ଉଦଘାଟନ କରିଥିବା କାର୍ଯ୍ୟକ୍ରମ 'ସୁସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ'ର ସିଧା ପ୍ରସାରଣ ଏଠାରେ ବଡ ପରଦାରେ ପ୍ରଦର୍ଶିତ ହୋଇଥିଲା । ଶିବିରରେ ବିଭିନ୍ନ ବୟସର ମହିଳା ମାନଙ୍କ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଯଥା ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ କର୍କଟ, ସ୍ତନ କର୍କଟ, ଗର୍ଭାଶୟ କର୍କଟ, ଯକ୍ଷ୍ମା ,ସିକଲ୍ ସେଲ୍ ଏବଂ ଥାଲାସେମିଆ ପାଇଁ ସ୍କ୍ରିନିଂ ଟେଷ୍ଟ ଓ ବୟସ ଉପଯୋଗୀ ଟୀକାକରଣ ସହିତ ପଞ୍ଜୀକରଣ କରାଯାଇଥିଲା । ମହିଳା କମିଶନ ସଦସ୍ୟା ଏବଂ ଜିଲ୍ଲାପାଳ ଉପସ୍ଥିତ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଉତ୍ସାହିତ କରି ଏହି ଜାତୀୟ ଯୋଜନାକୁ ଜିଲ୍ଲାରେ ଶତ ପ୍ରତିଶତ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ସବୁଜ ସୁନ୍ଦର ସ୍ୱଚ୍ଛ ଏବଂ ପ୍ଲାଷ୍ଟିକ ମୁକ୍ତ ନୂଆପଡା ଜିଲ୍ଲା ଗଠନ ପାଇଁ ଜିଲ୍ଲାପାଳ ଜିଲ୍ଲାବାସୀଙ୍କ ସହଯୋଗ କାମନା କରିଥିଲେ । ଏହାପରେ ଅତିଥିମାନେ ବିଭିନ୍ନ ୱାର୍ଡ, ଉତ୍କଳ ବାଳାଶ୍ରମ, ୱାନ ଷ୍ଟପ୍ ସଖି କେନ୍ଦ୍ର ପରିଦର୍ଶନ କରିବା ସହିତ ଡାକ୍ତରଖାନା ପରିସରରେ ବୃକ୍ଷ ରୋପଣ କରିଥିଲେ ।

ମା ନାମ ରେ ଗଛଟିଏ ଅନୁଷ୍ଠିତ

ବରୀ, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦୀଙ୍କ ୭୫ତମ ଜନ୍ମଦିନକୁ ସ୍ମରଣୀୟ କରିବା ପାଇଁ କେନ୍ଦ୍ର/ ରାଜ୍ୟ ସରକାରଙ୍କ 'ଏକ୍ ପେଡ୍ ମା' କେ ନାମ୍ ଅଭିଯାନରେ ଆଜି ବରୀ ବ୍ଲକର ୨୧ ଗୋଟି ପଂଚାୟତର ସମସ୍ତ ସ୍କୁଲ, କଲେଜ, ଶିକ୍ଷାନୁଷ୍ଠାନ, ସାମାଜିକ ସଂଗଠନ ପ୍ରଭୃତି ସ୍ଥାନ ମାନଙ୍କରେ ପ୍ରାୟ ୧୪ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଛି । ସେହିପରି ଅଲ୍ଲିପୁର ପଂଚାୟତ ପକ୍ଷରୁ ଆମ୍ର କାନନ ଶିକ୍ଷା ନିକେତନ , ଉଷାରାଣୀ ବହୁମୁଖୀ ବାଳିକା ବିଦ୍ୟାଳୟ , କାଦମ୍ବିନୀ ପାଳ ମହିଳା ମହାବିଦ୍ୟାଳୟ ଏବଂ ରାମଚନ୍ଦ୍ରପୁର ଗମେଟ୍ ହାଇସ୍କୁଲ ପରିସରରେ ମା ନାମରେ ଗଛଟିଏ ଲଗାଯାଇଥିଲା ଏହି କାର୍ଯ୍ୟକ୍ରମରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଓ ବରୀ ବ୍ଲକ ବିଡ଼ିଓ ଅସିତ୍ କୁମାର ମହାନ୍ତି, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡି, ଅଲ୍ଲିପୁର ପଂଚାୟତ ସରପଂଚ ମଧୁସ୍ମିତା ବେହେରା, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ସାମଲ ଙ୍କ ସହ ବ୍ଲକ ସ୍ତରୀୟ ଅଧିକାରୀ, ପଂଚାୟତ ଜନପ୍ରତିନିଧି, ସମାଜସେବୀମାନେ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପାଦନ କରିଛନ୍ତି । ସରକାରି କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସରକାରି ଏବଂ ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ, ସ୍ୱୟଂ ସହାୟକା ଗୋଷ୍ଠୀର ମହିଳା, ଚାଷୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଯୁବବର୍ଗ ସମସ୍ତେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ । ସେହିପରି ଧାରପୁର ପଂଚାୟତ ପକ୍ଷରୁ ସରକାରି ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ସାମଲ, ସରପଂଚ କୁନା ମଲ୍ଲିକ, ପଂଚାୟତ ନିର୍ବାହୀ ଅଧିକାରୀ ସ୍ମରଣିକା ଧଳଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷିକା, ଛାତ୍ର, ଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ । ଅନୁରୂପ ଭାବେ ବରୀ ପଂଚାୟତ ପକ୍ଷରୁ ସରପଂଚ ସୋନାଲି ସିଂହଙ୍କ ନେତୃତ୍ୱରେ ବରୀ ବାଗଦା ଏବଂ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରିଥିଲେ । ଏହି କାର୍ଯ୍ୟକ୍ରମରେ ଇଓଙ୍କ ଜିତେନ୍ଦ୍ର କୁମାର ଧଳ, ସମାଜସେବୀ ମନୋଜ କୁମାର ସିଂହ, ପ୍ରକାଶ ମଲ୍ଲିକ ଙ୍କ ସମେତ ପଂଚାୟତର ସମସ୍ତ ୱାର୍ଡ ସଭ୍ୟସଭ୍ୟାଙ୍କ ସହ ଅଙ୍ଗନୱାଡ଼ି କର୍ମୀ, ଆଶା ଦିଦିଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ ମାନେ ଯୋଗଦେଇ ଆଜିର କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

ମା' ପାଇଁ ଗଛଟିଏ ବିଭିନ୍ନ ସ୍ଥାନ ଓ ଶିକ୍ଷାନୁଷ୍ଠାନରେ ୩୫ ହଜାରରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ

ଧାମନଗର, ୧୭/୦୯ (ଆ.ପ୍ର) : ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜନ୍ମ ଦିନ ଅବସରରେ ଧାମନଗର ଉତ୍ସବ ମୁଖର ହୋଇଥିବା ବେଳେ ଏବଂ ତାଙ୍କ ଆହ୍ୱାନ କ୍ରମେ ଧାମନଗର ବ୍ଲକ ଓ ଏନ ଏ ସି ଅଂଚଳରେ "ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଉପଲକ୍ଷେ ବିଭିନ୍ନ ସ୍ଥାନ ଓ ଶିକ୍ଷାନୁଷ୍ଠାନ ପାଇଁ ବନ ବିଭାଗ ପକ୍ଷରୁ ୩୦ ହଜାର ଗଛ ଦିଆଯାଇଛି ବୋଲି ଫରେଷ୍ଟର ସୂଚନା ଦେଇଥିବା ବେଳେ ଉଦ୍ୟାନ ବିଭାଗ ପକ୍ଷରୁ ୭୭ ଇସ୍କୁଲକୁ ୧୫୪୦ ଗଛ ଦିଆଯାଇଛି ବୋଲି ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାରୀ ମିଶ୍ର ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ଅବସରରେ ଧାମନଗର ଅଂଚଳ ବିଭିନ୍ନ ସ୍ଥାନ ତଥା ଏସ ଡି ପି ଓ ଅଫିସ ବହୁମୁଖୀ ଇଣ୍ଡୋର ଷ୍ଟାଡିୟ ପରିସରରେ ତ୍ରିଲୋଚନ ସେଠୀ,ଥାନା ପରିସରରେ ଆଇଆଇସି ରଞ୍ଜନ ସେଠୀ,ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧକ୍ଷା ତନବିର ଆବିଦ୍,ମହା ବିଦ୍ୟାଳୟରେ ଅଧକ୍ଷ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏନ ଏ ସି କାର୍ଯ୍ୟାଳୟ ତରଫରୁ ମହା ବିଦ୍ୟାଳୟ ପରିସରରେ ଅଧକ୍ଷା ନିବେଦିତା ଜେନା ଏବଂ ନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଓ ଅନ୍ୟ କର୍ମଚାରୀଙ୍କ ସହଯୋଗରେ ବୃକ୍ଷ ରୋପଣ କରିଥିଲେ । ଧାମନଗର ବିଡ଼ିଓ ବିଭିନ୍ନ ପଂଚାୟତ ଗସ୍ତ କରି ବୃକ୍ଷ ରୋପଣ କରିବା ସହ ସ୍ଥିତି ଅନୁଧ୍ୟାନ କରିଥିବା ସୂଚନା ଦେଇଛନ୍ତି । ସେହିପରି ଆନନ୍ଦବଜାର ବିଦ୍ୟାଳୟରେ ଧାମନଗର ରେଞ୍ଜର ବବୁଲ ମଲ୍ଲିକ,ଫରେଷ୍ଟର ସୁଶାନ୍ତ ମାଝୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବୃକ୍ଷ ରୋପଣ କରିଥିଲେ । ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସମୀର ଗୋସ୍ୱାମୀ ଏବଂ ବାଳିକା ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ଚିନ୍ତ ରଞ୍ଜନ ସେନାପତି,ଉର୍ଦ୍ଦୁ ପ୍ରାଥମିକ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମହମ୍ମଦ ମମତାଜ ଅହେମ୍ମଦ ବୃକ୍ଷ ରୋପଣ କରିଥିବା ବେଳେ ଫିରଡ ପ୍ରାଥମିକ ବିଦ୍ୟାଳୟ ପରିସରରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସାହିସ୍ତା ବେଗମ ଓ ସହକାରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବୃକ୍ଷ ରୋପଣ ସହ ଛାତ୍ରଛାତ୍ରୀଙ୍କୁ ବୃକ୍ଷର ଉପକାରିତା ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କେତେ ଯେ ଜରୁରୀ ସେ ସମ୍ପର୍କରେ ଅବଗତ କରାଇବା ବୁଝାଇଥିଲେ । ତତସହିତ ବିଭିନ୍ନ ସଂସ୍ଥା ଓ ସଂଗଠନ ତଥା ୟୁକୋ ବ୍ୟାଙ୍କ ଧାମନଗର ଶାଖା ପରିଚାଳକ ପ୍ରଭାତ ମହାନ୍ତି ଓ ଜୟନଗର ଶାଖା ପରିଚାଳିକା ଦେବସ୍ମିତା ଶୁଭ ଦର୍ଶିନୀ,ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ ସହ ପ୍ରତ୍ୟେକ ନାଗରିକ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ତାହାର ଦାୟିତ୍ୱ ନେବା ଉପରେ ପରାମର୍ଶ ଦେଇଥିଲେ । ତେବେ ଧାମନଗର ବ୍ଲକର ୩୧ ପଂଚାୟତ ଏବଂ ଏନ ଏ ସି ଅଂଚଳରେ ପ୍ରାୟ ୩୧ ହଜାର ୫୪୦ରୁ ଉର୍ଦ୍ଧ୍ୱ ଗଛ ଯୋଗାଇ ଦିଆଯାଇଥିବା ବେଳେ ଅତିଥି ମାନଙ୍କ ଦ୍ୱାରା ବୃକ୍ଷ ରୋପଣ କରାଯାଇଥିବା ସୂଚନା ମିଳିଛି ।

ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ବର୍ଷ ପୂର୍ତି ଉପଲକ୍ଷେ ୭୫ ଦ୍ୱୀପ ଦାନ

ବଣାଇଁ, ୧୭/୦୯ (ଆ.ପ୍ର) : ବଣାଇ ଗଡ଼ ସହର ଦେଓଗାଁ ବାବା ବାଣେଶ୍ୱର ମନ୍ଦିରରେ ଯଶସ୍ୱୀ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ବର୍ଷ ପୂର୍ତି ଉପଲକ୍ଷେ ୭୫ ଗୋଟି ଦ୍ୱୀପଦାନ ବିଜେପି ମଣ୍ଡଳ ସଭାପତି ମିଥିଳା ପାତ୍ରଙ୍କ ନେତୃତ୍ୱରେ ପ୍ରଜ୍ୱଳିତ କରା ଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରହାସ ବିହାରୀ ପ୍ରଧାନ, ବିଜେପି ମଣ୍ଡଳ ସମ୍ପାଦକ ବୈକୁଣ୍ଠ ଗଡ଼ଦିଆ, ବଣାଇ ଜିଲ୍ଲା ସଂଯୋଜକ ହେମନ୍ତ କୁମାର ସାହୁ, ମଣ୍ଡଳ ସ୍ତରୀୟ ସେବାପକ୍ଷ ସଂଯୋଜକ ଆଲୋକ ବଢ଼ାଇ, ଜିଲ୍ଲା ପ୍ରତିନିଧି ଦିବ୍ୟ ମଞ୍ଜରୀ ଦେଓ, ବରିଷ୍ଠ କାର୍ଯ୍ୟ କାରିଣୀ ସଦସ୍ୟ ଉତ୍ତମତି ସେନାପତି, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ଗୋବିନ୍ଦ ସାହୁ, ବିଜେପି ମଣ୍ଡଳ ସହ ସମ୍ପାଦକ ଶଙ୍କର୍ଷଣ ସେନାପତି, କାର୍ଯ୍ୟକର୍ତ୍ତା ପ୍ରଦୀପ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଦ୍ୱୀପ ପ୍ରଜ୍ୱଳନ କରିଥିଲେ । ପରବର୍ତୀ ସମୟରେ ସେବାପକ୍ଷ ପାଳନ ଉପଲକ୍ଷେ ବିସିପାଲି ମିନି ଷ୍ଟାଡିୟମ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ମାଁ ପାଇଁ ଗଛ ଟିଏର ଶୁଭାରମ୍ଭ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ଅଧିକାରୀ ସ୍ୱଦୀପ ଟପ୍ପୋ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟ ଶଙ୍କର ଜୟପୁରିଆ ପ୍ରମୁଖ ଅଧିକାରୀ ଗଣ, ବିଜେପିର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ମନ୍ତ୍ରୀଙ୍କ ୭୫ବର୍ଷ ପୂର୍ତି ଉପଲକ୍ଷେ ୭୫ ଟି ଗଛ ରୋପଣ କରିଥିଲେ ।

ସେଇଠୁ ଆରମ୍ଭ

SEITHO ARAMBHA

ଗୁରୁବାର, ୧୮ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନ୍ମ ଦିବସ ପାଳିତ

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ ତମ ଜନ୍ମ ଦିବସକୁ ଭାରତୀୟ ଜନତା ପାର୍ଟି ବାଲେଶ୍ୱର ପକ୍ଷରୁ ଅତ୍ୟନ୍ତ ହର୍ଷୋଲ୍ଲାସରେ ପାଳିତ ହୋଇଅଛି । ସକାଳ ୮ ଘଟିକା ସମୟରେ ପ୍ରଧାନମନ୍ତ୍ରୀଙ୍କ ନିରାମୟ ଜୀବନ କାମନା କରି ଝାଡେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା, ୯ଟା ସମୟରେ ବାଣେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା । ୧୦ଟା ସମୟରେ ପବ୍ଲିକ ସ୍କୁଲ, ୧୧ ସମୟରେ ପୋଲିସ୍ ହାଇସ୍କୁଲ ଏବଂ ୧୨ ସମୟରେ ଖାନନଗର ଜିଲ୍ଲା କାର୍ଯ୍ୟାଳୟରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସଦର ବିଧାୟକ ମାନସ କୁମାର ଦତ୍ତ, ଜିଲ୍ଲା ସଭାପତି ଇଶ୍ୱର ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଓ ଆଗଧାଡ଼ିର କାର୍ଯ୍ୟକର୍ତ୍ତା ଉଲ୍ଲାସର ସହିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହାପରେ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘାୟୁ ନିରାମୟ ଜୀବନ କାମନା କରି ଲଳିତେଶ୍ୱରୀ କାଳୀ ମନ୍ଦିରରେ ସାମୂହିକ ଦୀପଦାନ କରାଯାଇଥିଲା ।

ବାଲେଶ୍ୱର ଜିଲ୍ଲାରେ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ୫ ଲକ୍ଷରୁ ଅଧିକ ବୃକ୍ଷରୋପଣ କରାଗଲା

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ମା ଓ ଧରିତ୍ରୀ ମାଙ୍କୁ ସମର୍ପିତ 'ମା ପାଇଁ ଗଛଟିଏ' ଅଭିଯାନ କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ ହେବା ସହିତ ବାଲେଶ୍ୱର ଜିଲ୍ଲାରେ ୫ ଲକ୍ଷରୁ ଅଧିକ ବୃକ୍ଷରୋପଣ ସଫଳତାର ସହିତ ସମ୍ପନ୍ନ ହୋଇଛି । ସୂର୍ଯ୍ୟୋଦୟରୁ ଆରମ୍ଭ ହୋଇ ସୂର୍ଯ୍ୟାସ୍ତ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକ ଓ ସହର ଅଂଚଳରେ ଗଛ ଲଗାଇବା କାର୍ଯ୍ୟକ୍ରମ ଚାଲିଥିଲା । ଏହି ବିଶାଳ ଅଭିଯାନର ଲକ୍ଷ୍ୟ ଥିଲା ସମଗ୍ର ରାଜ୍ୟରେ ୭୫ ଲକ୍ଷ ବୃକ୍ଷରୋପଣ କରିବା । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନରେ ଏହି କାର୍ଯ୍ୟକ୍ରମ ଏକ ମାସ ପୂର୍ବରୁ ଆରମ୍ଭ ହୋଇଥିଲା ଓ ୧୭ ସେପ୍ଟେମ୍ବରରେ ସମାପ୍ତ ହୋଇଛି । ଜିଲ୍ଲାପାଳଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ, ପିଆରଆଇ ସଭ୍ୟ,

ବ୍ୟବସାୟୀ, ବ୍ୟାଙ୍କର୍ସ, ଏନଜିଓ, ସିଭିଲ ସୋସାଇଟି ସଂଗଠନ, ସ୍ୱେଚ୍ଛାସେବୀ ଓ ସାଧାରଣ ଜନତାଙ୍କ ସମ୍ମିଳିତ ପ୍ରଚେଷ୍ଟାରେ ଜିଲ୍ଲାରେ ୫ ଲକ୍ଷରୁ ଅଧିକ ବୃକ୍ଷରୋପଣ ସମ୍ଭବ ହୋଇପାରିଛି । ପଂଚାୟତିରାଜ ବିଭାଗ ଦ୍ୱାରା ସର୍ବାଧିକ ୨,୬୯,୬୧୦ଟି ପଞ୍ଜୀକରଣ, ଶିକ୍ଷ ବିଭାଗ ଦ୍ୱାରା ୨,୨୮,୬୯୯, କୃଷି ବିଭାଗ ଦ୍ୱାରା ୧୬,୦୪୭, ବନ ବିଭାଗ ଦ୍ୱାରା ୪,୧୨୫ଟି ସହିତ ମୋଟ ୫,୨୦,୪୬୧ଟି ପଞ୍ଜୀକରଣ ହୋଇଛି । ବ୍ଲକ ମଧ୍ୟରୁ ନୀଳଗିରି (୨୮,୮୪୦) ଓ ଭୋଗରାଇ (୨୮,୨୧୦) ସର୍ବାଧିକ ପଞ୍ଜୀକରଣରେ ଅଗ୍ରଣୀ ରହିଛନ୍ତି । ଅନେକ ସ୍ଥାନରେ ସେଲଫି ପଏଂଟ, ପ୍ରତିଯୋଗିତା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ବୃକ୍ଷରୋପଣ ପରେ 'ମେରିଲାଇଫ' ପୋର୍ଟାଲରେ ପଞ୍ଜୀକରଣ କରିବାକୁ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା । ଦିନ ୧.୩୩ ଘଂଟା ସମୟରେ ୭୫ ଲକ୍ଷ ବୃକ୍ଷରୋପଣର ରାଜ୍ୟସ୍ତରୀୟ ଲକ୍ଷ୍ୟ ପୂରଣ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ ଅନୁଯାୟୀ ଲୋକମାନେ ନିଜ ମାଙ୍କ ନାମରେ ଗଛ ଲଗାଇବା ଓ ତାହାକୁ ପରିବାର ସଦସ୍ୟ ଭଳି ସାହାଯ୍ୟ କରିବାରେ ଆଗ୍ରହୀ ହୋଇଥିଲେ ।

ଦକ୍ଷିଣ-ପୂର୍ବ ରେଳବାଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ.: ଇଲେକ୍ଟ-ଏସଆରବି-ଏଚ୍‌ଟି-୨୫-୨୬-ବୋଗଇ, ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତାଙ୍କ ପକ୍ଷରୁ, ଦକ୍ଷିଣ ପୂର୍ବ ରେଳବାଇର ବରିଷ୍ଠ ବିଭାଗୀୟ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଜି) /ଖଡ଼ଗପୁର, ଦକ୍ଷିଣ-ପୂର୍ବ ରେଳବାଇ, ଖଡ଼ଗପୁର ନିମ୍ନଲିଖିତ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ କାର୍ଯ୍ୟ କରୁଛନ୍ତି ଏବଂ ନିମ୍ନରେ ଉଲ୍ଲେଖ କରାଯାଇଥିବା ବିବରଣୀ ଅନୁଯାୟୀ www.ireps.gov.in ୱେବସାଇଟରେ ଇ-ଟେଣ୍ଡରିଂ ମାଧ୍ୟମରେ ଏକକ ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଯୋଗ୍ୟ ଠିକାଦାରମାନଙ୍କୁ ଏଥିପାଇଁ କେବଳ www.ireps.gov.in ୱେବସାଇଟରେ ଅନଲାଇନ୍ ମାଧ୍ୟମରେ ଆବେଦନ କରିବାକୁ ଅନୁରୋଧ କରାଯାଉଛି । ଏହି ଟେଣ୍ଡର ପାଇଁ କୌଣସି ଅଫଲାଇନ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବିବରଣୀ ପାଇଁ ଡକ୍ୟୁମେଣ୍ଟ ବିଭାଗରେ ଅପଲୋଡ୍ ହୋଇଥିବା ଟେଣ୍ଡର ଡକ୍ୟୁମେଣ୍ଟକୁ ଭଲଭାବେ ପଢ଼ନ୍ତୁ । କାର୍ଯ୍ୟର ନାମ: 'ଡୋଗଇ'ର ଏଲ୍‌ଟିଂ, ଅପରେସନ୍, 'ଏ', 'ବି', ଏବଂ 'ସି' ଗ୍ରୁପ ଦ୍ୱାରା ବିଭିନ୍ନ ... ତିନି ସେଟ୍ (୫୦୦ କେଭିଏ) ... ସ୍ଥାପିତ ହୁଏ ଏବଂ ... ପ୍ରାଥମିକ ରକ୍ଷଣାବେକ୍ଷଣ ... ଖଡ଼ଗପୁର, ଶଲିମାର, ... ତିନି ବର୍ଷ ପାଇଁ ... । ଟେଣ୍ଡର ମୂଲ୍ୟ : ଟ.୧୩,୫୪,୮୭,୮୨୨.୩୩ । ଇଏମ୍‌ଡି/ବିଡ୍ ସିକ୍ୟୁରିଟି: ଟ.୮,୨୨,୪୦୦/- । ଟେଣ୍ଡର ଶେଷ ତାରିଖ ଏବଂ ସମୟ: ତା. ୦୮.୧୦.୨୦୨୫ ରିଖ ୧୧.୦୦ ଘଟିକା । ଟେଣ୍ଡର ନୋଟିସ, ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ଅନ୍ୟାନ୍ୟ ବିବରଣୀ www.ireps.gov.inରେ ପ୍ରଦାନ କରାଯାଇଛି ।

(PR-638)

ଶିଶୁରୋଗ ବିଶେଷଜ୍ଞ ଡାକ୍ତରଙ୍କୁ କଟୁରୀରେ ମରଣାନ୍ତକ ଆକ୍ରମଣ

ସୋର, ୧୭/୦୯ (ଆ.ପ୍ର) : ସୋରରେ ପୋଲିସକୁ ଡରୁ ନାହାନ୍ତି ଅପରାଧୀ । ବାରମ୍ବାର ଚୋରି, ଡକାୟତି, ଲୁଟ, ଆଉ ଏବେ କଟୁରୀରେ ମରଣାନ୍ତକ ଆକ୍ରମଣ । ବିଶ୍ୱକର୍ମା ପୂଜାରେ ଘଟି ଯାଇଛି ଅଘଟଣ । ରକ୍ତରେ ଭିଜିଛି ସୋର । ସୋର ପୌର ପାଳିକା ଅନ୍ତର୍ଗତ କଲେଜ ଛକରେ ଥିବା ଏକ ଘରୋଇ କ୍ଲିନିକର ଜଣେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବେଳେ ଡାକ୍ତର ଜଣଙ୍କ ଗୁରୁତର ଆହତ ହୋଇ ଭୁବନେଶ୍ୱର ଏକ ଘରୋଇ ହସପିଟାଲକୁ ସ୍ଥାନାନ୍ତରିତ ହୋଇଛନ୍ତି । ସୂଚନା ଅନୁସାରେ ଖଇରା ଅଂଚଳର ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ବ୍ରଜ ସୁନ୍ଦର ସ୍ୱାଇଁ ସୋର ମେଡ଼ିକାଲରେ ଚାକିରୀ କରିଥିଲେ । କିନ୍ତୁ ଚାକିରୀରୁ ସ୍ୱେଚ୍ଛାକୃତ ଅବସର ନେଇ କଲେଜ ଛକରେ ଏକ କ୍ଲିନିକ କରି ରୋଗୀ ଦେଖୁଥିଲେ । ଆଜି ସନ୍ଧ୍ୟାରେ ଡାକ୍ତର ଶ୍ରୀ ସ୍ୱାଇଁ ନିଜ କ୍ଲିନିକରୁ ରୋଗୀ ଦେଖି ସାରି ଘରକୁ ଯିବା ପାଇଁ କ୍ଲିନିକ ଆଗରେ ଥିବା ତାଙ୍କ କାର ନିକଟକୁ ଯାଉଥିଲେ । ଏହି ସମୟରେ ଛଅ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ଦୁଇଟି ବାଇକରେ ଆସି ପଛରୁ ତାଙ୍କୁ ଦୁଇଟି କଟୁରୀରେ ଅତର୍କିତ ଭାବେ ଆକ୍ରମଣ କରିଥିଲେ । ଫଳରେ ତାଙ୍କ ବେକରେ ଗମ୍ଭୀର କ୍ଷତ ସୃଷ୍ଟି ହେବା ସହିତ ସେ ଗୁରୁତର ଆହତ ହୋଇଥିଲେ । ସଙ୍ଗେ ସଙ୍ଗେ ତାଙ୍କ ବାପା ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସୋରରେ ଥିବା ଏକ ଘରୋଇ କ୍ଲିନିକରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱରର ଏକ ଘରୋଇ ମେଡିକାଲକୁ ଅଧିକ ଚିକିତ୍ସାପାଇଁ ଯାଇଥିବା ଜଣାପଡିଛି । ଖବର ପାଇ ସୋର ଥାନାଧିକାରୀ ସୁଦୀପ୍ତ ସାହୁ ସଦଳବଳେ ଘଟଣାସ୍ଥଳରେ ପହଂଚି ଆକ୍ରମଣରେ ବ୍ୟବହୃତ କଟୁରୀ ଦୁଇଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ତେବେ ଆକ୍ରମଣର କାରଣ ଜଣାପଡ଼ିନାହିଁ ।

ଶାରଦୀୟ ଦୁର୍ଗା ପୂଜା, ରାବଣ ପୋଡ଼ି ଓ ଭସାଣି ପର୍ବ ପାଇଁ ବାଲେଶ୍ୱରରେ ଅନୁଷ୍ଠିତ ହେଲା ଶାନ୍ତି କମିଟି ବୈଠକ

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ଗତକାଲି ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନରେ ଜିଲ୍ଲାପାଳଙ୍କ ସଭାପତିତ୍ୱରେ ଶାରଦୀୟ ଦୁର୍ଗା ପୂଜା, ରାବଣ ପୋଡ଼ି ଓ ଭସାଣି ପର୍ବର ସୁଚାରୁ ରୂପେ ପରିଚାଳନା ନିମନ୍ତେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ବାଲେଶ୍ୱର ବିଧାୟକ, ଡିଆଇଜି, ପୌରାଧ୍ୟକ୍ଷା, ଅତିରିକ୍ତ ଜିଲ୍ଲାପାଳ, ଉଭୟ ଉପ-ଜିଲ୍ଲାପାଳ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ଶାନ୍ତି କମିଟି ସଦସ୍ୟ ଏବଂ ଆଖଡ଼ା ସଂଘର

ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଉପ-ଜିଲ୍ଲାପାଳ କାର୍ଯ୍ୟାଳୟରେ ସିଙ୍ଗଲ ୱିଣ୍ଡୋ ସିଷ୍ଟମ୍ ମାଧ୍ୟମରେ ୨୪, ୨୫ ଓ ୨୬ ସେପ୍ଟେମ୍ବର ତାରିଖରେ ଏନଓସି ପ୍ରାପ୍ତ କରିପାରିବା ବିଷୟରେ ଅବଗତ କରାଯାଇଥିଲା । ଅଖଡ଼ା ପରମିଶନ, ତୋରଣ ଓ ମଣ୍ଡପ ସମ୍ବନ୍ଧୀୟ ନୀତି-ନିୟମ ସମ୍ପର୍କରେ ଡିଆଇଜି ିନାକ ମିଶ୍ର ବିସ୍ତୃତ ଅଲୋଚନା କରିଥିଲେ । ଜିଲ୍ଲାପାଳ ଗତ ବର୍ଷ ଭଳି ଏଥର ମଧ୍ୟ ଶାରଦୀୟ ଉତ୍ସବକୁ ଆଡ଼ମ୍ବର ଓ ଶାନ୍ତି-ଶୃଙ୍ଖଳାର ସହିତ ପାଳନ କରିବାକୁ ଆହ୍ୱାନ କରିଥିଲେ । ଡିଜେ ଓ ଜିଂ-ଜ୍ୟାର୍ ଆଲୋକରେ ଥିବା ନିୟନ୍ତ୍ରଣକୁ ନେଇ ସମସ୍ତ ଅଧିକାରୀ ଗୁରୁତ୍ୱ ଦେଇଥିଲେ । ମଣ୍ଡପରେ ସର୍ବାଧିକ ୪ଟି ସ୍ମଲ ସିକର ଲଗାଇବା ଏବଂ ଶବ୍ଦର ଉଚ୍ଚତାକୁ ନିୟନ୍ତ୍ରଣରେ ରଖିବାକୁ ନିର୍ଦ୍ଦେଶ ଦିଆ ଯାଇଥିଲା । ମଣ୍ଡପରେ ଆବଶ୍ୟକ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ରଖିବା ସହିତ ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭସାଣି କାର୍ଯ୍ୟକ୍ରମ ବେଳେ 'ଫାଷ୍ଟ କମ୍ ଫାଷ୍ଟ ସର୍ଭ' ଭିତ୍ତିରେ ସିନେମା ଛକରେ ଯାନବାହନ ପ୍ରବେଶ ବ୍ୟବସ୍ଥା କରାଯିବ ବୋଲି କୁହାଯାଇଥିଲା । ବାଲେଶ୍ୱର ବିଧାୟକ ସମସ୍ତଙ୍କୁ ନିୟମ-ନୀତି ମାନି ଭାଇଚାରା ଓ ସହୃଦୟତାର ସନ୍ଦେଶ ସହ ପର୍ବକୁ ଉପଭୋଗ କରିବାକୁ ଆହ୍ୱାନ ଦେଇଥିଲେ ।

'ଓଡିଶା ଲାଇଭ୍' ଏବଂ 'ନ୍ୟୁଜ୍ ରୁମ୍' ମଧ୍ୟରେ ମିଡିଆ ସହଯୋଗକୁ ଉନ୍ନତ କରିବା ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ବାଲେଶ୍ୱର, ୧୭/୦୯ (ଆ.ପ୍ର) : ପ୍ରମୁଖ ମିଡିଆ ଏବଂ ସଂଚାର ବ୍ରାଣ୍ଡ ଓଡିଶା ଲାଇଭ୍ ଏବଂ ଡିଜିଟାଲ୍ ନ୍ୟୁଜ୍ ପ୍ଲାଟଫର୍ମ 'ନ୍ୟୁଜ୍ ରୁମ୍' ମଧ୍ୟରେ ବ୍ୟବହାରିକ ଦକ୍ଷତା ବୃଦ୍ଧି ଓ ଓଡିଶାରେ ବଦଳୁଥିବା ଗଣମାଧ୍ୟମ ପରିଦୃଶ୍ୟରେ ନୂତନ ସୁଯୋଗର ଅନ୍ୱେଷଣ ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଏହି ଏମଓୟୁ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ 'ଓଡିଶା ଲାଇଭ୍'ର ସଂସ୍ଥାପକ ଏବଂ ସିଇଓ ନୀଳାମ୍ବର ରଥ ଏବଂ 'ନ୍ୟୁଜ୍ ରୁମ୍'ର ପ୍ରତିଷ୍ଠା ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ମଧ୍ୟରେ ସମ୍ପନ୍ନ ହୋଇଛି । ଏହି ଅବସରରେ 'ଓଡିଶା ଲାଇଭ୍'ର ସହ-ସଂସ୍ଥାପକ ଏବଂ ନିର୍ଦ୍ଦେଶକ ଭବାନୀ ମହାନ୍ତି ଏବଂ 'ନ୍ୟୁଜ୍ ରୁମ୍'ର ସହ-ସଂସ୍ଥାପକ ଏବଂ ସିଇଓ ପ୍ରିୟଦର୍ଶୀ ଦଳ ମଧ୍ୟ ଉପସ୍ଥିତ ଥିଲେ । ଏହି ଏମଓୟୁ ମିଡିଆ ଉତ୍ପାଦନ ଏବଂ ଡିଜିଟାଲ୍ କଣ୍ଟେଣ୍ଟ କ୍ଷେତ୍ରରେ ନବୀନତା ଦିଗରେ କାର୍ଯ୍ୟ କରିବା ସହ ରଣନୀତିଗତ ବିକାଶକୁ ଆଗକୁ ବଢ଼ାଇବା ସକାଶେ ଲକ୍ଷ୍ୟ ରଖିଛି । ୨୦୧୨ ମସିହାରେ ସ୍ଥାପିତ, 'ଓଡିଶା ଲାଇଭ୍' ଏକ ଅଗ୍ରଣୀ ମିଡିଆ ଏବଂ ଡିଜିଟାଲ୍ ସେବା ଏଜେନ୍ସି । ଏହା ଅନେକ ୱେବ୍ ଏବଂ ସୋସିଆଲ ମିଡିଆ ପ୍ଲାଟଫର୍ମ ପରିଚାଳନା କରେ, ତନ୍ମଧ୍ୟରୁ ଏକ ୟୁଟ୍ୟୁବ ଚ୍ୟାନେଲ୍ ମଧ୍ୟ ରହିଛି, ଯାହାର ସବ୍ସ୍କ୍ରାଇବର ସଂଖ୍ୟା ଏକ ମିଲିଅନରୁ ଅଧିକ । ସଂସ୍ଥା କେତେକ ବିକାଶ ସଂଗଠନ ସହିତ ସାମାଜିକ ପ୍ରଭାବ ଓ ଯୋଗାଯୋଗ କାର୍ଯ୍ୟକ୍ରମରେ ମଧ୍ୟ ସହଯୋଗ କରିଥାଏ । ସେହିପରି 'ନ୍ୟୁଜ୍ ରୁମ୍' ସୁଦୃଢ ଗଣତନ୍ତ୍ରକୁ ସମର୍ଥନ ଦେଉଥିବା ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ସାମ୍ବାଦିକତା କ୍ଷେତ୍ରରେ ପ୍ରତିବଦ୍ଧ ଥିବା ଏକ ଗଣମାଧ୍ୟମ ସଂସ୍ଥା । ଏହି ସଂସ୍ଥା ତାର ଅନନ୍ୟ ବିଷୟବସ୍ତୁ ଓ ସୁସଙ୍ଗତ କଥନଶୈଳୀ ଯୋଗୁଁ ଡିଜିଟାଲ ପ୍ଲାଟଫର୍ମ ଜଗତରେ ଏକ ପ୍ରତିଶ୍ରୁତିବଦ୍ଧ ନାମ ତିଆରି କରି ପାରିଛି ।

ବିଶାଳ ରକ୍ତଦାନ ଓ ସ୍ୱାସ୍ଥ୍ୟଶିବିର କାର୍ଯ୍ୟକ୍ରମ

ସିମୁଳିଆ, ୧୭/୦୯ (ଆ.ପ୍ର) : ସେବା ପକ୍ଷ ପାଳନ ଅବସରରେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନରେ ସିମୁଳିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ବିଶାଳ ରକ୍ତଦାନ ଶିବିର ଓ ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡ଼. ସମ୍ପିତ କୁମାର ଦାସଙ୍କ ନେତୃତ୍ୱରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଫିତା କାଟି କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ୪୦ ନଂ ଜୋନ୍ ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ମାର୍କୋଣା ମଣ୍ଡଳର ସଭାପତି ଅବିନାଶ ବେହେରା, ଜିଲ୍ଲା ବିଜେପି ସମ୍ପାଦିକା ଭାରତୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଶିବିରରେ ବାଲେଶ୍ୱର ଡାକ୍ତରୀ ଦଳ ୫୫ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ସେହିପରି ସ୍ୱାସ୍ଥ୍ୟ ସେବା ଶିବିରରେ ୨୮୪ରୋଗୀ ପଞ୍ଜିକରଣ କରି ସ୍ୱାସ୍ଥ୍ୟସେବା ଲାଭ କରିଥିଲେ । ଏହି କାର୍ଯ୍ୟକ୍ରମକୁ, ବିପିଏମ ଗୋବିନ୍ଦ ଚନ୍ଦ୍ର ମହାନ୍ତି, ମେଡିକାଲ ଆକାଉଂଟ ମ୍ୟାନେଜର ଅନିରୁଦ୍ଧ ପଣ୍ଡା, ଭାଗିରଥି ବିଶ୍ୱାଳ, ସୁଦର୍ଶନ ବେହେରା, ଡକ୍ଟର ଧର୍ମେନ୍ଦ୍ର କୁମାର ନାୟକ, ଡକ୍ଟର ବିଶ୍ୱରଂଜନ ମିଶ୍ର, ଡକ୍ଟର ସୋନାଲି ପତି, ଫାର୍ମାସିଷ୍ଟ ସୂର୍ଯ୍ୟକାନ୍ତ ପଣ୍ଡା, ବାଲେଶ୍ୱର ଆଶା ଅଧିକାରୀ ସୁର୍ଯୋଜିତ ରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବର୍ତ୍ତନା ସ୍କୁଲରେ ଆସ ସ୍କୁଲ ଯିବା ଅଭିଯାନ

ଖଇରା, ୧୭/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ବର୍ତ୍ତନା ସରକାରୀ ସ୍କୁଲ ରେ ଆଜି ଆସ ସ୍କୁଲ ଯିବା ଅଭିଯାନ ପାଳନ ହୋଇ ଯାଇଛି । ଆସ ସ୍କୁଲ ଯିବା ଅଭିଯାନର ଲକ୍ଷ୍ୟ ହେଲା ବିକଶିତ ଓଡ଼ିଶାରେ ବିକାଶରେ ଆଜିର ପିଲାମାନଙ୍କୁ ସାମିଲ କରାଇବା ପ୍ରାୟତଃ ବହୁତ ପିଲାମାନେ ଅଧାରୁ ପାଠ ପଢା ଛାଡିଦେଉଛନ୍ତି. ଅଧାରୁ ପାଠପଢା ଛାଡିଦେଉଥିବା ପିଲାମାନଙ୍କୁ ଏବଂ ସେମାନଙ୍କୁ ଅଭିଭାବକ ମାନଙ୍କୁ ସଚେତନତା କରାଇବା ପାଇଁ ବର୍ତ୍ତନା ସ୍କୁଲର ପ୍ରଧାନ ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ସମସ୍ତ ବିଦ୍ୟାର୍ଥୀ ମାନେ ପଦଯାତ୍ରା କରି ଆଖପାଖର ଗ୍ରାମରେ ସଚେତନତା କରାଇଥିଲେ । ଉଦ୍ଦେଶ୍ୟ ଏଇଆ ଥିଲାକି ଯେଉଁ ପିଲାମାନେ ପୂର୍ବରୁ ବିଦ୍ୟାଳୟରେ ନାମ ଲେଖାଇଥିଲେ କିନ୍ତୁ ଏବେ ଅଧାରୁ ପାଠପଢା ଛାଡିଦେଇଛନ୍ତି ସେମାନଙ୍କୁ ପୁଣି ଥରେ ବିଦ୍ୟାଳୟକୁ ଫେରାଇ ଆଣି ଶିକ୍ଷିତ କରାଇବା । ଯେଉଁ ପିଲାମାନେ କେବେ ବିଦ୍ୟାଳୟରେ

ନାମ ଲେଖାଇ ନାହାନ୍ତି ସେମାନଙ୍କୁ ଏହି ଅଭିଯାନରେ ସାମିଲ କରାଇ ସେମାନଙ୍କ ବୟସ ଅନୁସାରେ ଉପଯୁକ୍ତ ଶ୍ରେଣିରେ ନାମ ଲେଖାଇବା । ବର୍ତ୍ତମାନ ବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ପିଲାମାନେ ଯେପରି ଅଧାରୁ ପାଠପଢା ନ ଛାଡ଼ି ଶିକ୍ଷାଗ୍ରହଣକୁ ଜାରି ରଖିବେ ତାହା ସୁନିଶ୍ଚିତ କରାଇବା । ପିଲାମାନଙ୍କୁ ଶିକ୍ଷା ସହିତ ଯୋଡି ରଖିବା ପାଇଁ ସେମାନଙ୍କୁ ଆବଶ୍ୟକ ଅନୁଯାଇ ସାହାଯ୍ୟ ସହଯୋଗ ପ୍ରଦାନ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ ବା ଉଦ୍ଦେଶ୍ୟ ପ୍ରଧାନ ଶିକ୍ଷକ ସୁରେଶ କୁମାର ପରିଡା ନିଜର ମତ ପ୍ରକାଶ କରିଥିଲେ ଯେମିତିକି ଏହି ସ୍କୁଲରେ ପ୍ରାୟତଃ ୪୦୦ ରୁ ଉର୍ଦ୍ଧ ବିଦ୍ୟାର୍ଥୀ ମାନେ ଶିକ୍ଷା ଗ୍ରହଣ କରୁଥିବା ବେଳେ ବିଦ୍ୟାର୍ଥୀ ମାନଙ୍କ ପାଇଁ ଖାଇବା ସମୟରେ ଯେହେତୁ ଭୋଜନାଳୟ ନଥିବାରୁ ପିଲାମାନଙ୍କୁ ଖାଇବା ପିଇବାରେ ବହୁତ ଅସୁବିଧାରେ ସମ୍ମୁଖୀନ ହେବାପାଇଁ ପଡୁଅଛି ଏବଂ ଆଉଗୋଟିଏ ବଡ ସମସ୍ୟା ମଧ୍ୟ ଅଛି ଆଜି ପର୍ଯ୍ୟନ୍ତ ବିଦ୍ୟାଳୟରେ ଶିକ୍ଷାଲାଭର କରୁଥିବା ବିଦ୍ୟାର୍ଥୀ ମାନଙ୍କ ନିମନ୍ତେ ଏକ ସାଇକେଲ ଷ୍ଟାଣ୍ଡର ବ୍ୟବସ୍ଥା କରିବା ପାଇଁ ଆଜି ପର୍ଯ୍ୟନ୍ତ ସାଇକେଲ ଷ୍ଟାଣ୍ଡର ସୁବିଧା ନ ଥିବାରୁ ଏଣେତେଣେ ସାଇକେଲ ରଖାଯାଉଥିବା କାରଣରୁ ଶିକ୍ଷକ ଅଭିଭାବକ ବିଦ୍ୟାର୍ଥୀ ମାନଙ୍କୁ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଅଛି ତେଣୁ ଏକ ସାଇକେଲ ଷ୍ଟାଣ୍ଡ ନିର୍ମାଣ ପାଇଁ ପ୍ରଧାନ ଶିକ୍ଷକ ସରକାରଙ୍କ ପାଖରେ ଗୁହାରି କରିଅଛନ୍ତି । ଆସ ସ୍କୁଲ ଯିବା ଅଭିଯାନରେ ସାମିଲ ଥିବା ଶିକ୍ଷକ, ଶିକ୍ଷୟତ୍ରୀ ଓ ଛାତ୍ର ଛାତ୍ରୀ ମାନେ ମଧ୍ୟ ନିଜ ନିଜର ମତାମତ ରଖିଥିଲେ ।

ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ପ୍ରାକ୍ତନ ସଭାପତି ଦିବଂଗତ ଧୀରେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିଚାରଣ ସଭା

ରେମୁଣା (ବାଲେଶ୍ୱର), ୧୭/୦୯ (ଆ.ପ୍ର) : ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ପ୍ରାକ୍ତନ ସଭାପତି ତଥା ବରିଷ୍ଠ ଉପଦେଷ୍ଟା ଧୀରେନ୍ଦ୍ର ନାରାୟଣ ଦାସଙ୍କ ସ୍ମୃତିଚାରଣ ସଭା ଇଂ. ବନମାଳୀ ନାୟକଙ୍କ ସଭାପତିତ୍ୱରେ ବୁଧବାର ଦିବା ୧୧ଟା ସମୟରେ ସଂଘ



କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଭାପତି ସ୍ୱର୍ଗତ ଦାସଙ୍କର ବିୟୋଗ ସମ୍ବନ୍ଧରେ ସୂଚନା ଦେବାପରେ ସମବେତ ସଦସ୍ୟ ସଦସ୍ୟାମାନେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ନୀରବ ପ୍ରାର୍ଥନା କରିଥିଲେ । ଉପସଭାପତି ଦେବେନ୍ଦ୍ର ନାଥ ଚୌଧୁରୀ, ବାସନ୍ତୀ ପାଣି, କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ଉପଦେଷ୍ଟା ବସନ୍ତ କୁମାର ନାୟକ, ବେଣୁଧର ସାହୁ ଓ ପଦ୍ମଲୋଚନ ଦତ୍ତ, ସାଧାରଣ ସମ୍ପାଦକ ଦାମୋଦର ନାୟକ, ସଂଗଠନ ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ କର୍ମକର୍ତ୍ତା ଓ ଗୀତାଞ୍ଜଳି ଶତପଥୀ, ଯଶୋଦା ନନ୍ଦନ ଆଣ୍ଡ, ଶରତ କୁମାର ବିଶ୍ୱାଳ, ଗୌରପ୍ରିୟ ମିଶ୍ର, ଜୟଚନ୍ଦ୍ର ଶତପଥୀ, ସୀତାରାମ ପ୍ରଧାନ, ଅଭୟ ଚନ୍ଦ୍ର ମିଶ୍ର, ହିମାଂଶୁ ଶେଖର ଦାସ, ଅଜୟ କୁମାର ନାୟକ, ନିରଞ୍ଜନ ପରିଡ଼ା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ଦିବଂଗତ ଦାସଙ୍କର ସାଂଗଠନିକ ଦକ୍ଷତା, ନେତୃତ୍ୱ, ସଂଘର ଉନ୍ନୟନମୂଳକ କାର୍ଯ୍ୟରେ ପ୍ରମୁଖ ଭୂମିକା, ସମୟାନୁବର୍ତ୍ତିତା, ସହଯୋଗୀ ମନୋଭାବ, ତ୍ୟାଗ ଓ ଉତ୍ସର୍ଗୀକୃତ କାର୍ଯ୍ୟାବଳୀର ଉଲ୍ଲେଖ କରି ସ୍ମୃତିଚାରଣ କରିଥିଲେ । ତାଙ୍କର ସଂଘ ପ୍ରତି ଅବଦାନ ସଂଘ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ମତ ପ୍ରକାଶ ପାଇଥିଲା । ସେ କେବଳ ରାଜ୍ୟ ଅବସରପ୍ରାପ୍ତ ସରକାରୀ ସଂଘରେ ସମ୍ପୃକ୍ତ ନଥିଲେ । ସେ ବାଲେଶ୍ୱରର ବହୁ ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ସଂଗଠନରେ ବିଭିନ୍ନ ପଦପଦବୀ ମଣ୍ଡନ କରିଥିଲେ ଓ ବହୁ ଅନୁଷ୍ଠାନ ସୃଷ୍ଟିରେ ତାଙ୍କର ପ୍ରମୁଖ ଭୂମିକା ଥିଲା ବୋଲି ଆଲୋଚିତ ହୋଇଥିଲା । ଅନ୍ୟତମ ଉପସଭାପତି ସୁଦର୍ଶନ ଦାସ ଓ ଉପଦେଷ୍ଟା ଅରୁଣା ରାୟ ବିଶେଷ କାରଣରୁ ସ୍ମୃତିଚାରଣ ସଭାରେ ଉପସ୍ଥିତ ହୋଇ ନପାରି ସେମାନଙ୍କର ବାର୍ତ୍ତା ପଠାଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟନାରାୟଣ ନାୟକ, ଇଂ. ବିଶ୍ୱନାଥ ସାହୁ, ସୁନିଲ୍ କୁମାର ମାଇତି, କାଳିଚରଣ ବେହେରା, ସୁରେନ୍ଦ୍ର ପ୍ରସାଦ ଧଳ, ଦିଲ୍ଲୀପ କୁମାର ଚକ୍ରବର୍ତ୍ତୀ, କାମିନୀକାନ୍ତ ପାଢ଼ୀ, ଇଂ. କେଶବ ଚନ୍ଦ୍ର ମହାନ୍ତି, ସଞ୍ଜୟ କୁମାର ପଣ୍ଡା (ଖ), ରାମଚନ୍ଦ୍ର ସେଠୀ, କମଳାକାନ୍ତ ନାୟକ ଗୋପବନ୍ଧୁ ଦାସ, ଦୀନବନ୍ଧୁ ଦାସ, ପ୍ରଣିତା ମିଶ୍ର, ରବି ପାଣିଗ୍ରାହୀ, ନରେନ୍ଦ୍ରନାଥ ପ୍ରଧାଣ, ଶ୍ୟାମସୁନ୍ଦର ଜେନା, ତପନ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଉମେଶ ଚନ୍ଦ୍ର ପଣ୍ଡା ଓ ପୁରୁଷୋତ୍ତମ ବେହେରା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସାଂସ୍କୃତିକ ସମ୍ପାଦକ ଭାଗବତ କୁମାର ଦଳାଇ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ।

ଭୋଗରାଇ ପାଣି ନିଷ୍କାସନ ଓ ବନ୍ୟା ନିୟନ୍ତ୍ରଣ ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଦାବିପତ୍ର

ଭୋଗରାଇ, ୧୭/୦୯ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ଉତର ଭୋଗରାଇରେ ବନ୍ୟା ନିୟନ୍ତ୍ରଣ ଏବଂ ଦକ୍ଷିଣ ଭୋଗରାଇରେ ଜଳ ନିଷ୍କାସନ ସମସ୍ୟାର ସ୍ଥାୟୀ ପ୍ରତିକାର ଦାବୀରେ ଭୋଗରାଇ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ଆଂଚଳିକ କମିଟି ପକ୍ଷରୁ ବୁଧବାର ଏକ ଦାବୀ ପତ୍ର ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଭୋଗରାଇ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି । ଉତର ଭୋଗରାଇରେ ବାରମ୍ବାର ବନ୍ୟା ହେବା ଦ୍ୱାରା ଜନସାଧାରଣ ବହୁ ହୀନସ୍ତା ହେବାସହିତ ଦକ୍ଷିଣ ଭୋଗରାଇରେ ଜଳ ନିଷ୍କାସନ ହୋଇ ନ ପାରିବାରୁ ଲୋକଙ୍କ ବିଭିନ୍ନ ଫସଲ ନଷ୍ଟ ହେଉଛି । ଲୋକଙ୍କ ଜୀବନ ଜୀବିକା ପ୍ରଭାବିତ ହେଉଛି । ଅତଏବ ଏହାକୁ ଗୁରୁତ୍ୱ ଦେଇ ଯୁଦ୍ଧ କାଳୀନ ଭିତିରେ ସମସ୍ୟାର ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀ ମହୋଦୟଙ୍କୁ ଅନୁରୋଧ କରିଛନ୍ତି ଏସ ୟୁ ସି ଆଇ ର କର୍ମୀମାନେ । ଯଦି ମୁଖ୍ୟମନ୍ତ୍ରୀ ମହୋଦୟ ଏହା ଉପରେ କୌଣସି ଗୁରୁତ୍ୱ ନ ଦିଅନ୍ତି କିମ୍ବା ସମାଧାନ ନ ହୁଏ ତାହେଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି ସେ । ଏହି କାର୍ଯ୍ୟକ୍ରମରେ ଏସ ୟୁ ସି ଆଇ (କମ୍ୟୁନିଷ୍ଟ) ଭୋଗରାଇ ଆଂଚଳିକ କମିଟିର ସମ୍ପାଦକ କମ୍ରେଡ କ୍ରିଷ୍ଣା ରାଣୀ ସାହୁ, ସଭ୍ୟ ହରେକୃଷ୍ଣ ଦାସ, ସସ୍ମିତା ମହାନ୍ତି, ରୁକସାନା ଖାତୁନ, ସୁବଳ ସୋରେନ, ଶମ୍ଭୁ ନାଥ ସେଠି ପ୍ରମୁଖ ଉପସ୍ଥିତ ଥିଲେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ଆତ୍ମା

ଜୀବାତ୍ମା, ମନ, ଉଚ୍ଚ ମାନସିକ ଶକ୍ତି ସମୂହ, ଆତ୍ମା, ଶୁଦ୍ଧତମ ବିଚାର ଓ ଭାବନା ସମୂହର ନାମ । ଅଧାତ୍ମ ଇନ୍ଦ୍ରିୟ ସମୂହରୁ ପ୍ରାପ୍ତ ଜ୍ଞାନ, ସୁଖ ଏବଂ ଅନୁଭବର ଉର୍ଦ୍ଧ୍ୱରେ । ଚେତନାର ଗୁଣାତ୍ମକ ମାନ ଅନୁସାରେ ବ୍ୟକ୍ତିର ବ୍ୟକ୍ତିତ୍ୱ ନିର୍ଭର କରେ । ଗୁଣ ଆଧାରରେ ମାନବୀୟ ଚେତନା ଦୈବୀ ବା ଆସୁରୀ ସଂସ୍କାର ସମ୍ପନ୍ନ ହୋଇଥାଏ । ଦୈବୀ ସମ୍ପ୍ରଦାୟର ବ୍ୟକ୍ତି ଆଧାତ୍ମିକ ଓ ଆସୁରୀ ସମ୍ପ୍ରଦାୟର ବ୍ୟକ୍ତି ଭୌତିକ ଚେତନାଯୁକ୍ତ । ଆତ୍ମା ବା ପରମାତ୍ମା ବିଷୟକ ବୌଦ୍ଧିକ ସଚେତନତା ହେଉଛି ଆଧାତ୍ମିକ ଚେତନା । ଆଧାତ୍ମିକ ସଦାର ଅଧ୍ୟୟନ, ମନନ, ଚିନ୍ତନ ଏବଂ ଧ୍ୟାନ ଆଧାତ୍ମିକତାର ଅନ୍ତର୍ଭୁକ୍ତ । ଆଧାତ୍ମିକତା ଭୌତିକତାର ସମ୍ପୂର୍ଣ୍ଣ ବିପରୀତ । ଆଧାତ୍ମିକତା ଦ୍ୱାରା ବ୍ୟକ୍ତି ଇନ୍ଦ୍ରିୟ ସମୂହର ବନ୍ଧନରୁ ମୁକ୍ତ ହୁଏ ଏବଂ ନିଜକୁ ଏକ ଚୈତନ୍ୟ ସତା ଆତ୍ମା ରୂପେ ଅନୁଭବ କରେ । ଭୌତିକ ଚେତନା ଯୁକ୍ତ ବ୍ୟକ୍ତି କେବଳ ଇନ୍ଦ୍ରିୟଗମ୍ୟ ବିଷୟଗୁଡ଼ିକୁ ସତ୍ୟ ମଣନ୍ତି, ତାଙ୍କ ଅନୁସାରେ ଯାହା ଇନ୍ଦ୍ରିୟ ସମୂହର ଅଗମ୍ୟ ତାହା ଅସତ୍ୟ ଓ କାଳ୍ପନିକ । ଆଧାତ୍ମିକ ଶକ୍ତି ସଚ୍ଚରିତ୍ର, ସାଧୁତା, ସଚ୍ଚୋଟତା ଆଦି ମାନବୀୟ ଗୁଣଗୁଡ଼ିକର ବିକାଶ କରେ । ଭୌତିକତା ଏଗୁଡ଼ିକୁ କ୍ଷୀଣ କରେ । ଭୌତିକ ଚେତନାରେ ପ୍ରଭାବିତ ବ୍ୟକ୍ତି ନିଜକୁ ଏକ ଦେହ ବୋଲି ମନେ କରେ । ତାଙ୍କ ପାଇଁ ଅଦୃଶ୍ୟ ଆତ୍ମା ଏକ କାଳ୍ପନିକ ସ । ମାତ୍ର । ଦେହାଭିମାନ ମନୁଷ୍ୟ ମଧ୍ୟରେ ଅନେକ ଆନ୍ତରିକ ଦୋଷ ବା ମନୋବିକାର ସମୂହ ଉତ୍ପନ୍ନ କରାଏ । ଦେହାଭିମାନୀ ବ୍ୟକ୍ତି ଆଧାତ୍ମିକ ଶକ୍ତିହୀନ ହୋଇଥିବାରୁ ସେଗୁଡ଼ିକର ସମ୍ମୁଖୀନ ହେବାକୁ ଭୟ କରନ୍ତି । ଏଥିପାଇଁ ତାଙ୍କୁ କଠୋର ମାନସିକ ସଂଘର୍ଷ କରିବାକୁ ପଡ଼େ । ଏହା ତାଙ୍କ ପାଇଁ ଅନେକ ମନୋଦୈହିକ ବ୍ୟାଧିର କାରଣ ହୋଇଥାଏ ।

ଗଣ୍ଠି ଯନ୍ତ୍ରଣା କମ୍ କରନ୍ତୁ

।। ନାରାୟଣ ଚନ୍ଦ୍ର ବିଶ୍ୱାଳ ।।

୩୦ ବର୍ଷ ବୟସରୁ କମ୍ ଯୁବପିଢ଼ି ବେଶୀ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ଭୋଗୁଛନ୍ତି । ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ଏହା ହେଉଛି । ଖେଳ ଛାଡି ଏମାନେ ବେଶୀ ସମୟ ଟିଭି ଓ ମୋବାଇଲରେ ଦେଉଛନ୍ତି ଯାହା ସେମାନଙ୍କୁ ରୋଗଗ୍ରସ୍ତ କରିଦେଉଛି । ବ୍ୟାୟାମ ବି ସେମାନେ କରିବା ଲାଗି ଆଗ୍ରହୀ ହେଉନାହାନ୍ତି । ଯୁବପିଢ଼ିଙ୍କ ପସନ୍ଦର ଖାଦ୍ୟରେ ଅଧିକ ଫ୍ୟାଟ ଓ ସୁଗାର ରହୁଥିବାରୁ ତାହା ସେମାନଙ୍କୁ କମ୍ ବୟସରୁ ମୋଟା କରିଦେଉଛି । ଏସବୁ କାରଣଗୁଡ଼ିକ ଲାଗି ସେମାନେ କ୍ରୋନିକ ଜଏଣ୍ଟ ପେନ୍‌ର ଶିକାର ହେଉଛନ୍ତି । ମୁଖ୍ୟତଃ ଶୀତରେ ଗଣ୍ଠି ଯନ୍ତ୍ରଣା ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଶୀତ ସକାଳେ ବ୍ୟାୟାମ ନକରି ଘରେ ବସିରହିବା ହିଁ ଗଣ୍ଠି ଯନ୍ତ୍ରଣାର କାରଣ । ଶୀତଦିନେ ମସ୍କୁଲୋସ୍କେଲିଟାଲ ପେନ୍ ବେଶୀ ହେବାର ପ୍ରକୃତ କାରଣ କ'ଣ ତାହା ଜଣାପଡ଼ି ନଥିଲେ ବି କରାଯାଇଥିବା କେତେକ ଗବେଷଣାରୁ ଏହା ହେଉଛି । ବାୟୁମଣ୍ଡଳର ଚାପ କମ୍ ରହିବା ଯୋଗୁଁ ଗଣ୍ଠିଫୁଲା ଓ ଯନ୍ତ୍ରଣା ହେଉଛି । ଶୀତରେ ଷ୍ଟିଫ୍‌ନେସ ବି ଅତ୍ୟଧିକ ହେବା ଲକ୍ଷ୍ୟ କରାଯାଉଛି । ଜଏଣ୍ଟ ଫ୍ଲୁଇଡ୍‌ରେ ଇମ୍ୟୁନୋଲୋଜିକାଲ ପରିବର୍ତ୍ତନ କମ୍ ଚାପ ଯୋଗୁଁ ହୁଏ ଯାହା ସିନୋଭିୟମ ବା ଜଏଣ୍ଟ ଲାଇନ୍‌ର ଇନଫ୍ଲାମେସନ କାରଣ ହୋଇଥାଏ । ଏହା ଯୋଗୁଁ ଗଣ୍ଠିରେ ଧୀରେ ଧୀରେ ଯନ୍ତ୍ରଣା ବଢ଼ିଚାଲେ । ପ୍ରତି ୧୦ ଡିଗ୍ରୀ ତାପମାତ୍ରା କମିବାର ପ୍ରଭାବ ଗଣ୍ଠି ଉପରେ ପଡ଼େ ଓ ତାହା ଯନ୍ତ୍ରଣାକୁ ବି ବଢ଼ାଇଚାଲେ । ଚାପ ଓ ତାପମାତ୍ରା କମ୍ ଯୋଗୁଁ ଟିସ୍ୟୁ ଫୁଲି ଉଠେ ଯନ୍ତ୍ରଣାଦାୟକ ହୋଇଥାଏ । କମ୍ ତାପମାତ୍ରାରେ ଗଣ୍ଠି ଭିତରେ ଫ୍ଲୁଇଡ୍ ପ୍ରଭାବିତ ହୁଏ ଓ ଗଣ୍ଠି ଚାଳନାରେ ବାଧା ଆସେ ।

ଆସନ୍ତୁ ଏ ସମ୍ପର୍କରେ ସଚେତନତା ଓ ସତର୍କତା ସମ୍ପର୍କରେ ଜାଣିବା । କ୍ଷୀର ଜାତୀୟ ଖାଦ୍ୟ ଭିଟାମିନ ଡିର ମୁଖ୍ୟ ଉତ୍ସ । ଏଣୁ ଏହା ଖାଇବା ଦରକାର । ବ୍ରୋକୋଲି ଓ ଶୀତଋତୁର ପନିପରିବା ପ୍ରଚୁର ଖାଆନ୍ତୁ । ଏଥିରୁ କ୍ୟାଲସିୟମ ଓ ଭିଟାମିନ ଡି ମିଳେ । ସାଚୁରେଟେଡ ଫ୍ୟାଟ, ଟ୍ରାନ୍ସଫ୍ୟାଟ୍, ଓମେଗା ୬ ଫ୍ୟାଟିଏସିଡ୍, ରିଫାଇନ୍ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ଇନଫ୍ଲାମେସନ କମ୍ କରେ । ଏଣୁ ଏଭଳି ଖାଦ୍ୟ ରହିବା ଦରକାର । ଗୋଲମରିଚ, ଗାଜର ଓ ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ । ସାଲମନ ମାଛରୁ ଓମେଗା ଫ୍ୟାଟିଏସିଡ୍ ଓ ଭିଟାମିନ୍ ଡି ମିଳେ । ଏହା ଅସ୍ଥି ଓ ମାଂସପେଶୀ ଲାଗି ଭଲ । ର୍‌ହ୍ୟୁମାଟଏଡ୍ ଆର୍ଥ୍ରାଇଟିସ୍ ଲାଗି ୱାଲନଟ୍ ଖାଆନ୍ତୁ । ଶସ୍ୟଜାତୀୟ ଖାଦ୍ୟରୁ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଏବଂ ମିନେରାଲ୍ସ ମିଳେ । ଏହା ଅସ୍ଥି ଓ ଗଣ୍ଠି ପାଇଁ ଉପକାରୀ । ଅତି ଥଣ୍ଡା ଓ ଅତି ଗରମ ଖାଦ୍ୟ ଖାଆନ୍ତୁନି । ଥଣ୍ଡା ପାଣିରେ ସ୍ନାନ କରନ୍ତୁ ନାହିଁ । ଅଧିକ ପାଣି ପିଅନ୍ତୁ । ଏମିତିକି ମଧ୍ୟମ ସ୍ଥିତିର ଡିହାଇଡ୍ରେସନ ଜଏଣ୍ଟ ପେନ୍ ବୃଦ୍ଧି କରେ । ମାଛ ତେଲରେ ଓମେଗା-୩ ଫ୍ୟାଟି ଏସିଡ୍ ରହିଛି । ଏହା ଇନ୍‌ଫ୍ଲାମେସନ ହ୍ରାସ କରେ ଓ ଗଣ୍ଠି ବ୍ୟଥା ବି ଦୂର ହୋଇଯାଏ । ଛଣାଛଣି ଓ ମିଠା ଜାତୀୟ ଖାଦ୍ୟ ମନା । କଂଚା ପରିବାରୁ ପ୍ରଚୁର ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଏବଂ ଗ୍ରାଏଫ୍ରୁଟ୍ସ ଓ ମାଛରୁ ଫ୍ୟାଟି ଏସିଡ୍ ମିଳେ । ଏହା ଗଣ୍ଠିର କ୍ଷତି ହେବାକୁ ଦିଏନି । ମାଂସପେଶୀ ଓ ଗଣ୍ଠିଯନ୍ତ୍ରଣା ସମ୍ପୂର୍ଣ୍ଣ ଉପଶମ ହେବାଯାଏ ଚିକିତ୍ସା କରନ୍ତୁ । ମାଇନର ଇଞ୍ଜୁରୀ ହୋଇଥିଲେ ବି ତାକୁ ଅଣଦେଖା କରନ୍ତୁନି ।

ବ୍ୟାୟାମ ସମ୍ପର୍କରେ ସତର୍କତା ସମ୍ପର୍କରେ ଜାଣନ୍ତୁ । ୱେଟ ଟ୍ରେନିଂ ବି କରାଯାଇପାରେ । ୱେଟ ମେସିନ୍, ଫ୍ରିୱେଟସ ଏବଂ ରେଜିଷ୍ଟାନସ ବ୍ୟାଣ୍ଡ ବ୍ୟବହାର କରିପାରିବେ । ପ୍ରଥମେ ଧୀରେ ଧୀରେ କରନ୍ତୁ ଓ ତା'ପରେ ବଢ଼ାନ୍ତୁ । ସାଇକ୍ଲିଂ, ୱାକିଂ, ଏରୋବିକ୍ ଓ ସୁଇମିଂ ମାଂସପେଶୀ ଟାଣ କରେ । ଗଣ୍ଠିର ନମନୀୟତା ବୃଦ୍ଧି କରେ । ଘରେ କିମ୍ବା ଅଫିସରେ ଥିବାବେଳେ ଘଣ୍ଟାଏରୁ ଦୁଇଘଣ୍ଟା ଚାଲିବା ପାଇଁ ଚେଷ୍ଟା କରନ୍ତୁ । ଆଘାତପ୍ରାପ୍ତ ଗଣ୍ଠି ଲାଗି ବ୍ୟାୟାମ କରିବା ପୂର୍ବରୁ ୱାର୍ମଅପ୍ କରନ୍ତୁ । ଏହାଦ୍ୱାରା ମାଂସପେଶୀ ଓ ଗଣ୍ଠି ଅଧିକ କଷ୍ଟକର ବ୍ୟାୟାମ ଲାଗି ସକ୍ଷମ ହୋଇପାରିବ । ବ୍ୟାକ୍ ମସଲସ୍ ଓ ଷ୍ଟ୍ରେଚିଂ ସମସ୍ୟାକୁ କିଛି ଦୂର କରିଥାଏ । ଯଦି ବାହାରେ ବ୍ୟାୟାମ କରିପାରୁ ନାହାନ୍ତି ତେବେ ଇନଡୋର ବ୍ୟାୟାମ ଲାଗି ତାଲିକା ପ୍ରସ୍ତୁତ କରନ୍ତୁ । ପ୍ରତିଦିନ ୧୦-୧୫ ମିନିଟ୍ ଖରାରେ ରୁହନ୍ତୁ । ଏହା ଶରୀରକୁ ଭିଟାମିନ୍ ଡି ଯୋଗାଇବ ଯାହା ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିବ । ଗରମ ପୋଷାକ ନପିନ୍ଧି ବାହାରକୁ ଶୀତରେ ବାହାରନ୍ତୁନି । ହଠାତ୍ ଥଣ୍ଡା ଓ ଗରମ ପରିବେଶକୁ ଯିବାଠୁ ଦୂରେଇ ରୁହନ୍ତୁ । ଗ୍ଲୋବସ, ନି-କ୍ୟାପ ଓ ସକ୍ସ ପିନ୍ଧନ୍ତୁ । ଓଜନ ଠିକ୍ ରଖନ୍ତୁ ଯାହାଦ୍ୱାରା ଗଣ୍ଠି ଉପରେ ବେଶୀ ଚାପ ପଡ଼ିବନି । ଭଲ ନିଦ ଦରକାର । ଯାହା ଅନସୁଆମୀ ଦୂରକରେ ଓ ସକ୍ରିୟ ହେବାରେ ସାହାଯ୍ୟ କରେ । ବସିବା, ଠିଆହେବା କିମ୍ବା ଚାଲିବା ଶୈଳୀ ଠିକ୍ ରଖନ୍ତୁ ।

ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',
ମେଟ୍ରୋପ୍ଲାଜା, କାଠଗୋଲା
ରୋଡ୍, ମଙ୍ଗଳାବାଗ, କଟକ,
ଦୂରଭାଷ;୯୪୩୮୨୭୬୭୬୦

ପ୍ରଣୟ ପରମ ବେଦଃ

।। ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ।।

ସତ୍‌ସଙ୍ଗ ପ୍ରାଣ ପୁରୁଷ ଭଗବାନ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ସ୍ୱହସ୍ତ ଲିଖିତ ପବିତ୍ର ପୁସ୍ତକ ସତ୍ୟାନୁସରଣରେ କହିଛନ୍ତି – ଯେଉଁ ଖିଆଲ ବିବେକର ଅନୁଚର ତାହା ହିଁ ଅନୁସରଣ କର, ମଙ୍ଗଳ ଅଧିକାରୀ ହେବ । ବିସ୍ତାରରେ ଅସ୍ତିତ୍ୱ ହରାଅ, କିନ୍ତୁ ଲିଭିଯାଅ ନାହିଁ । ବିସ୍ତାର ହିଁ ଜୀବନ, ବିସ୍ତାର ହିଁ ପ୍ରେମ । ଯେଉଁ କର୍ମ ମନର ପ୍ରସାରଣ ଆଣିଦିଏ, ତାହା ହିଁ ସୁକର୍ମ, ଆଉ ଯେଉଁଥିରେ ମନରେ ସଂସ୍କାର, ଜିଦ୍ ଇତ୍ୟାଦି ଆସେ, ବାଜେକଥା ଯେଉଁଥିରେ ମନ ସଂକୀର୍ଣ୍ଣ ହୁଏ ତାହା ହିଁ କୁକର୍ମ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କର, ଆଉ ଯେଉଁଥିରେ କ୍ରୁରତା, କଠୋରତା, ହିଂସା ଆସେ ତାହା ଆପତତଃ ଲାଭଜନକ ହେଲେ ମଧ ତାହା ପାଖକୁ ଯାଅନାହିଁ । ତୁମେ ଯଦି ଏପରି ଶକ୍ତି ଲାଭ କରିଥାଅ ଯାହାଦ୍ୱାରା ଚନ୍ଦ୍ର-ସୂର୍ଯ୍ୟ କକ୍ଷଚ୍ୟୁତ କରିପାର, ପୃଥିବୀ ଭାଙ୍ଗି ଚୁକୁରା ଚୁକୁରା କରିପାର ବା ସମସ୍ତଙ୍କୁ ଐଶ୍ୱର୍ଯ୍ୟଶାଳୀ କରି ଦେଇପାର, କିନ୍ତୁ ଯଦି ହୃଦୟରେ ପ୍ରେମ ନଥାଏ, ତେବେ ତୁମର କିଛି ବି ହୋଇନାହିଁ । ଜୀବନକୁ ଯେଉଁ ଭାବରେ ବଳି ଦେବ ନିଶ୍ଚୟ ସେହିପରି ଜୀବନ ଲାଭ କରିବ । ଯେ କେହି ପ୍ରେମ ପାଇଁ ଜୀବନ ଦାନ କରେ, ସେ ପ୍ରେମର ଜୀବନ ଲାଭ କରେ । ଯଦି ପ୍ରେମ ଥାଏ, ତେବେ ଅପରକୁ ମୋର ବୋଲି କୁହ କିନ୍ତୁ ସ୍ୱାର୍ଥ ରଖନାହିଁ । ଯିଏ ପ୍ରେମର ଅଧିକାରୀ, ନିଃସନ୍ଦେହ ଚିତ୍ତରେ ତାଙ୍କରି ଅନୁସରଣ କର, ମଙ୍ଗଳର ଅଧିକାରୀ ହେବ ହିଁ ହେବ । ପ୍ରେମକର, କିନ୍ତୁ ଆସକ୍ତ ହୁଅନାହିଁ, ଖୁବ୍ ଭଲପାଅ କିନ୍ତୁ ବେହପସା ହୁଅ ନାହିଁ । ଜଗତରେ ମଣିଷ ଯେତେ ଯାହା ଦୁଃଖ ପାଏ ତାହାର ଅଧିକାଂଶ ହିଁ କାମିନୀ-କାଂଚନ ପ୍ରତି ଆସକ୍ତିରୁ ଆସେ ସେ ଦୁଇଟା ପାଖରୁ ଯେତିକି ଦୂରେଇ ରହିବ ସେତିକି ମଙ୍ଗଳ । କାମିନୀ ଠାରୁ କାମ ବାଦ ଦେଲେ ହିଁ ସେ ମା' ହୋଇପଡ଼ନ୍ତି । ବିଷ ଅମୃତ ହୋଇଗଲା । ଆଉ ମା' କେବଳ ମା' – କାମିନୀ ନୁହେଁ । ପ୍ରତ୍ୟେକଙ୍କର ମା' ହିଁ ଜଗଜ୍ଜନନୀ । ପ୍ରତ୍ୟେକ ଝିଅ ହିଁ ନିଜ ମା'ର ବିଭିନ୍ନ ରୂପ, ଏହିପରି ଭାବିବାକୁ ହୁଏ । ମାତୃଭାବ ହୃଦୟରେ ପ୍ରତିଷ୍ଠିତ ନ ହେଲେ ସ୍ତ୍ରୀ ଲୋକଙ୍କୁ ଛୁଇଁବା ଅନୁଚିତ - ଯେତେ ଦୂରେଇ ରହିପାର ସେତେ ଭଲ; ଏପରିକି ମୁଖ ଦର୍ଶନ ନକରିବା ଆହୁରି ଭଲ । ପୁଷ୍ଟିତତ୍ତ୍ୱ, ଗଣିତବିଦ୍ୟା ଓ ରସାୟନ ଶାସ୍ତ୍ର ଇତ୍ୟାଦିର ଆଲୋଚନାରେ କାମ-ରିପୁର ଦମନ ହୁଏ । ବିଷୟରେ ମନ ସଂଲଗ୍ନ ରହିବାକୁ ଆସକ୍ତି କହନ୍ତି, ଆଉ ସତ୍‌ରେ ସଂଲଗ୍ନ ରହିବାକୁ ଭକ୍ତି କହନ୍ତି । ପ୍ରେମ ଭକ୍ତିର ହିଁ କ୍ରମୋନ୍ନତି । ଭକ୍ତିର ଗାଢ଼ତ୍ୱ ହିଁ ପ୍ରେମ । ଆସକ୍ତି କାମର ପତ୍ନୀ, ଆଉ ଭକ୍ତିର ପ୍ରେମର ଛୋଟ ଭଉଣୀ । ପ୍ରେମ ପରି ଆକର୍ଷଣକାରୀ ବା ଆଉ କିଏ ? ସଦ୍‌ଗୁରୁଙ୍କର ଆଦେଶ ପାଳନ ପରି ଆଉ ମନ୍ତ୍ର କ'ଣ ଅଛି ? ପ୍ରିୟଙ୍କ ପ୍ରତି ଭଲ ପାଇବା ବା ମଙ୍ଗଳବିହୀନ କର୍ମ କେବେ ହେଲେ ପ୍ରେମର ପରିଚାୟକ ନୁହେଁ । ପ୍ରେମକୁ ପ୍ରାର୍ଥନା କର ଆଉ ହିଂସାକୁ ଦୂରରୁ ପରିହାର କର । ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ । ଏକବିଂଶ ଶତାବ୍ଦୀର ସମସ୍ୟା ଜର୍ଜରିତ ମାନବ ସମାଜକୁ ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ - ଭାଗବତର ସେହିକଥା କୃଷ୍ଣେନ୍ଦ୍ରିୟ ପ୍ରୀତିଇଚ୍ଛା ତାକୁ କୁହେ ପ୍ରେମ, ଆତ୍ମେନ୍ଦ୍ରିୟ ପ୍ରୀତି ଇଚ୍ଛା ତାକୁ କୁହେ କାମ । ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ । ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଜାଡି ଦେଇଦିଏ । ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ଗ । ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ବିହୀନ ସନ୍ଧୀକ୍ଷଣରେ ପହଂଚୁଥିବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାଯୁକ୍ତ ପ୍ରେମ କେବଳ ହିଁ ଅଚିନ୍ତନୀୟ ଓ ନିଜ ଗୁରୁ ବା ଇଷ୍ଟଙ୍କ ପ୍ରତି ଶ୍ରେଷ୍ଠ ସମର୍ପଣ । ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାଷାଣି ଅହଲ୍ୟାର ଚିରପ୍ରତିକ୍ଷୀତ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାଯୁକ୍ତ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଶ୍ଚିତ୍ତ ଭାବରେ ଅଚିନ୍ତନୀୟ । ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଇଷ୍ଟଙ୍କ ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ । ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେଣ୍ଟାଇନ୍ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିବିଦ୍ଧ । ଗୁରୁ-ଶିଷ୍ୟ, ଇଷ୍ଟ-ଅନୁଗତ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାବି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ବାତ୍ସଲ୍ୟପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତଭରା । ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଶାରିରୀକ ପ୍ରେମକୁ ଜଳାଞ୍ଜଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା । ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା

ହୋମିଓପାଥି ଔଷଧ ଖାଉଥିଲେ..

।। ଡାକ୍ତର ବିକ୍ରମ ପ୍ରସାଦ ମହାନ୍ତି ।।

କେତେକ ଲୋକ ହୋମିଓପାଥି ଔଷଧରେ ଚିକିତ୍ସା ହୋଇଥାନ୍ତି । ହେଲେ ଏହାକୁ ଖାଇବା ପୂର୍ବରୁ କିଛି ଦିଗପ୍ରତି ସାବଧାନତା ଅବଲମ୍ବନ କରିବା ଦରକାର । ନଚେତ୍ ଚିକିତ୍ସାରେ କୌଣସି ଉନ୍ନତି ଦେଖାଦେବ ନାହିଁ । କି କି ସାବଧାନତା ଅବଲମ୍ବନ କରିବାକୁ ପଡ଼ିବ ଆସନ୍ତୁ ଜାଣିବା । ଖୋଲା ରଖନ୍ତୁ ନାହିଁ : ହୋମିଓପାଥି ଔଷଧକୁ ଆଦୌ ଖୋଲା ରଖନ୍ତୁ ନାହିଁ । ଥଣ୍ଡା ସ୍ଥାନରେ ରଖନ୍ତୁ । ଔଷଧ ଖାଇ ସାରିଲା ପରେ ଡବା କିମ୍ବା ବୋତଲର ମୁହଁ ବନ୍ଦ କରିଦିଅନ୍ତୁ । କାରଣ ଖୋଲା ରହିଲେ ଏଥିରେ ଥିବା ଔଷଧୀୟଗୁଣ ନଷ୍ଟ ହୋଇଯାଏ । ଔଷଧ ହାତକୁ ନେଇ ଖାଆନ୍ତୁ ନାହିଁ : ହୋମିଓପାଥି ଗୋଲି ଖାଇବା ପାଇଁ ହାତ ପାପୁଲିରେ ବାହାର କରନ୍ତୁ ନାହିଁ । କାରଣ ଏଥିରେ ଥିବା ସ୍ପିରିଟ ଅଂଶ ହାତ ସଂସ୍ପର୍ଶରେ ଆସି ନଷ୍ଟ ହୋଇଯାଏ । ଏହାଦ୍ୱାରା ଔଷଧର ପ୍ରଭାବ କମିଯାଏ । ୧୦ମିନିଟ ପର୍ଯ୍ୟନ୍ତ କିଛି ଖାଆନ୍ତୁ ନାହିଁ : ହୋମିଓପାଥି ଔଷଧ ଖାଇବାର ୧୦ ମିନିଟ ପୂର୍ବରୁ ଓ ୧୦ ମିନିଟ ପରେ କିଛି ଖାଆନ୍ତୁ ନାହିଁ । କାରଣ କୌଣସି ଖାଦ୍ୟ ସଂସ୍ପର୍ଶରେ ଔଷଧ ଆସିଲେ ତାର ପ୍ରଭାବ ହ୍ରାସ ପାଏ । ଫଳରେ ଉକ୍ତ ଔଷଧରେ ରୋଗ ଦୂର ହେବା ପାଇଁ କଷ୍ଟ ହୁଏ । ଅନ୍ୟ ଔଷଧ ସହିତ ରଖନ୍ତୁ ନାହିଁ : ହୋମିଓପାଥି ଔଷଧ ସହିତ ଅନ୍ୟ କୌଣସି ଔଷଧ ଯଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ସହିତ ମିଶାଇ ରଖନ୍ତୁ ନାହିଁ । କାରଣ ହୋମିଓପାଥି ଔଷଧର ଶକ୍ତି ହ୍ରାସ ପାଇଥାଏ । ଏହାକୁ ଖାଇବା ଦ୍ୱାରା ରୋଗ ଉପରେ କିଛି ପ୍ରଭାବ ପଡ଼ିନଥାଏ । ଖଟା ଜାତୀୟ ଖାଦ୍ୟ ଖାଆନ୍ତୁ ନାହିଁ : ହୋମିଓପାଥି ଔଷଧ ଖାଇବା ପରେ କୌଣସି ପ୍ରକାର ଖଟା ଦ୍ରବ୍ୟ ଖାଇବା ଅନୁଚିତ । କାରଣ ଖଟାର ପ୍ରଭାବରେ ଔଷଧର ଶକ୍ତି ହ୍ରାସ ପାଇଥାଏ । ଅନ୍ୟ କୌଣସି ଔଷଧ ଖାଆନ୍ତୁ ନାହିଁ : ହୋମିଓପାଥି ଔଷଧ ଖାଉଥିଲେ ଅନ୍ୟ ଔଷଧ ତଥା ଆୟୁର୍ବେଦିକ ଓ ଏଲୋପାଥିକ ଔଷଧ ଖାଆନ୍ତୁ ନାହିଁ । ନଚେତ୍ ହୋମିଓପାଥି ଔଷଧର କୌଣସି ପ୍ରଭାବ ପଡ଼ିବ ନାହିଁ । ପାଟି ଧୁଅନ୍ତୁ : ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଭଲ ଭାବରେ ପାଟି ଧୁଅନ୍ତୁ । ଅର୍ଥାତ୍ ଭଲ ଭାବରେ କୁଳି କରି ଦାନ୍ତ ଓ ଜିଭକୁ ସଫା କରି ଔଷଧ ଖାଆନ୍ତୁ । ଏହାଦ୍ୱାରା ଔଷଧର ଉପଯୁକ୍ତ ପ୍ରଭାବ ଶରୀର ଉପରେ ପଡ଼ିଥାଏ । କୌଣସି ନିଶା ଦ୍ରବ୍ୟ ଖାଆନ୍ତୁ ନାହିଁ : ହୋମିଓପାଥି ଔଷଧ ଖାଇବା ପୂର୍ବରୁ ଓ ପରେ କୌଣସି ପ୍ରକାର ନିଶା ଦ୍ରବ୍ୟ ଯଥା ମଦ, ବିଡ଼ି, ସିଗାରେଟ, ପାନ, ଗୁଟ୍‌ଖା ଆଦି ଖାଆନ୍ତୁ ନାହିଁ । ଏହି ଦ୍ରବ୍ୟରେ ହାନିକାରକ ନିଶା ରହିଛି, ଯାହା ଔଷଧର ପ୍ରଭାବକୁ ହ୍ରାସ କରିଥାଏ । ଏଣୁ ହୋମିଓପାଥି ଗ୍ରହଣ କରୁଥିଲେ ଏସବୁରୁ ଦୂରେଇ ରହନ୍ତୁ । ଖରାରେ ଔଷଧ ରଖନ୍ତୁ ନାହିଁ : ହୋମିଓପାଥି ଔଷଧକୁ ଆଦୌ ଖରା ତଥା ସୂର୍ଯ୍ୟକିରଣରେ ରଖନ୍ତୁ ନାହିଁ । ଖରା ତେଜ ସଂସ୍ପର୍ଶରେ ଆସିଲେ ଏହାର ଔଷଧୀୟ ଗୁଣ ନଷ୍ଟ ହୋଇଯାଇଥାଏ । ଯାହା ରୋଗ ଉପଶମ କରିପାରେନାହିଁ । ଚା'ପିଅନ୍ତୁ ନାହିଁ : ହୋମିଓପାଥି ଔଷଧ ଖାଇବା ସମୟରେ ଅବା କିଛି ସମୟ ପର୍ଯ୍ୟନ୍ତ ଚା' କିମ୍ବା କଫି ପିଅନ୍ତୁ ନାହିଁ । କାରଣ ଔଷଧର ପ୍ରଭାବ ହ୍ରାସ ହୋଇଥାଏ । ଅନେକ ହୁଏତ ଜାଣିନଥିବେ ଚିକିତ୍ସା ବ୍ୟବସ୍ଥାରେ ହୋମିଓପ୍ୟାଥିକ ଏକ ନିର୍ଭରଯୋଗ୍ୟ ପୁରାତନ ଚିକିତ୍ସା ପଦ୍ଧତି । ତେବେ ଏ କ୍ଷେତ୍ରରେ କିଛି ସର୍ବନିମ୍ନ ସ୍ୱାସ୍ଥ୍ୟ ସତର୍କତା ଓ ସଚେତନତା ମଧ ରହିଛି । ହୋମିଓପ୍ୟାଥିକ ଅନେକ ଗୁରୁତ୍ୱପୂର୍ଣ୍ଣ ତଥା ଦୂରାରୋଗ କୁହାଯାଉଥିବା ରୋଗବ୍ୟାଧିକୁ କେବଳ ଉପଶମ କରିନଥାଏ ବରଂ ରୋଗୀଠାରୁ ଏହାକୁ ଦୂରେଇ ଦେଇପାରିଥାଏ । ସାମାନ୍ୟ ଧୈର୍ଯ୍ୟ ଓ ହୋମିଓ ଚିକିତ୍ସକଙ୍କ ଉପରେ ଭରଷା ସହ ଆପଣଙ୍କର ଖାଇବା ପିଇବା ବ୍ୟବସ୍ଥା ତଥା ବିଶ୍ରାମକୁ ସର୍ବନିମ୍ନ ଗୁରୁତ୍ୱ ଦିଅନ୍ତୁ । ସଦାସର୍ବଦା ଈଶ୍ୱରାଭିମୁଖୀ ହୋଇ ଆନନ୍ଦମୟ ଜୀବନ ଅତିବାହିତ କରନ୍ତୁ । ସୁଷମଖାଦ୍ୟ, ନିରାମିଷ ଖାଦ୍ୟ ସବୁଠାରୁ ଭଲ । ସମସ୍ତ ପ୍ରକାର ମାଦକ ଦ୍ରବ୍ୟ, ନିଶା ଦ୍ରବ୍ୟ ଓ ଆମିଷ ଠାରୁ ଦୂରେଇ ରହିଲେ ଖୁବ ଭଲ । ଏହାସହ ଯୋଗାସନ ଓ ପ୍ରାଣାୟାମ ମଧ ଏକ ଭଲ ଅଭ୍ୟାସ । ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ହୋମିଓପାଥି ବିଳମ୍ବରେ ଜଣଙ୍କୁ ଆରୋଗ୍ୟ କରିଥାଏ । କିନ୍ତୁ ବାସ୍ତବ କଥା ହେଉଛି ହୋମିଓପାଥିକ ଚିକିତ୍ସା ସମ୍ପୂର୍ଣ୍ଣ ଭାବେ ରୋଗୀର ମୂଳ ରୋଗ ଉତ୍ସକୁ ନିରମୂଳ କରିବା ସହ ରୋଗୀଟିକୁ ଉପଶମ ଦେବାରେ ସହାୟକ ହୋଇଥାଏ ।

ଏସବି ହୋମିଓ ଏକ୍ସପର୍ଟସ୍,
ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ;୭୯୭୮୯୯୫୨୬୧

ବସୁଧୈବକ କୁଟୁମ୍ବକମ୍ : ବିକଶିତ ଭାରତର ସଂକଳ୍ପନା

।। ସୌର ଚନ୍ଦ୍ର ମହାପାତ୍ର ।।

ଅନୁଭବ ଓ ଅନୁଭୂତିର କଥା ବଖାଣିବା ସହ ବିକଶିତ ଭାରତ ତିଆରି ପାଇଁ ନୂତନ ନକ୍ସା ଗଢ଼ିବା ସହ ପ୍ରବାସୀମାନେ ପ୍ରବାସୀ ଭାରତୀୟ ଦିବସରେ ଦିଗଦର୍ଶନ ଦେବାକୁ ଯାଉଛନ୍ତି । ୧୮ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱର ଠାରେ ଚଳିତ ମାସ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି । ପୂର୍ବ ଭାରତର ପ୍ରବେଶ ପଥ ଏବଂ ପ୍ରାକୃତିକ ସମ୍ପଦର ଗନ୍ତାଘର ହେଉଛି ଓଡ଼ିଶା । ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି, ୪୮୦୦ କିମି ପରିବ୍ୟାପ୍ତ ନଦୀ, ପରିପୂର୍ଣ୍ଣ ଖଣିଜ ସମ୍ପଦ, ହଜାର ହଜାର ଏକର ଜଙ୍ଗଲ ହେଉଛି ଓଡ଼ିଶାର ଶକ୍ତି । କୁଶଳୀ ଓ ଦକ୍ଷ ମାନବ ସମ୍ବଳର ମଧ ଅଭାବ ନାହିଁ । ଏସବୁକୁ ଦେଖିଲେ ଓଡ଼ିଶା ଅନ୍ୟ ରାଜ୍ୟ ମାନଙ୍କ ତୁଳନାରେ ନିବେଶ କ୍ଷେତ୍ରରେ ଏକ ଉତ୍ତମ ବିକଳ୍ପ । ପୂର୍ବରୁ ଅନେକ କମ୍ପାନୀ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି । କିଛି କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରି ନିଜର ଅଭିବୃଦ୍ଧି ସହ ଓଡ଼ିଶା ଅର୍ଥନୀତିରେ ମଧ ସଫଳ ଯୋଗଦାନ ଦେଉଛନ୍ତି । ଓଡ଼ିଶାରେ ପୁଞ୍ଜି ନିବେଶ କଲେ, ସମସ୍ତ ପ୍ରକାର ସହଯୋଗ ଯୋଗାଇବା ପାଇଁ ନିଜେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରତିଶ୍ରୁତି ଦେଇଛନ୍ତି । ଯାହା ଏବେ ଶିଳ୍ପପତି ମାନଙ୍କୁ ପ୍ରଭାବିତ କରିଛି । ଓଡ଼ିଶାରେ ନିବେଶ କରିବା ଅର୍ଥ ଭବିଷ୍ୟତ ପାଇଁ ନିବେଶ ବୋଲି ମଧ ସେମାନେ ଅନୁଭବ କରିଛନ୍ତ । ତିନିଦିନିଆ କାର୍ଯ୍ୟକ୍ରମରେ 'Un raveling India's Best Kept Secret' ଏବଂ 'Odisha - the Land of Opportunities' ଆଦି ବିଷୟ ଉପରେ ଚକ୍ଷରଭଦ୍ଦବଳ ଝରଷ-ଷ୍ୱସକ୍କ୍ଵଭ ଅନୁଷ୍ଠିତ ହେବ । ଏହା ସହିତ ଓଡ଼ିଶାର ଐତିହାସିକ ଗୌରବ, କଳା, ଭାସ୍କର୍ଯ୍ୟ, ସଂଗୀତ, ନୃତ୍ୟ, ଆଦିବାସୀ ସଂସ୍କୃତି, ଭାଷା, ସାହିତ୍ୟ, ପର୍ଯ୍ୟଟନ ସ୍ଥାନ ଆଦି ବିଭିନ୍ନ ବିଷୟ ଉପରେ ଡିଜିଟାଲ ଓ ଅନ୍ୟାନ୍ୟ ମାଧ୍ୟମରେ ଉପସ୍ଥାପନ କରାଯିବ । ଯାହା ପ୍ରବାସୀ ନିବେଶକଙ୍କୁ ଆକୃଷ୍ଟ କରିବ । ୨୦୩୬କୁ ଦୃଷ୍ଟିରେ ରଖି ଓଡ଼ିଶାର ଭିଜନକୁ ମଧ ଏଥିରେ ପ୍ରଦର୍ଶନ କରାଯିବ । ଏଥିସହ ଜାନୁଆରୀ ୨୮-୨୯ ଉତ୍କର୍ଷ ଓଡ଼ିଶଣ ମେକ ଇନ ଓଡ଼ିଶା କନକ୍ଲେଭ ୨୦୨୫ ଆୟୋଜନ ହେବାକୁ ଯାଉଛି । ଏଥିରେ ଯୋଗ ଦେଇ ଓଡ଼ିଶାରେ ନିବେଶ ପାଇଁ ମଧ ସରକାର ପ୍ରବାସୀ ନିବେଶକଙ୍କୁ ଆମନ୍ତ୍ରଣ କରିବେ । ଯାହାଫଳରେ ଓଡ଼ିଶାରେ ପୁଞ୍ଜି ନିବେଶର ବାଟ ଫିଟିବ ଓ ଓଡ଼ିଶା ଏକ ଶିଳ୍ପ ହବ ପାଲଟିବ । ଏହା ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ଏବଂ ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ମୂଳଦୁଆ ପକାଇବ ।

ପ୍ରବାସରେ ରହୁଥିବା ଭାରତୀୟଙ୍କ ଏହି ଭାବନାତ୍ମକ ସମ୍ପର୍କକୁ ଉତ୍ସବ ହିସାବରେ ପାଳନ କରିବାର ନିଷ୍ପତ୍ତି ନେଇଥିଲେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ୨୦୦୨ରେ । ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ ତାରିଖରେ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ସେହି ଦିବସକୁ ଚୟନ କରାଯାଇଥିଲା 'ପ୍ରବାସୀ ଭାରତୀୟ ଦିବସ' ହିସାବରେ । ଚଳିତ ବର୍ଷ ଏହି ଦିବସର ପ୍ରତୀକ ସ୍ୱର ରହିଛି 'ବିକଶିତ ଭାରତର ସଂକଳ୍ପନା / ସଂରଚନାରେ ପ୍ରବାସୀ ଭାରତୀୟ ମାନଙ୍କ ଯୋଗଦାନ' । ହିସାବ କରାଯାଏ ଯେ ବିଭିନ୍ନ ଦେଶରେ ପ୍ରବାସୀ ଭାରତୀୟ ମାନଙ୍କ ସଂଖ୍ୟା ହେଉଛି ୩ କୋଟି ୫୪ ଲକ୍ଷ । ଅଣ ଆବାସିକ ଭାରତୀୟ ଓ ଭାରତୀୟ ମୂଳ ବାସିନ୍ଦା ଏହିଭଳି ଦୁଇ ଭାଗରେ ପ୍ରବାସୀ ଭାରତୀୟମାନେ ରହିଥାନ୍ତି । ଯେଉଁମାନେ ଭାରତରୁ ସାମୟିକ ଭାବରେ ଯାଇ ଅନ୍ୟ ଦେଶରେ ରହିଥାନ୍ତି, ସେମାନେ ଅଣଆବାସିକ ଭାରତୀୟ ହୋଇଥାନ୍ତି । ଯେଉଁମାନଙ୍କ ପୂର୍ବ ପୁରୁଷମାନେ ବହୁ ଆଗରୁ ଅନ୍ୟ ଦେଶକୁ ଯାଇ ସେଠାରେ ବିଭିନ୍ନ କାରଣରୁ ସ୍ଥାୟୀ ଭାବରେ ରହି ଯାଇଛନ୍ତି, ସେମାନଙ୍କୁ ଭାରତୀୟ ମୂଳ ବାସିନ୍ଦା ହିସାବରେ ପରିଗଣିତ କରାଯାଏ । ଉଭୟେ ଭାରତ ପାଇଁ ମୃଦୁ ଶକ୍ତି ହିସାବରେ ପରିଗଣିତ ହୁଅନ୍ତି । ବିଶ୍ୱ ରାଜନୀତିରେ ଏବେ ମୃଦୁ ଶକ୍ତିର ଗୁରୁତ୍ୱ ଖୁବ ଅଧିକ । ଭାରତୀୟମାନେ ପରିଶ୍ରମୀ, ବୁଦ୍ଧିମାନ, କର୍ମଠ ଓ ଶାନ୍ତିପ୍ରିୟ । ତେଣୁ ବିଦେଶରେ ମଧ ସେମାନଙ୍କ ଆଦର ଖୁବ ଅଧିକ ।

ପ୍ରବାସୀ ଚମକିଲେ ହିଁ ଦେଶ ଚମକିବ । ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ସ୍ୱପ୍ନ ପୂରା କରିବାରେ ପ୍ରବାସୀମାନେ ସାରଥୀ ସାଜିବେ । ପ୍ରବାସୀ ବିଦେଶରେ ରହି ଭାରତକୁ ଯେତିକି ପାଣ୍ଠି ପଠାଉଛନ୍ତି ତାହା ବିଶ୍ୱରେ ସବୁଠୁ ଅଧିକ । ପୂର୍ବୋଦୟର ବିକାଶ ପାଇଁ ଓଡ଼ିଶାରେ ପ୍ରବାସୀ ଉତ୍ସବ ପାଇଁ ନିଷ୍ପତ୍ତି ହୋଇଛି । ଓଡ଼ିଶାର ପର୍ଯ୍ୟଟନ, କଳା, ସଂସ୍କୃତି, ସ୍ଥାପତ୍ୟ, ଐତିହ୍ୟ ଓ ଶିଳ୍ପ ସମ୍ଭାବନାକୁ ବିଶ୍ୱ ଆଗରେ ପ୍ରଦର୍ଶିତ କରିବାକୁ ଏହାଠୁ ବଳି ଭଲ ସୁଯୋଗ ଆଉ ନାହିଁ । ବିଶ୍ୱକୁ ଓଡ଼ିଶା ଦେଖାଇବ ତାର ଅପାର ସମ୍ପଦ । ଅନୁପମ କଳା, ଭାସ୍କର୍ଯ୍ୟ, ଐତିହ୍ୟ ଓ ଆଧାତ୍ମିକ ଚେତନା । ଦେଶ ଓ ବିଦେଶର ଶିଳ୍ପପତି, ଯୁବ ଉଦ୍ୟୋଗୀ ଏ ସମ୍ଭାବନାର ମାଟିକୁ ପାଖରୁ ଦେଖିବେ । ଜମି, ଖଣିଜ ସମ୍ପଦ, ମାନବ ସମ୍ବଳ କିଛି ଅଭାବ ନାହିଁ । ଓଡ଼ିଶାରେ ନିବେଶ ହେଉଛି ଭବିଷ୍ୟତ ପାଇଁ ନିବେଶ । ଏ ଭରସା ଓ ବିଶ୍ୱାସ ନେଇ ଫେରିବେ ପ୍ରବାସୀ । ପ୍ରବାସୀ ଭାରତୀୟଙ୍କ ସହଯୋଗ କାମନା କରିବ ଓଡ଼ିଶା । ଆର୍ଥିକ, ବୈଷୟିକ ଏବଂ କୌଶଳ ସହଯୋଗ ମିଳିବ । ନିବେଶ ଆସିବ । ବିକଶିତ ଓଡ଼ିଶାର ସ୍ୱପ୍ନ ସାକାର କରିବାକୁ ରାଜ୍ୟ କେଇ ପାଦ ଆଗକୁ ବଢ଼ିବ । ଆମ ରାଜ୍ୟ ଭାରତର ବିକାଶ ଇଞ୍ଜିନ ପାଲଟିବ । ବିଶ୍ୱ ନକ୍ସାରେ ଚମକିବ ଓଡ଼ିଶା ।

ପ୍ରଥମଥର ପାଇଁ ଓଡ଼ିଶା ଭଳି ପୂର୍ବାଂଚଳ ରାଜ୍ୟରେ ଆୟୋଜିତ ହେଉଛି ଏଭଳି ଭବ୍ୟ ସମାରୋହ । ଓଡ଼ିଶାର ଅପାର ସମ୍ଭାବନାର ଗନ୍ତାଘର । ଏ ମହୋତ୍ସବରେ ସାରା ବିଶ୍ୱରୁ ୪ ହଜାର ଅତିଥି ଆସିଛନ୍ତି ଓଡ଼ିଶା । ବୁଧବାର ଏ ସମ୍ମିଳନୀର ପ୍ରଥମ ଦିନରେ ଓଡ଼ିଶା ସଂପର୍କିତ ଆଲୋଚନା ଓ ପୂର୍ଣ୍ଣାଙ୍ଗ ଅଧିବେଶନ ଅନୁଷ୍ଠିତ ହେବ । ପ୍ରବାସରେ ରହୁଥିବା ଭାରତୀୟମାନଙ୍କ ସହ ଓଡ଼ିଶା ନିବେଶ ସମ୍ଭାବନା ନେଇ ଏକ ଅଧିବେଶନ ଆୟୋଜିତ ହେବ । ଯେଉଁମାନେ ଓଡ଼ିଶା ଆସୁଛନ୍ତି, ସେମାନେ ସମସ୍ତେ ଆମ ଅତିଥି, ବୃହତ୍ ଓଡ଼ିଆ ପରିବାରର ଅଂଶବିଶେଷ । ସେମାନେ ସମସ୍ତେ କେବଳ ଓଡ଼ିଶା ସମ୍ପର୍କରେ ଉତ୍ତମ ଅନୁଭବ ନେଇ ଫେରିବେ ନାହିଁ, ଓଡ଼ିଶାକୁ ହୃଦୟରେ ରଖି ଓଡ଼ିଶାର କିଛି କିଛି ଭଲପଣକୁ ସାଙ୍ଗରେ ନେଇ ଫେରନ୍ତୁ ଏହା ହିଁ କାମନା । ଓଡ଼ିଶା ସମସ୍ତ ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତ କରିବା ପାଇଁ ପ୍ରସ୍ତୁତ । ଅତିଥି ଦେବୋ ଭବଃ - ଅତିଥି ହିଁ ଦେବତା - ଏହା ହିଁ ତ ଆମ ସଂସ୍କୃତି ।

ବିଭିନ୍ନ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଷ୍ଟାଦଶ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ ଓ ୧୦ ତାରିଖରେ ଉଦାଜପାନୀ ସମାରୋହରେ ମହାମହିମ ରାଷ୍ଟ୍ରପତି ଯୋଗ ଦେବେ । ଦ୍ୱିତୀୟ ଅଧିବେଶନରେ ପ୍ରବାସୀଙ୍କ ଦକ୍ଷତା କାହାଣୀ, ତୃତୀୟ ଅଧିବେଶନରେ ସବୁଜ ସଂଯୋଗ, ନିରନ୍ତର ବିକାଶରେ ପ୍ରବାସୀଙ୍କ ଅବଦାନ ଶୀର୍ଷକ ଚର୍ଚ୍ଚା ହେବ । ମହିଳା ନେତୃତ୍ୱ ଓ ପ୍ରଭାବ - ନାରୀ ଶକ୍ତି ଏବଂ ଶେଷ ତଥା ପଂଚମ ଅଧିବେଶନରେ ସଂସ୍କୃତି, ସଂଯୋଗ ଓ ସମୃଦ୍ଧିର କାହାଣୀ ଶୀର୍ଷକରେ ଆଲୋଚନା ହେବ । ଭାରତ ଏକ ଭୂଗୋଳ ଆବଦ୍ଧ ଆୟତନର କ୍ଷେତ୍ର ନୁହେଁ ଏହା ଏକ ନିରନ୍ତର ଐତିହାସିକ ସଭ୍ୟତା ଯାହା ପ୍ରବାସୀ ଭାରତୀୟଙ୍କ ପ୍ରସଙ୍ଗକୁ ଜୈବିକ ସୂତ୍ରରେ ଗୁନ୍ଥି ରଖିବାରେ ସମର୍ଥ ହୋଇଛି । ମହାନ ଭାରତର ସଂସ୍କୃତି ତଥା ଗଣତନ୍ତ୍ର, ସମ୍ବିଧାନ, ମାନବ ସମ୍ବଳ ଓ ବ୍ୟାପକ ବଜାର ନାନା ପ୍ରକାରର ମନ ପସନ୍ଦର ସୁବିଧା ସୁଯୋଗ ଯୋଗାଇବାରେ ଏକ ଶ୍ରେଷ୍ଠ କ୍ଷେତ୍ର ବୋଲି ସମଗ୍ର ବିଶ୍ୱ ବିଦିତ । ସେହିଭଳି ସମଗ୍ର ବିଶ୍ୱରେ ଭାରତୀୟମାନେ ନିଜ ନିଜ ପ୍ରତିଭାକୁ ନେଇ ବିଶ୍ୱ ଦରବାରରେ ଭାରତର ଗର୍ବ ବଢ଼ାଇବାରେ ସକ୍ଷମ ହୋଇଛନ୍ତି । ପ୍ରବାସୀ ମାନେ ବିକଶିତ ଭାରତର ନକ୍ସା ଆଙ୍କିବେ ଓ ଏହି ବ୍ୟାପକ କାର୍ଯ୍ୟକ୍ରମ ଆବେଗିକ ଓ ପ୍ରୀତି ଡ଼ୋରିକୁ ଆହୁରି ମଜଭୁତ କରିବାର ଏକ ଅପୂର୍ବ ସୁଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ ।

ବରିଷ୍ଠ ଆଇନଜୀବୀ,
ଓଡ଼ିଶା ହାଇକୋର୍ଟ, କଟକ
ପ୍ଲଟ ନଂ -୧୦୮୭/ଡ଼ି,
ସେକ୍ଟର-୬,

ମା'ଙ୍କ ନାମରେ ଗଛଟିଏ ଉଦ୍ଦେଶ୍ୟରେ ରାୟଗଡ଼ା ବନଖଣ୍ଡର ରାୟଗଡ଼ ବନାଂଚଳରେ ସମୂହ ବୃକ୍ଷ ରୋପଣ

ରାୟଗଡ଼ା, ୧୭/୦୯ (ଆ.ପ୍ର) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରେ ରାୟଗଡ଼ ବନଖଣ୍ଡ ଅଧିନସ୍ଥ ରାୟଗଡ଼ ବନାଂଚଳ ର ୧୭ ଗୋଟି ପ୍ରଥମ ବର୍ଷ ଓ ଦ୍ୱିତୀୟ ବର୍ଷ ବନୀକରଣ ସ୍ଥାନ ମାନଙ୍କରେ ବିଭିନ୍ନ କିସମ ର ୧୪୦୦୦ ଗୋଟି ଚାରା ରୋପଣ କରାଯାଇଥିଲା । ଏଥିରେ ସ୍ଥାନୀୟ ଗ୍ରାମ ଓ ସହର ବାସିନ୍ଦା, ସରପଂଚ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ର , ଛାତ୍ରୀ, ୱାର୍ଡ ମେମ୍ବର, ସମିତି ସଭ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନସିସି ସୁବେଦାର ଓ ତାଙ୍କ ଷ୍ଟାଫ୍, ସିଆରପିଏଫ୍ କମାଣ୍ଡେଂଟ ଓ ତାଙ୍କ ଷ୍ଟାଫ୍ ,ଏକ୍ସାଇଜ ସୁପରିଟେଣ୍ଡେଂଟ ଓ ତାଙ୍କ ଷ୍ଟାଫ୍ , ଶ୍ରୀମତୀ ସୋନାଲ ରାଜପୁତ, ଉପ-ବନସଂରକ୍ଷକ (ଶ୍ୱବବସଭରର) ଯୋଗଦାନ କରିଥିଲେ । ଏହି ବୃକ୍ଷ ରୋପଣ କାର୍ଯକ୍ରମଟି ମାଁଙ୍କ ନାମ ରେ ଗଛଟିଏ ଉଦ୍ଦେଶ୍ୟ ଆୟୋଜିତ କରାଯାଇଥିଲା । ଏହି ଅବସରରେ ରାୟଗଡ଼ ବନଖଣ୍ଡ ଅଧିକାରୀ ସଚିନ ଆନ୍ନା ସାହେବ ଓହୋଲ ନିଜ ବାର୍ତ୍ତା ରେ ରାୟଗଡ ଜିଲ୍ଲାବାସୀଙ୍କୁ ନିଜ ମାଁଙ୍କ ନାମରେ ଗୋଟିଏ ବୃକ୍ଷ ରୋପଣ କରିବା ସକାଶେ ଅନୁରୋଧ କରିଥିଲେ । ଏହି କାର୍ଯକ୍ରମଟିକୁ ରାୟଗଡ଼ ବନଖଣ୍ଡର ସହ-ବନ ସଂରକ୍ଷକ ଅଶୋକ କୁମାର ପ୍ରଧାନ, ସଂଦୀପ କୁମାର ପୃଷ୍ଟି ଓ ସତିଶ କୁମାର ଧାରୁଆ ତଦାରଖ କରିଥିଲେ । ତାହାସହ କମେଶ୍ୱର ଆଚାରୀ , ବନାଂଚଳ ଅଧିକାରୀ , ରାୟଗଡ଼ ଏହି କାର୍ଯକ୍ରମଟିକୁ ସୁପରିଚାଳନା କରିଥିଲେ ।

ବିପଦାପନ୍ନ ଅବସ୍ଥାରେ ରଘୁନାଥଜୀ ଠାକୁର ମନ୍ଦିରର ପଥର ପାଚେରୀ

ଯାଜପୁର, ୧୭/୦୯ (ଆ.ପ୍ର) : ଯାଜପୁର ସହର ରେ ଥିବା ପୂଣ୍ୟ ବୈତରଣୀ ନଦୀ କୂଳରେ ଅବସ୍ଥିତ ରଘୁନାଥଜୀ ଠାକୁର ମନ୍ଦିର ର ପଥର ପାଚେରୀ ବିପଦ ସଙ୍କେତ ଅବସ୍ଥା ରେ ରହିଛି ।ରାତି ପାହିଲା କ୍ଷଣେ ଶହଶହ ଯାତ୍ରୀ ଓ ଶ୍ରଦ୍ଧାଳୁମାନେ ସେହି ରାସ୍ତା ଦେଇ ଯିବାଆସିବା କରୁଥିବା ବେଳେ, କେତେ ବେଳେ କିଛି ବି ଦୁର୍ଘଟଣା ଜନିତ ଘଟଣା ଘଟି ପାରେ । କେଉଁ ରାଜା ରାଜୁତି ସମୟରେ ଏହା ନିର୍ମିତ ହେଇଥିଲା । ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗ ନେଇଥିବା ବେଳେ, ଏପରି ଅବ୍ୟବସ୍ଥା ଉପରେ କିପରି ଦୃଷ୍ଟି ଆକର୍ଷଣ ପଡୁନାହିଁ । ତାହା ଏବେ ଚର୍ଚ୍ଚା ବିଷୟ ପାଲଟିଛି । ପଥର ପାଚେରୀ ସଦାସର୍ବଦା ପଥଚାରୀ ଉପରେ ନଜର ରଖିଥିବା ଦେଖିଲେ ଜଣାପଡ଼େ । କାରଣ ଏହି ରାସ୍ତା ଟି ସବୁଠାରୁ ଅଧିକ ଚର୍ଚ୍ଚିତ ରାସ୍ତା ଅଟେ । ଏହି ରାସ୍ତା ଦେଇ ପୂଣ୍ୟ ବୈତରଣୀ ନଦୀ କୂଳରେ ବୁଡ ପକାଇ ତା ସହିତ, ଜମ ମାଁ ସାତଲୋଉଣୀ ମନ୍ଦିର, ଶ୍ରୀ ଜଗନ୍ନାଥ ମନ୍ଦିର, ଲକ୍ଷ୍ମୀ ଠାକୁରାଣୀ ମନ୍ଦିର ପ୍ରମୁଖ ସେହିଠାରେ ଅବସ୍ଥିତ । ସବୁ ଠାରୁ ବିଡ଼ମ୍ବନାର ବିଷୟ ଏହି ତୀର୍ଥ ସ୍ଥଳକୁ ପ୍ରତ୍ୟେକ ଦିନ ଶହଶହ ତୀର୍ଥ ଯାତ୍ରୀ ବିଭିନ୍ନ ରାଜ୍ୟରୁ ଆସୁଥିବା ବେଳେ, ଯାଜପୁର ପୌ । ରପାଳିକା ପକ୍ଷରୁ ଅଳିଆ ଆବର୍ଜନା ସେଠାରେ ଜୁଡ଼ ହେଇଥିବା ଦେଖାଯାଏ । ଏହା ଅତ୍ୟନ୍ତ ଦୂର ଭାଗ୍ୟର ବିଷୟ । ଏଥିପ୍ରତି ଦୃଷ୍ଟି ଆକର୍ଷଣ କରିବା ପାଇଁ ଯାଜପୁର ସହର ବାସୀ ଓ ବୁଦ୍ଧିଜୀବି ମାନେ ଦାବି କରିଛନ୍ତି ।

ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ

ଖଣ୍ଡପଡ଼ା, ୧୭/୦୯ (ଆ.ପ୍ର) : "ସ୍ୱସ୍ଥ ନାରୀ, ସଶକ୍ତ ପରିବାର ଅଭିଯାନ" ହେଉଛି ଏକ ଜାତୀୟ ସ୍ତରୀୟ ଅଭିଯାନ ଯାହା ଓଡ଼ିଶା ସମେତ ସମଗ୍ର ରାଜ୍ୟରେ ଏକ ସୁସ୍ଥ ଭବିଷ୍ୟତ ପିଢ଼ି ଗଠନ ପାଇଁ ଶିବିର ପଦ୍ଧତି ମାଧ୍ୟମରେ ପ୍ରାଥମିକତାରେ ସମସ୍ତ ବୟସର ମହିଳା ଏବଂ ଝିଅମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରିବା ପାଇଁ ଯୋଜନା କରାଯାଇଛି । ଏହି ଅଭିଯାନ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ୧୭ ସେପ୍ଟେମ୍ବର ୨୦୨୫ ରେ ଇନ୍ଦୋରଠାରେ ଉଦ୍ଘାଟିତ ହୋଇଛି, ଏବଂ ୧୭ ସେପ୍ଟେମ୍ବରରୁ ୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ କାର୍ଯ୍ୟକାରୀ ହେବ, ଯେଉଁଥିରେ ଜନସ୍ୱାସ୍ଥ୍ୟ ପ୍ରଶାସନ, ସ୍ୱାସ୍ଥ୍ୟ କ୍ଷେତ୍ରରେ କାର୍ଯ୍ୟରତ ମଂଚ / ଏଜେନ୍ସି / ହସ୍ପିଟାଲ ସମେତ ଏନଜିଓମାନେ ସାମିଲ ହେବେ । ଅଭିଯାନ ସମୟରେ ଶିବିର ପଦ୍ଧତି ମାଧ୍ୟମରେ ସମସ୍ତ ବୟସର ମହିଳା ଏବଂ ଝିଅମାନଙ୍କୁ ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସେବା ପ୍ରଦାନ କରାଯିବ । ବ୍ୟାପକ ସ୍ୱାସ୍ଥ୍ୟ ପରୀକ୍ଷା ନିମ୍ନଲିଖିତ ସର୍ତ୍ତଗୁଡ଼ିକୁ କଭର କରିବ । ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ କର୍କଟ, ସ୍ତନ କର୍କଟ ଏବଂ ଗର୍ଭାଶୟ କର୍କଟ ପାଇଁ ଏନସିଡି ସ୍କ୍ରିନିଂ, ଯକ୍ଷ୍ମା ସ୍କ୍ରିନିଂ, ଆନିମିଆ ପାଇଁ ସ୍କ୍ରିନିଂ, ସିକଲ୍ ସେଲ୍ ଏବଂ ଥାଲାସେମିଆ ପାଇଁ ସ୍କ୍ରିନିଂ ଏଏନ୍ସି ସ୍କ୍ରିନିଂ/ଚେକ୍ଅପ୍ ବୟସ ଅନୁଯାୟୀ ଟୀକାକରଣ, ଖଣ୍ଡପଡ଼ା ବ୍ଲକରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟ-କେନ୍ଦ୍ର, ଖଳିସାହି ଠାରେ ଆଜି ପୂର୍ବାହ୍ନ ୧୦ଘଂଟା ସମୟରେ ଡ଼ାକ୍ତର ଅଭିସାର ପଣ୍ଡା, ଗୋଷ୍ଠୀ- ସ୍ୱାସ୍ଥ୍ୟ କେନ୍ଦ୍ର ନୂଆଗଡିଆସାହିର ମୁଖ୍ୟ ଚିକିତ୍ସାଧିକାରୀ ଶୁଭାରମ୍ଭ କରିଥିଲେ । ଏହି ଅବସରରେ ବିଶ୍ୱରଞ୍ଜନ ସୁବୁଧି ବିପିଏମ ସିଏଚସି ନୂଆଗଡ଼ିଆ ସାହି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କନକଲତା ପୂଜାରୀ, ସଂଯୁକ୍ତା ମୁଦୁଲି ସିଏଚଓ ଖଳିସାହି ସ୍ୱ ସେଂଟର, ଦୀନବନ୍ଧୁ ନାୟକ ସୁପରଭାଇଜର ଖଣ୍ଡପଡ଼ା, କରିଷ୍ମା ଦେଓ ମହାପାତ୍ର ଆଇସିଡିସି କାଉନସିଲର ସିଏଚସି ଖଣ୍ଡପଡ଼ା ପ୍ରମୁଖ ଉପସ୍ଥିତଥିଲେ । ଏହି କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟ କର୍ମୀମାନେ ସାମିଲ ହୋଇଥିଲେ । ବିଭିନ୍ନ ବୟସର ମହିଳା ମାନେ କେନ୍ଦ୍ରକୁ ଆସି ନିଜ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ ।

ନରେନ୍ଦ୍ର ମୋଦିଜିଙ୍କ ଜନ୍ମ ଦିନରେ ଝରିଗାଁ ବ୍ଲକରେ ୧୧,୫୦୦ ଚାରା ରୋପଣ

ଝରୀଗାଁ, ୧୭/୦୯ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଝରୀଗାଁ ବ୍ଲକ ଭିକ୍ଷା ପଂଚାୟତର ଡ଼ିଙ୍ଗିଡ଼ିଗୁଡା ଗ୍ରାମ ଠାରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଝରୀଗାଁ ବିଧାୟକ ନରସିଂହ ଭତ୍ରା ଯୋଗଦେଇ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ଜନ୍ମଦିନରେ ସମସ୍ତେ ଏକ ପବିତ୍ର ସଙ୍କଳ୍ପ ନେବା ଏକ ପେଡ୍ ମା କେ ନାମ କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି । ଯେପରିକି ମା' ଆମକୁ ଜୀବନ, ସ୍ନେହ ଓ ସୁରକ୍ଷା ଦିଅନ୍ତି, ସେପରି ଗଛମାନେ ମଧ୍ୟ ପ୍ରକୃତିକୁ ସୁନ୍ଦର କରନ୍ତି, ପରିବେଶକୁ ସୁରକ୍ଷା କରନ୍ତି ଓ ଆଗାମୀ ପିଢ଼ୀଙ୍କୁ ଶୁଦ୍ଧ ବାୟୁ ଓ ଜୀବନ ଦେଇଥାନ୍ତି । ଗୋଟେ ଗଛ ଲଗାଇବା ମାନେ କେବଳ ପ୍ରକୃତିକୁ ସେବା କରିବା ନୁହେଁ, ଏହା ମା'ଙ୍କ ପ୍ରତି ଆମର ସମ୍ମାନ ଓ ଭକ୍ତିର ଏକ ସଜୀବ ପ୍ରତୀକ । ଆସନ୍ତୁ, ଏହି ଅବସରରେ ପ୍ରତ୍ୟେକେ ନିଜ ମା'ଙ୍କ ନାମରେ ଗୋଟେ ଗଛ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ଦାସ ମୋଦି ଜି ୭୫ ବର୍ଷ ବୟସରେ ପଦାର୍ପଣ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାରେ ୭୫ ଲକ୍ଷ ବୃକ୍ଷ ରୋପଣ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମହତ ଉଦ୍ଦେଶ୍ୟକୁ ସାକାର କରିବା ଲାଗି ଚାଲିଛି ପ୍ରୟାସ, ଏହି କାର୍ଯ୍ୟ କର୍ମରେ ଝରୀଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଧୁ ସୁଧନ ମାଝୀ, ଭିକ୍ଷା ସରପଂଚ ଗୋମତି ବଞ୍ଜରା, ସମିତି ସଭ୍ୟ ଜଗତ କଲାର ଏପିଓ ଦେବେନ୍ଦ୍ର କୁମାର ବେହେରା, ପୂର୍ବତନ ସରପଂଚ ରାଜି ବଞ୍ଜାରା ସବୁ ଗୌଡ଼ ଓ ଗ୍ରାମ ବାସୀମାନେ ଉପସ୍ଥିତ ଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ପାଳିତ

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ସ୍ଥାନୀୟ ପୁରୁଣାଗଡ଼ସ୍ଥିତ ପ୍ରଫୁଲ୍ଲ ପାଠାଗାର ଠାରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ ତମ ଜନ୍ମଦିନ ପାଳନ କରାଯାଇଛି । ପାଠାଗାରର ସଭାପତି ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରି ମୋଦିଙ୍କ ୧୧ବର୍ଷ ପାଂଚ ମାସ ଶାସନକାଳ ଅନେକ ଦୃଷ୍ଟିରୁ ଗୁରୁତ୍ୱ ରଖେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସର ପ୍ରାପ୍ତ ଅଧ୍ୟାପକ ହିମାଂଶୁ ଶେଖର ଆଚାର୍ଯ୍ୟ, ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ଶିକ୍ଷାବିତ ବିଜୟ କୁମାର ପତି, ସତ୍ୟବାଦୀ ଦାସ, ବିକ୍ରମ କୁମାର ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନରେନ୍ଦ୍ର ମୋଦିଙ୍କ ଶାସନକାଳରେ ବିଭିନ୍ନ କ୍ଷେତ୍ରରେ ଭାରତର ସଫଳତା ଭାରତକୁ ଏକ ନୂଆ ପରିଚୟ ଦେବା ସହିତ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି କହିଥିଲେ । ଅନେକ ସଫଳତା ମଧ୍ୟରୁ ଅପରେସନ ସିନ୍ଦୁର, ରାମ ମନ୍ଦିର ପ୍ରତିଷ୍ଠା, ୩୭୦ ଧାରା ଉଚ୍ଛେଦ, ଚନ୍ଦ୍ରର ଦକ୍ଷିଣ ମେରୁରେ ଭାରତକୁ ପହଂଚାଇବା, ଆର୍ଥିକ ସଂସ୍କାର ପାଇଁ G S T ସଂଶୋଧନ ତାଙ୍କ ବିଚକ୍ଷଣ ନେତୃତ୍ୱ ତାଙ୍କୁ ସମଗ୍ର ବିଶ୍ୱରେ ଜଣେ ସଫଳ ରାଷ୍ଟ୍ର ନୀତିଜ୍ଞ ଭାବେ ସ୍ୱୀକୃତି ଦେଇଛି ଓ ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଜିଲ୍ଲାସ୍ତରୀୟ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ

ତିର୍ତ୍ତୋଲ, ୧୭/୦୯ (ଆ.ପ୍ର) :ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୫ ତମ ଜନ୍ମ ଦିବସ ପାଳନ ଅବସରରେ ରାଜ୍ୟବ୍ୟାପୀ ୭୫ ଲକ୍ଷ ବୃକ୍ଷରୋପଣର ଆହ୍ୱାନ ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ଆଜି ପୂର୍ବାହ୍ନରେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଇନ୍ଦ୍ରପା ଗ୍ରାମ ପଂଚାୟତ ର ବାଲି ବିଲ ପଡ଼ିଆ ଠାରେ ଜିଲ୍ଲା ସ୍ତରୀୟ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ତିର୍ତ୍ତୋଲ ବିଡ଼ିଓ ଗିରିଜା ଶଙ୍କର ମଲ୍ଲିକ, ଏ ବି ଡି ଓ ସତ୍ୟଜିତ ସ୍ୱାଇଁ ପ୍ରମୁଖ ମଂଚଶିନ ଥିଲେ । ଆୟୋଜିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶିଳ୍ପ ଦକ୍ଷତା ବିକାଶ ବୈଷୟିକ ଶିକ୍ଷା ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ ଯେ ବର୍ତ୍ତମାନ ଅସମୟ ଜଳବାୟୁ ପରିବର୍ତ୍ତନ ରେ ପ୍ରକୃତି ଅନେକ ପ୍ରତିକୂଳ ପରିସ୍ଥିତି ଦେଇ ଗତି କରୁଛି । ଏଥିପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ଉପାୟ । ସେଥିପାଇଁ ଆଜି ଭାରତର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୭୫ ତମ ଜନ୍ମ ଦିବସ ଉପଲକ୍ଷେ ସାରା ରାଜ୍ୟ ରେ ୭୫ ଲକ୍ଷ ବୃକ୍ଷ ରୋପଣର ଆହ୍ୱାନ ଦିଆ ଯାଇଛି । ଜଗତସିଂହପୁର ଜିଲ୍ଲାରେ ଆଜି ଏହି ଏକ ଦିବସୀୟ ବୃକ୍ଷ ରୋପଣ ଅଭିଯାନ ରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଉଛି । ପ୍ରତ୍ୟେକ ବ୍ଲକ୍ ତଥା ମ୍ୟୁନିସପାଲିଟି ରେ ୫୦୦ରୁ ଅଧିକ ଲେଖାଏଁ ବୃକ୍ଷ ରୋପଣ କରାଯାଉଛି । ପ୍ରକୃତି ର ସନ୍ତୁଳନ ନିମନ୍ତେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଘରେ ଗୋଟିଏ ଗୋଟିଏ ଗଛ ଲଗାଇବାକୁ ସେ ଆହ୍ୱାନ ଦେଇଥିଲେ । ପରିବର୍ତ୍ତନର ଏହି ସ୍ୱରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ଯୁବ ପିଢୀ, ମହିଳା ସମସ୍ତେ ସାମିଲ ହେବାପାଇଁ ସେ କହିଥିଲେ । ଆଜି ସଭାରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବି ନାରାୟଣ ଜେଠୀ ସ୍ୱାଗତ ଭାଷଣ ଦେବା ସହ ଆଜି କାର୍ଯ୍ୟକ୍ରମ ର ମହତ୍ୱ ପ୍ରତିପାଦିତ କରିଥିଲେ । ଏହାପରେ ଅତିଥି ମାନେ ସେଠାରେ ବୃକ୍ଷ ରୋପଣ କରିଥିଲେ । ଏକ ହଜାର ଚାରା ଅତିଥି ତଥା ଉପସ୍ଥିତ ଅଧିକାରୀ, ଛାତ୍ରଛାତ୍ରୀ , ଓ ଉପସ୍ଥିତ ଜନ ସାଧାରଣଙ୍କ ଦ୍ୱାରା ରୋପଣ କରାଯାଇଥିଲା । ଶ୍ରମ ବିଭାଗ ତରଫରୁ ଆଜି ୬୦ ଜଣ ପଞ୍ଜୀକୃତ ନିର୍ମାଣ ଶ୍ରମିକ ମାନଙ୍କୁ ଚାରା ରୋପଣ କରାଯାଇଥିଲା । ପ୍ରକାଶ ଥାଉ କି, ଆଜି ଜିଲ୍ଲାରେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ, ମିଶନ ଶକ୍ତି ମହିଳା, ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

କଳାହାଣ୍ଡି ଜିଲ୍ଲା ମହିଳା ବିଜୁ ଜନତା ଦଳ ପକ୍ଷରୁ ମହିଳା ନିର୍ଯାତନା ଓ ସୁରକ୍ଷା ଦାବୀରେ ଦାବୀ ପତ୍ର ପ୍ରଦାନ

କଳାହାଣ୍ଡି, ୧୭/୦୯ (ଆ.ପ୍ର) : ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ରାଜ୍ୟରେ ବଢୁଥିବା ମହିଳା ନିର୍ଯାତନା ପ୍ରତିବାଦରେ ଏବଂ ମହିଳା ସୁରକ୍ଷା ଦାବିରେ ଆଜି କଳାହାଣ୍ଡି ବିଜୁ ମହିଳା ଜନତା ଦଳ ପକ୍ଷରୁ ସ୍ଥାନୀୟ ମାଁ ମାଣିକେଶ୍ୱରୀ ମନ୍ଦିର ଠାରୁ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରି ବିଜେଡି କର୍ମକର୍ତ୍ତା ନାରୀ ସୁରକ୍ଷା ପ୍ରସଙ୍ଗ ଉଠାଇଥିଲେ । କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧିକ୍ଷକ ନାଗରାଜ ଦେବରକୋଣ୍ଡାଙ୍କୁ ଏକ ପ୍ରତିନିଧି ଦଳ ସାକ୍ଷାତ କରିବା ସହ ତାଙ୍କ ଜରିଆରେ ପୋଲିସ ଡିଜିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଓଡିଶାରେ ମହିଳା ମାନଙ୍କ ପ୍ରତି ଦିନକୁ ଦିନ ହିଂସା, ନିର୍ଯାତନା, ଅପରାଧ, ଅସମ୍ମାନ, ଦୁଷ୍କର୍ମ ଓ ଗଣଦୁଷ୍କର୍ମ ବଢ଼ିବାରେ ଲାଗିଛି । ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ନାରୀ ନିର୍ଯାତନା ଅହେତୁକ ଭାବରେ ବୃଦ୍ଧି ହୋଇଛି । ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଏଥିପାଇଁ ନିନ୍ଦିତ ହେଉଛି । ରାଜ୍ୟର ବିଜେପି ସରକାର ଏ ନେଇ କୌଣସି ବଳିଷ୍ଠ ପଦକ୍ଷେପ ନେଇ ପାରୁନାହାଁନ୍ତି ।ମହିଳାଙ୍କ ସୁରକ୍ଷା ପାଇଁ ତଥା ପ୍ରତିଷ୍ଠିତ ପର୍ଯ୍ୟଟନସ୍ଥଳୀକୁ ସୁରକ୍ଷା ଦେବାରେ ବିଜେପି ସରକାର ବିଫଳ ହୋଇଛି । ଗୋପାଳପୁର ଓ ବାଲିହରଚଣ୍ଡି ପୀଠରେ ପୁରୁଷ ବନ୍ଧୁଙ୍କୁ ଗଛରେ ବାନ୍ଧି ଗଣଦୁଷ୍କର୍ମ କରିବା ଘଟଣା ଅତ୍ୟନ୍ତ ଅମାନବୀୟ ଓ ନିନ୍ଦନୀୟ ବୋଲି ବିଜେଡି ଗର୍ଜିଥିଲା । ଏହିସବୁ ସମ୍ବେଦନଶୀଳ ପ୍ରସଙ୍ଗରେ ସରକାର ତତ୍ପରତା ଦେଖାଇବା ସହ ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲା ମହିଳା ସଭାନେତ୍ରୀ ଲଳିତା ନାଏକ ଦାବୀ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଜୁନାଗଡ଼ ବିଧାୟକ କ୍ୟାପଟେନ୍ ଦିବ୍ୟ ଶଙ୍କର ମିଶ୍ର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଲଳିତା ନାଏକ, ନଗରପାଳ ବିଷ୍ଣୁ ପ୍ରଧାନ, ବିସିସି ବ୍ୟାଙ୍କ ସଭାପତି ଗିରୀଶ ବେହେରା, ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ମହାନ୍ତି, ସୁଧିରା ମେହେର, କଲ୍ୟାଣୀ ନାଏକ, ସଂଯୁକ୍ତା ବେହେରା, ସୁନନ୍ଦା ସାହୁ, ମନିଷା ସାହୁ, ବିଜୟଲକ୍ଷ୍ମୀ କନ୍ଦପାନ, ପ୍ରତିଭା ଚୌହାନ, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ଧର୍ମେନ୍ଦ୍ର ନାଏକ, ରାଜ୍ୟ ଛାତ୍ର ବିଜେଡି କାର୍ଯକାରୀ ସଭାପତି ଅବିନାଶ ଠାକୁର, ବରିଷ୍ଠ ଯୁବ ଉପସଭାପତି ମଂଟୁ ନାଏକ, ଜୋନ ସଭାପତି ମନିନ୍ଦ୍ର ମହାନ୍ତି, କେସିଙ୍ଗା ଏନଏସି ଅଧ୍ୟକ୍ଷ ନୃପରାଜ ଯାଦବ, ବଦ୍ରିନାରାୟଣ ପଟ୍ଟନାୟକ, ହିମାଦ୍ରି ନାଏକ, ମହେଶ ସାହୁ, ଯଜାତି ନାୟକ, ପ୍ରଶାନ୍ତ ନାଏକ, ଦୀନେଶ ବଗର୍ତି, ଅବଦୁଲ କାଦୀର, ଶିବା ସାହୁ, ସେନାପତି ନାଏକ, କ୍ଷୀରସିନ୍ଧୁ ନାଏକ, ପିତବାସ ବେହେରା, ତଥା ଭବାନୀପାଟଣା ପୌରପାଳିକାର ସମସ୍ତ କାଉନସିଲର ପ୍ରମୁଖ ଯୋଗଦେଇଥିଲେ ।

ଖଣ୍ଡପଡାରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ

ଖଣ୍ଡପଡ଼ା ଟାଉନ, ୧୭/୦୯ (ଆ.ପ୍ର) : ଖଣ୍ଡପଡ଼ା ସହର ସମେତ ଆଖପାଖ ଗ୍ରାମରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ବୁଧବାର ପାଳିତ ହୋଇଯାଇଛି । ଖଣ୍ଡପଡ଼ା ପୂର୍ତ୍ତବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ, ବିଦ୍ୟୁତ ବିଭାଗ ଓ ଅନ୍ୟ କାର୍ଯ୍ୟାଳୟରେ ବିଶ୍ୱକର୍ମାଙ୍କ ମୃଣ୍ମୟ ମୂର୍ତ୍ତି ପୂଜା ପାଉଛନ୍ତି । ସେହିପରି ଖଣ୍ଡପଡ଼ା ସହରର କାରିଗରି ସାହିରେ ମା' ବ୍ରାହ୍ମଣିଦେବୀ ଯୁବକ ସଂଘ ପକ୍ଷରୁ ପ୍ରଭୁ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ପାଳିତ ହୋଇଯାଉଛି । ଏତଦବ୍ୟତୀତ ଖଣ୍ଡପଡ଼ା ବ୍ଲକ ଅଂଚଳର ବିଭିନ୍ନ ସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇ ଯାଇଛି । ବିଭିନ୍ନ ପୂଜାମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି ।

କାମଠଣା ଗ୍ରାମ ପଂଚାୟତରେ ଏକ୍ ପେଡ୍ ମାଁ କେ ନାମ କାର୍ଯ୍ୟକ୍ରମ

ଭବାନୀପାଟଣା, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦିଙ୍କ ଜନ୍ମ ଦିନକୁ ସାରା ଦେଶରେ ସେବା ସପ୍ତାହ ପାଳନ କରୁଥିବା ବେଳେ ପ୍ରତି ଜିଲ୍ଲାରେ ପ୍ରତି ଗାଁକୁ ୧୫୦ ଗଛ ଲଗାଇବାର କାର୍ଯ୍ୟକ୍ରମ ରହିଛି । କଳାହାଣ୍ଡି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତି ଗାଁରେ ୩୦୦ ଗଛ ଲଗାଇବା ସହ ୧୭ ସେପ୍ଟେମ୍ବର କଳାହାଣ୍ଡି ଜିଲ୍ଲାରେ ୬ଲକ୍ଷରୁ ଅଧିକ ଚାରାରୋପଣ କରାଯିବାର କାର୍ଯ୍ୟକ୍ରମ ରହିଛି । ଭବାନୀପାଟଣା ବ୍ଲକ କାମଠଣା ଗ୍ରାମ ପଂଚାୟତ ସରପଂଚ ଲୋକନାଥ ଦୁର୍ଗାଙ୍କ ନେତୃତ୍ୱରେ

ପଂଚାୟତ ଅଧିନସ୍ଥ ସମସ୍ତ ଗ୍ରାମରେ ମାଁ ନାମ ଏକ ପେଡ କାର୍ଯ୍ୟକ୍ରମରେ ୧୦୦୦ ରୁ ଅଧିକ ବୃକ୍ଷ ରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶ୍ରମ ଅଧିକାରୀଣୀ ରଶ୍ମିତା ନାୟକ, ସହ ଶ୍ରମ ଅଧିକାରୀ ଜୀତମ ମାଝୀ, ଆଶା, ଅଙ୍ଗନବାଡ଼ି କର୍ମୀ, ସ୍ୱେଚ୍ଛାସେବୀ ସଂଗଠନ, ପଂଚାୟତ ପ୍ରତିନିଧି ପ୍ରମୁଖ ଅଂଶ ଗ୍ରହଣ କରି ଶୋଭାଯାତ୍ରାରେ ଯାଇ ବୃକ୍ଷ ରୋପଣ କରିବା ସହ ସଚେତନତା କରିଥିଲେ ।

ଏସଏଚଜି ଗ୍ରୁପ କର୍ମକର୍ତ୍ତା ପରିବର୍ତ୍ତନକୁ ବିରୋଧ: ବିଡିଓଙ୍କୁ ଦାବିପତ୍ର ପ୍ରଦାନ, ଆତ୍ମାହୁତି ଦେବାକୁ ଧମକ

ଧାମନଗର, ୧୭/୦୯ (ଆ.ପ୍ର) : ଧାମନଗର ବ୍ଲକ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସ.ଏଚ.ଜି ଗ୍ରୁପକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି । ଏସଏଚଜି ଗ୍ରୁପ ଏବଂ ଏମବିକେ, ସିଆରପି ବ୍ୟାଙ୍କ ମିତ୍ର ଆଦି କର୍ମଚାରୀ ଦରମା ପାଉନାହାନ୍ତି । ନବୀନ ସରକାରଙ୍କ ସମୟରେ ଗଠିତ ହୋଇଥିବା କମିଟିର କର୍ମକର୍ତ୍ତା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ପରିବର୍ତ୍ତନ ପାଇଁ ମୋହନ ସରକାରଙ୍କ ନିର୍ଦ୍ଦେଶକୁ ଘୋର ବିରୋଧ କରାଯାଇଛି ।ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ପଂଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ, ଜିପିଏଲଏଫ ଓ ବିଏଲଏଫର କର୍ମକର୍ତ୍ତା ପରିବର୍ତ୍ତନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି । ଏହି ଘଟଣାକୁ ନେଇ ଆଜି ସହ ସହ ସଂଖ୍ୟାର ମହିଳା ମାନେ ପରିବର୍ତ୍ତନ ତଥା ବେଆଇନ ଦର୍ଶାଇ ବିଡ଼ିଓଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନା ମୁତାବକ, ବ୍ଲକ ସ୍ତରରେ ଥିବା ମାତୃଶକ୍ତି ବିଏଲଏଫ ଜରିଆରେ ୩୧ଟି ପଂଚାୟତ ସ୍ତରୀୟ ମହାସଙ୍ଘର ସଭାପତି, ସମ୍ପାଦିକା ଓ ଇସି ମେମ୍ବର ଦୀର୍ଘ ୧୬ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି । ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମାର୍ଚ୍ଚ ମାସ ପର୍ଯ୍ୟନ୍ତ ଆର୍ଥିକ ରାଶି ପ୍ରଦାନ କରିଥିବା ବେଳେ ଅନ୍ୟ ମହିଳାଙ୍କୁ ସବୁଥିରୁ ବଂଚିତ କରିଛି । ଏହାସତ୍ତ୍ୱେ ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଉଛନ୍ତି । ବୁଧବାର ୩୧ଗୋଟି ପଂଚାୟତ ମହାସଙ୍ଘର ସଭାନେତ୍ରୀ ଓ ସମ୍ପାଦିକା ବ୍ଲକ କାର୍ଯ୍ୟାଳୟରେ ପହଂଚି ବିଡ଼ିଓ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରି କର୍ମକର୍ତ୍ତା ପରିବର୍ତ୍ତନ ଓ ନୂତନ ନିଯୁକ୍ତିକୁ ବିରୋଧ କରିଛନ୍ତି । ତେବେ କର୍ମକର୍ତ୍ତା ପରିବର୍ତ୍ତନ ନିର୍ଦ୍ଦେଶକୁ ବାତିଲ କରାଯାଉ ବୋଲି ଦାବି କରିଛନ୍ତି । ଯଦି ସରକାର ଆମ କଥା ନଶୁଣନ୍ତି ତାହାଲେ ବ୍ଲକ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବାକୁ କଳ୍ପନା ମଲ୍ଲିକ, ସୁନନ୍ଦା ସାହୁ, ସସ୍ମିତା ସାମଲ, ଗିତା ରାଣୀ ଜେନା, ଝରଣା ଦାସ ଓ ଅନ୍ୟ ମହିଳା ମାନେ ଧମକ ଦେଉଛନ୍ତି ।

ସିଥେଇ ଆରମ୍ଭ
SEITHO ARAMBHA

ଗୁରୁବାର, ୧୮ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ନବରଙ୍ଗପୁର ଜିଲ୍ଲାରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଶୁଭାରମ୍ଭ

ନବରଙ୍ଗପୁର, ୧୭/୦୯ (ଆ.ପ୍ର) : 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ' କାର୍ଯ୍ୟକ୍ରମ ନବରଙ୍ଗପୁର ଜିଲ୍ଲାରେ ଆରମ୍ଭ ହେଇଛି । ଏହି କାର୍ଯ୍ୟକ୍ରମ ଡାବୁ ଗାଁ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଠାରେ ମାନ୍ୟବର ସାଂସଦ ବଳଭଦ୍ର ମାଝୀ, ବିଧାୟକ ଡ଼ାବୁଗାଁ ମନୋହର ରନ୍ଧାରି, ଜିଲ୍ଲା ପରିଷଦ ଅଧକ୍ଷ୍ୟ ମୋତିରାମ ନାୟକ, ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ସି ଡି ଏମ ଓ ଡ଼ ସନ୍ତୋଷ କୁମାର ପଣ୍ଡା, ବ୍ଲକ ଅଧକ୍ଷା ତଥା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସଦୟ ଉପସ୍ଥିତି ରେ ଶୁଭାରମ୍ଭ କରାଯାଇଛି । ଏହି ଅବସରରେ ସି ଏଚ ସି ଠାରେ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ଶିବିରରେ ମହିଳା, ଶିଶୁ, ଏବଂ କିଶୋରୀ ବାଳିକା ନିମନ୍ତେ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷଣର ବ୍ୟବସ୍ଥା ସହିତ ବିଶେଷଜ୍ଞ ଡାକ୍ତର ପରାମର୍ଶ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଶିବିର ରେ ପ୍ରାୟ ୪୦୦ ମହିଳା ଏବଂ କିଶୋରୀ ବାଳିକା ମାନେ ଯୋଗ ଦେଇ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ଏତଦ ବ୍ୟତୀତ ରକ୍ତ ଦାନ ଶିବିର ମଧ୍ୟ ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମର ଶେଷରେ ଅତିଥି ମାନଙ୍କ ଦ୍ୱାରା ସିଏଚସି ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା । ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ କାର୍ଯ୍ୟକ୍ରମ ରେ ଆଜି ସାରା ଜିଲ୍ଲା ରେ ଗ୍ରାମ୍ୟ ସ୍ତରରୁ ଜିଲ୍ଲା ସ୍ତର ପର୍ଯ୍ୟନ୍ତ ମା'ମାନଙ୍କ ନିମନ୍ତେ ପରୀକ୍ଷଣ ଓ ପରାମର୍ଶ ଶିବିରମାନ ଆୟୋଜନ କରାଯାଉଛି । ଆବଶ୍ୟକତା ଅନୁଯାୟୀ ପୁଷ୍ଟିସାର ଏବଂ ଖାଦ୍ୟ ବିବିଧତା ଉପରେ ପରାମର୍ଶ ଦେବା, ମହିଳା ମାନଙ୍କ ଉଚ୍ଚ ରକ୍ତଚାପ, ମଧୁମେହ, ମୁଖ, ସ୍ତନ ଏବଂ ଗର୍ଭାଶୟ କର୍କଟ, ରକ୍ତହୀନତା, ଟିବି, ସିକିଲସେଲ ରୋଗ, ମାତୃ ସ୍ୱାସ୍ଥ୍ୟ ଏବଂ ଏନ୍‌ସିଡି ସ୍କ୍ରିନିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଅଛି । ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଉପଖଣ୍ଡ ଚିକିତ୍ସାଳୟ, ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ଠାରେ ଏହି ସୁବିଧା ଆସନ୍ତା ମାସ ୨ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ । ଏତତ ବ୍ୟତୀତ ଏହି ଅଭିଯାନ ରେ ସମସ୍ତ ସି ଏଚ ସିଏବଂ ପି ଏଚ ସି ଠାରେ ଗୋଟିଏ ଦିନ ବିଶେଷଜ୍ଞ ଡାକ୍ତର ପରାମର୍ଶ ଶିବିର ମଧ୍ୟ ଆୟୋଜନ କରାଯିବ । ଏହି ସମସ୍ତ ସୁବିଧାର ଲାଭ ନେବା ଏବଂ ସମସ୍ତ ପ୍ରକାରର ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବା ପାଇଁ ସି ଡି ଏମ ଓ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଡାକ୍ତର, ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମଚାରୀ, ପାରା ମେଡିକାଲ ଷ୍ଟାଫ୍, ଏବଂ ସ୍ୱାସ୍ଥ୍ୟ ବିଭାଗର ସମସ୍ତ କର୍ମଚାରୀ ତଥା ସି ଏଚଓ,ଏ ଏନ୍ ଏମ, ଅଙ୍ଗନବାଡି କର୍ମୀ ସମୂହ ସହଯୋଗ କରିଥିଲେ ।

ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାବିଧି ମହାଆଡ଼ମ୍ବରରେ ପାଳିତ

ନୀଳଗିରି, ୧୭/୦୯ (ଆ.ପ୍ର) : ନୀଳଗିରି ଉପଖଣ୍ଡର ବିଭିନ୍ନସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ନୀଳଗିରି ସହରର ପୂର୍ତ୍ତବିଭାଗ କାର୍ଯ୍ୟାଳୟ, ଗ୍ରାମ୍ୟ ଜଳଯୋଗାଣ ଅଫିସ,ଜନସ୍ୱାସ୍ଥ୍ୟ ବିଭାଗ, ରାଇଗାଁ ସ୍ଥିତ ରାଜିବ ଆଇଟିଆଇ, ମରିଚିଣି ମହାଲକ୍ଷ୍ମୀ ଇଞ୍ଜିନିୟରିଂ, ଆରକେସିଏଚି, ପଣ୍ଡା ଅଫିସର ବିଶ୍ୱକର୍ମା କ୍ଲବ, ନୀଳଗିରି ଟ୍ରକ ଏସୋସିଏସନ୍ , କଚେରୀ ବଜାରରେ ଟେମ୍ପୋଷ୍ଟାଣ୍ଡ, ଦୁର୍ଗାମଣ୍ଡପସ୍ଥିତ ଟେମ୍ପୋଷ୍ଟାଣ୍ଡ,ବସଷ୍ଟାଣ୍ଡ, ଗୁଣ୍ଡିଚାମନ୍ଦିର କାର ଷ୍ଟାଣ୍ଡ ପ୍ରଭୃତି ବିଭିନ୍ନସ୍ଥାନରେ ବିଶ୍ୱକର୍ମାଙ୍କ ପୂଜା ହେଉଥିବା ଦେଖିବାକୁ ମିଳିଛି । ବିଭିନ୍ନ ପୂଜାମଣ୍ଡପ ମାନଙ୍କରେ ରଙ୍ଗବେରଙ୍ଗର ଆଲୋକ ସଜ୍ଜା,ଭଜନ କୀର୍ତ୍ତନ ଓ ପ୍ରସାଦ ବଂଟନ ହେଉଥିବା ଦେଖିବାକୁ ମିଳିଛି ।

ରାଜ୍ୟରେ ମହିଳା ମାନଙ୍କ ବିରୁଦ୍ଧରେ ଅପରାଧ, ଅସମ୍ମାନ ଓ ଅପମାନ ସମ୍ପର୍କରେ ଏସପିଙ୍କୁ ଦାବିପତ୍ର

ଜଗତସିଂହପୁର, ୧୭/୦୯ (ଆ.ପ୍ର) : ରାଜ୍ୟରେ ମହିଳା ମାନଙ୍କ ବିରୁଦ୍ଧରେ ଘଟୁଥିବା ଅପରାଧ, ଅସମ୍ମାନ ଓ ଅପମାନ ଜନକ ପରିସ୍ଥିତି ସମ୍ପର୍କରେ ଦୃଷ୍ଟି ଆକର୍ଷଣ ଓ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ଓଡିଶା ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ବିଜୁ ମହିଳା ଜନତା ଦଳ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଆଜି ପ୍ରଦାନ କରାଯାଇଛି ଝଜିଲ୍ଲା ବିଜୁ ମହିଳା ଜନତା ଦଳ ସଭାପତି ସବିତା ମହାପାତ୍ର, ଜିଲ୍ଲା ବିଜେଡ଼ି ସଭାପତି ପ୍ରଶାନ୍ତ କୁମାର ମୁଦୁଲି, ମନୋଜ କୁମାର ଭୋଇ, ଲୋରା ମହାପାତ୍ର, ତୃଷା ଲେଙ୍କା, କନକ ପ୍ରଭା ଲେଙ୍କା, ପ୍ରକାଶ ପ୍ରଧାନ, ପ୍ରଭାତୀ ମହାନ୍ତି, ଦର୍ପ ଦଳିନୀ ମଲ୍ଲିକ, ଡଲି ପଣ୍ଡା, କନକ ସ୍ୱାଇଁ, ସୁଜାତା ମହାନ୍ତି, ରଞ୍ଜିତା ସିଂ, ଦିପ୍ତିମୟୀ ରାୟ ଓ ସମସ୍ତ ଜିଲ୍ଲାପରିଷଦ ସଦସ୍ୟା, ଦୋଳଗୋବିନ୍ଦ ଦାଶ, ପ୍ରିୟବ୍ରତ ମହାପାତ୍ର, ରତିରଞ୍ଜନ ବେହେରା, ସୋନାଲି ସିଂ, ପ୍ରଶାନ୍ତ ମଲ୍ଲିକ ,ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ବହୁ ନାରୀ ନେତ୍ରୀ ସାମିଲ ହୋଇଥିଲେ । ପ୍ରାରମ୍ଭରେ ଜିଲ୍ଲା ମହିଳା ଜନତା ଦଳର ନେତା ଓ କର୍ମୀ ମାନେ ଏକ ବିଶାଳ ଶୋଭାଯାତ୍ରା ରେ ଏସପିଙ୍କ କାର୍ଯ୍ୟାଳୟରେ ପହଂଚି ଦାବିପତ୍ର ପ୍ରଦାନ କରିଥିଲେ ।

ଯାଜପୁର ସହରରେ ଗୋମାତାଙ୍କ ରକ୍ଷଣଶୀଳ ପାଇଁ କାହାରି ଦୃଷ୍ଟି ଆକର୍ଷଣ ହେଉନାହିଁ

ଯାଜପୁର, ୧୭/୦୯ (ଆ.ପ୍ର) : ସମସ୍ତେ କାନ୍ଦୁଛନ୍ତି ଗୋମାତାଙ୍କ ରକ୍ଷା ପାଇଁ । କିନ୍ତୁ କାହାରି ଆଖିରେ ଲୁହ ଦେଖି ହେଉନାହିଁ । କେବଳ ଲୋକ ଲୋଚନକୁ ଆଣିବା ଏବଂ ସେଲ୍ଫି ମାଧ୍ୟମରେ ସିମିତି ହୋଇ ରହିଯାଇଛି । ସରକାର ବଦଳି ହେବାପରେ ଜନତାଙ୍କ ମନରେ ଗୋମାତାଙ୍କ ପ୍ରତି ନୂତନ ଆଶାର ସଂଚାର ସୃଷ୍ଟି ହେଉଥିବା ବେଳେ, ସରକାର ଏଥିପ୍ରତି ଜମାରୁ ଦୃଷ୍ଟି ଆକର୍ଷଣ କରୁନଥିବା ଯୋଗୁଁ, ଅକାଳରେ ନିରିହ ଗୋମାତାଙ୍କ ସହିତ ଗୋସେବକଙ୍କ ମଧ୍ୟ ଜୀବନ ବିପଦାପନ୍ନ ହେଉଥିବା ଦେଖାଯାଏ । ଯାଜପୁର ସହର ମଧ୍ୟରେ ଏବେ ଗାଈଗୋରୁ ମାନଙ୍କ ସଂଖ୍ୟା ଧିରେ ଧିରେ ବଢୁଥିବା ବେଳେ, ବହୁ ସମୟରେ ଏମାନେ ଦୁର୍ଘଟଣା ଜନିତ ମୃତ୍ୟୁ ସହିତ ସଂଗ୍ରାମ କରୁଥିବାବେଳେ, କିଛି ଗୋ ସଂଗଠନ ଭାଇମାନଙ୍କୁ ଚିକିତ୍ସା (ଗୋଶାଳା ମିଳୁନଥିବାରୁ) କରିବା ପାଇଁ ବହୁ ସମସ୍ୟା ଦେଖାଦେଉଥିବା ଦେଖିବାକୁ ମିଳେ । ଯାହା ଫଳରେ ଗୋ ମାତାଙ୍କ ସେବା ରାସ୍ତା କଡ଼ରେ ହେଉଥିବା ଦେଖାଯାଏ । ରାଜ୍ୟ ସରକାର ଗୋମାତାଙ୍କ ରକ୍ଷା ପାଇଁ ନିହାତି ଗୋଶାଳା ଯାଜପୁର ସହର ମଧ୍ୟରେ କରିବା ଦରକାର । ତା ସହିତ ଗୋମାତାଙ୍କ ଖାଦ୍ୟ ପଦାର୍ଥ ପ୍ରସ୍ତୁତି ନିମନ୍ତେ ସରକାର ଯୋଜନା କରିବା ପାଇଁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବ ସହିତ ବିଭିନ୍ନ ଗୋ ସେବୀ ସଂଗଠନ ପକ୍ଷରୁ ଦାବି କରିଛନ୍ତି । ବିଭିନ୍ନ ସମୟରେ ରାତିରେ ଗାଈଗୋରୁ ଗୁଡିକ ରାସ୍ତା ଉପରେ ଶୋଇବା ହେତୁ, ବହୁ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳେ । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଆକର୍ଷଣ କରିବା ପାଇଁ ଯାଜପୁର ସହର ର ଗୋ ସଂଗଠନ ପକ୍ଷରୁ ଦାବି କରାଯାଇଛି ।

ଗଣିଆ ବ୍ଲକ୍‌ରେ ଅନୁଷ୍ଠିତ ହୋଇଛି, 'ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ'

ଗଣିଆ, ୧୭/୦୯ (ଆ.ପ୍ର) : ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସୁସ୍ଥ ନାରୀ ସଶକ୍ତ ପରିବାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ୧୭ ତାରିଖ ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ମଧୁସୂଦନ ଦାସ ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟକ ଦିନ ୨୦୦ ଜଣ ମହିଳାଙ୍କର ସମସ୍ତ ରୋଗର ଚିକିତ୍ସା ସହିତ ସଚେତନତା ଅନୁଷ୍ଠିତ ହେବ । ୨୧ ତାରିଖରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ମହିଳା ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ସ୍ତ୍ରୀ ରୋଗ ବିଶେଷଜ୍ଞ ଠାରୁ ଆରମ୍ଭ କରି ଆଖି, ଦନ୍ତରୋଗ ଡାକ୍ତର ମାନେ ଏହି ଶିବିରରେ ଉପସ୍ଥିତ ରହି ସେବା ଯୋଗାଇଦେବେ । ଉତ୍ତମ ଚିକିତ୍ସା ସହିତ କିଭଳି ଖାଦ୍ୟ ଖାଇଲେ ନିରୋଗ ରହିପାରିବେ ସେ ସମ୍ପର୍କରେ ଶିବିରରେ ଥିବା ଡାକ୍ତର ମହିଳା ମାନଙ୍କୁ ପରାମର୍ଶ ଦେଇଥିଲେ । ତେଣୁ ବ୍ଲକର ୮ଟି ପଂଚାୟତରେ ଥିବା ୧ ବର୍ଷରୁ ଅଧିକ କନ୍ୟା, ଯୁବତୀ ତଥା ମହିଳା ମାନେ ତୁରନ୍ତ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ଅଧିକାରୀ ନିବେଦନ କରିଛନ୍ତି । ଗଣିଆରେ ଏଭଳି ସ୍ୱତନ୍ତ୍ର ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ କେବେ ବି ଆଗରୁ ହୋଇନଥିବାରୁ ଜନସାଧାରଣ ଏହି ଶିବିରରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସେ ସମସ୍ତ ଲୋକପ୍ରତିନିଧି ମାନଙ୍କୁ ସୂଚନା ଦେଇଛନ୍ତି । ପ୍ରଥମ ଦିନରେ ଶତାଧିକ ମହିଳା ରୋଗୀ ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ ।

'ଏକ ପେଡ୍ ମା କେ ନାମ' ଓ ସ୍ୱଚ୍ଛତା ଅଭିଯାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ

ବାଲେଶ୍ୱର/ନୀଳଗିରି, ୧୭/୦୯ (ଆ.ପ୍ର) : ପ୍ରକୃତି ପ୍ରତି ସ୍ନେହ, କୃତଜ୍ଞତା ଓ ପରିବେଶୀୟ ଦାୟିତ୍ୱବୋଧର ବାର୍ତ୍ତା ସହିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ, ଭାରତ ସରକାରଙ୍କ ପ୍ରେରଣାଦାୟକ ପ୍ରୟାସ "ଏକ ପେଡ୍ ମା କେ ନାମ" ଓ ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱଚ୍ଛତା ଅଭିଯାନ ପାଳନ କରାଯାଉଛି । ଏହି କାର୍ଯ୍ୟକ୍ରମଟି ଜାତୀୟ ସେବା ଯୋଜନା (ଏନଏସଏସ୍) କୋ-ୟୁନିଟ ଦ୍ୱାରା ଆୟୋଜିତ ହୋଇଥିଲା, ଯେଉଁଠାରେ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସାମୂହିକ ଭାବରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତାରେ ସାମିଲ ହୋଇଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ସ୍ମାରକ ପ୍ରତିକାତ୍ମକ ବୃକ୍ଷରୋପଣ ସହ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା, ଯେଉଁଠି ପ୍ରତ୍ୟେକ ଅଂଶଗ୍ରହଣକାରୀ ନିଜ ମା'ଙ୍କ ନାମରେ ଓ ସ୍ମୃତିରେ ଚାରାରୋପଣ କରି, ପ୍ରକୃତି ପ୍ରତି ସମ୍ମାନ ଓ ସହଯୋଗର ମନୋଭାବ ପ୍ରଦର୍ଶନ କରିଥିଲେ । ପ୍ରାୟ ୫୦୦ରୁ ଅଧିକ ଆମ୍ବ, ନୀମ, ଚମ୍ପା, କରଞ୍ଜ, ବଉଳ ଇତ୍ୟାଦି ଗଛର ଚାରାରୋପଣ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ପରିବେଶ ସୁରକ୍ଷା ପ୍ରତି ବ୍ୟକ୍ତିଗତ ଦାୟିତ୍ୱବୋଧ, ସ୍ନେହବୋଧ ଓ ସେଗୁଡିକର ଦୀର୍ଘକାଳୀନ ଯତ୍ନ ନେବାସହ ପ୍ରକୃତିର ନିୟମ ମୁତାବକ ବିଭିନ୍ନ କାର୍ଯ୍ୟକଳାପ ସଂପର୍କରେ ଅବଗତ କରାଗଲା । ପରେ, ଏନଏସଏସ୍ ସେବକମାନେ ସମଗ୍ର କ୍ୟାମ୍ପସରେ ବ୍ୟାପକ ସ୍ୱଚ୍ଛତା ଅଭିଯାନ କରି, ଆବର୍ଜନା ସଂଗ୍ରହ, ରାସ୍ତାର ସଫା କରିବା ଓ ବର୍ଜ୍ୟବସ୍ତୁର ପରିଚାଳନା ତଥା ସ୍ଥାୟୀ ଜୀବନଶୈଳୀର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥିଲେ । ଏହି ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଲେ, ''ଏକ ପେଡ୍ ମା କେ ନାମ' କେବଳ ଗଛ ଲଗାଇବାର କାର୍ଯ୍ୟ ନୁହେଁ ; ଏହା ଆମ ପରିବେଶ, ଆମ ମା' ଓ ଆସନ୍ତା ପିଢ଼ି ପ୍ରତି ଆମର ସ୍ନେହ ଓ ଦାୟିତ୍ୱକୁ ଦୃଢୀଭୂତ କରେ । ସ୍ୱଚ୍ଛତା ଅଭିଯାନ ସହିତ ଏହି ପ୍ରୟାସ ଆମ କ୍ୟାମ୍ପସକୁ ଅଧିକ ସବୁଜ, ସ୍ୱଚ୍ଛ ଓ ସୁସ୍ଥ କରିବା ପ୍ରତିଶ୍ରୁତିକୁ ପୂରଣ କରିପାରିବ ।" ଉକ୍ତ କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ତ୍ରିପାଠୀଙ୍କ ସହ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା, ଏନଏସଏସ ର ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଏନଏସଏସର ପ୍ରୋଗ୍ରାମ୍ ଅଫିସରମାନେ, ଡ଼କ୍ଟର ପ୍ରତିମା ପ୍ରଧାନ, ଡ଼କ୍ଟର ସ୍ମୃତିରେଖା ସାହୁ,ଅଭୟ ନାୟକଙ୍କ ସହିତ ଶିକ୍ଷକ-କର୍ମଚାରୀ ଓ ଏନଏସଏସର ସ୍ୱେଚ୍ଛାସେବୀମାନେ ସଚେତନ, ସ୍ୱଚ୍ଛ ଓ ଶୃଙ୍ଖଳିତ ପରିବେଶକୁ ନେଇ କ୍ୟାମ୍ପସର ସୃଷ୍ଟି ପାଇଁ ନିୟମିତ ଭାବରେ ଏପରି କାର୍ଯ୍ୟକ୍ରମ କରିବାକୁ ସଙ୍କଳ୍ପ ନେଇଥିଲେ । କାର୍ଯ୍ୟକ୍ରମର ଶେଷରେ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିକୋଣ "ସ୍ୱଚ୍ଛତା ହେଉଛି ଭଗବାନଙ୍କ ସାନ୍ନିଧ୍ୟ"କୁ ପ୍ରାଣବନ୍ତ କରି ଛାତ୍ରଛାତ୍ରୀମାନେ ନିଜେ ଲଗାଇଥିବା ଗଛକୁ ସ୍ନେହପୂର୍ବକ ଯତ୍ନ କରିବା ଓ ପରିବେଶକୁ ସ୍ୱଚ୍ଛ ରଖିବାର ଶପଥ ନେଇଥିଲେ ।

ଟିକାବାଲି କଲେଜେ ମାପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ

ଟିକାବାଲି, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସି ଏସ ମହାବିଦ୍ୟାଳୟରେ ମା ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଛଅ ସହରୁ ଉର୍ଦ୍ଧ ଛାତ୍ର ଛାତ୍ରୀ କଲେଜ ପରିସର ଏବଂ ବାହାରେ ପାଂଚଶହ ଆମ୍ବ, ପଣସ, ଚାକୁଣ୍ଡା ରୋପଣ କରିଥିଲେ । ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜ୍ଞାନ ରଞ୍ଜନ ଭୋଇ, ଅଧ୍ୟାପିକା ଚମ୍ପା ସୋରେନ, ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତନ ଡିଗାଲ ପରିଚାଳନା କରିଥିଲେ । ଅଧ୍ୟାପକ ସନ୍ତୋଷ ରଥ, ନରେନ୍ଦ୍ର ଡିଗାଲ, ବିରୂପାକ୍ଷ ତ୍ରିପାଠୀ, ଅମୂଲ୍ୟ ସାବତ, ଦୀପକ କୁମାର ସାହୁ ଖେଳ ଶିକ୍ଷକ ଧର୍ମେନ୍ଦ୍ର ନାୟକ, ଅଧ୍ୟାପିକା ନିବେଦିତା ଭୋଇ, ଶିବାନୀ କହଁର, ସ୍ମୃତିରେଖା ନାୟକ, ସଂଘମିତ୍ରା ଦାଶ, ନମିତା ମହାରଣା ସହଯୋଗ କରିଥିଲେ । ବିଜେପି ରାଜ୍ୟ ଏସ ସି ମୋର୍ଚ୍ଚାର ଉପସଭାପତି ରାମବିଶ ଡିଗାଲ, ସାଂସଦ ପ୍ରତିନିଧି ଜିତେନ୍ଦ୍ର ଡାକୁଆ, ପ୍ରାକ୍ତନ ବିଧାୟିକା ଅଜୟନ୍ତୀ ପ୍ରଧାନ ଏବଂ ବହୁ ବିଜେପି ନେତା ଯୋଗ ଦେଇ ଗଛ ଲଗେଇଥିଲେ । କଲେଜର ସମସ୍ତ ଅଧ୍ୟାପିକା, ଅଧ୍ୟାପିକା ଓ କର୍ମଚାରୀ ସହଯୋଗ କରିଥିଲେ ।

ନୂଆପଡ଼ା ଜିଲ୍ଲାରେ 'ମା ପାଇଁ ଗଛ ଟିଏ' କାର୍ଯ୍ୟକ୍ରମରେ ଏକ ଦିନରେ ଲାଗିଲା ୫ ଲକ୍ଷ ୭୨ ହଜାର ଗଛ

ନୂଆପଡା,୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ ତମ ଜନ୍ମ ଦିବସ ଉପଲକ୍ଷେ ମା ପାଇଁ ଗଛ ଟିଏ ' କାର୍ଯ୍ୟକ୍ରମରେ ଆଜି ନୂଆପଡା ଜିଲ୍ଲାରେ ୫,୭୨,୪୦୭ ବୃକ୍ଷ ରୋପଣ କରାଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା । ଖଡିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ୍ ଏଥିପାଇଁ ଆବଶ୍ୟକ ଚାରା ଯୋଗାଇ ଦେଇଥିଲେ । ଉପ ନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଁସଦା ୩୧,୦୭୫ କଲମୀ ଆମ୍ବ ଚାରା ଯୋଗାଇ ଥିଲେ । ଘାଟିପଡ଼ା ଠାରେ ଆୟୋଜିତ ମୁଖ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ, ଜିଲ୍ଲା ପରିଷଦ ଅଧକ୍ଷା ଡଳି ମାଝୀ, ସ୍ୱେଚ୍ଛାସେବୀ ମହେନ୍ଦ୍ର ଯୋଶୀ ପ୍ରମୁଖ ଯୋଗଦେଇ ବିଜୁ ଏକ୍ସପ୍ରେସୱେ ଏବଂ ନିକଟସ୍ଥ ପଡିଆରେ ବ୍ୟାପକ ବୃକ୍ଷରୋପଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଉତ, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ସମଗ୍ର ଜିଲ୍ଲା ବୁଲି ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ । ଏଥିରେ ଜିଲ୍ଲାର ସମସ୍ତ ବିଭାଗ,କାର୍ଯ୍ୟାଳୟ ,ବ୍ଲକ୍, ତହସିଲ, ବିଜ୍ଞାପିତ ଅଂଚଳ ପରିଷଦ, ବିଦ୍ୟାଳୟ, ମହାବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଅଂଶ ଗ୍ରହଣ କରିଥିଲେ । ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଆଶାତୀତ ସଫଳ କରି ମେରି ଲାଇଫ ପୋର୍ଟାଲରେ ଅପ୍ ଲୋଡ୍ କରି ଥିବାରୁ ଜିଲ୍ଲାପାଳ ସମସ୍ତ ଜନ ପ୍ରତିନିଧି, ଅଧିକାରୀ , କର୍ମଚାରୀ ଏବଂ ଜନ ସାଧାରଣଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଗୋଟିଏ ସବୁଜ ସୁନ୍ଦର ,ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ହିସାବରେ ନୂଆପଡା ଜିଲ୍ଲା ରାଜ୍ୟ ତଥା ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

ଜିଲ୍ଲା ବିଜେପି ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ



ଜଗତସିଂହପୁର, ୧୭/୦୯ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜିଙ୍କ ୭୫ ତମ ଜନ୍ମ ଦିବସ ଅବସରରେ ମା'ପାଇଁ ଗଛ ଟିଏ ' କାର୍ଯ୍ୟକ୍ରମ ସ୍ଥାନୀୟ ମାର୍କଣ୍ଡପୁର ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା ସର୍ବାଙ୍ଗ ସୁନ୍ଦରୀ ପିଠ ପାଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ ଓ ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋଇ, ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ଜିଲ୍ଲା ଉପ ସଭାପତି ସୌଭାଗ୍ୟ ମହାନ୍ତି ଓ କଳ୍ପନା ମହାନ୍ତି ସର୍ଜନ ସିଂହ, ସବିତା ସ୍ୱାଇଁ, ମଣ୍ଡଳ ସଭାପତି ବିନୋଦ ମହାନ୍ତି, ଚିତ ରଞ୍ଜନ ପଣ୍ଡା, ଦୁଇ ଲୋକନାଥ ପଣ୍ଡା, ପବିତ୍ର ଜେନା, ଅନିରୁଦ୍ଧ ପତି, ପ୍ରଭୃତି ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଥମେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇ ଥିଲାକ୍ଷ ପରେ ବଉଳ ଓ ଅଁ ଳା ଗଛ ଲଗାଯାଇଥିଲା ଗଛ ଗୁଡିକର ସୁରକ୍ଷା ପାଇଁ ବାଂଚରା ଦେଇ କଭର କରାଯାଇଥିଲା । ଆଜିର କାର୍ଯ୍ୟକ୍ରମ ରେ ମାର୍କଣ୍ଡପୁର ଗ୍ରାମର ମା ମାନେ ବାସନ୍ତୀ ପାତ୍ର, ଗୌରୀ ସାହୁ,ନିରୁପମା ମହାନ୍ତି, ବନିତା ମହାନ୍ତି, ହାରା ଦେଇ ପ୍ରଭୃତି ଉପସ୍ଥିତ ରହି ଗଛ ଗୁଡିକର ସୁରକ୍ଷା ନେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ, ଅନ୍ୟ ମାନଙ୍କ ମଧ୍ୟ ରେ ନିହାର କାନ୍ତ ପତି, ପ୍ରିୟବ୍ରତ ମଲ୍ଲିକ, ପ୍ରଫୁଲ ଦାସ, ସୁକାନ୍ତ ପାତ୍ର, ରମେଶ ଚନ୍ଦ୍ର ସାହୁ, ବାସୁଦେବ ସାହୁ, କଷଲିଙ୍ଗନଗର ମହାନ୍ତି, ହେମନ୍ତ ପଳାଉରୀ, ଦେବେନ୍ଦ୍ର ତ୍ରିପାଠୀ, ଶ୍ରୀକାନ୍ତ ପଟ୍ଟନାୟକ, ଲିଙ୍ଗରାଜ ଲେଙ୍କା, ସମ୍ପିତ ଷଡ଼ଙ୍ଗୀ, ପ୍ରଭୃତି ସ୍ୱବଯୋଗ ଉପସ୍ଥିତ ଥିଲେ ।

ବାସୁଦେବ ପୁର ପୌରପାଳିକା ତରଫରୁ'ଏକ୍ ପେଡ୍ ମା କେ ନାମ୍'୨.୦ କାର୍ଯକ୍ରମ ଅନୁଷ୍ଠିତ



ବାସୁଦେବ ପୁର, ୧୭/୦୯ (ଆ.ପ୍ର) : ଭାରତର ପରମ ଆଦରଣୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶୁଭ ଜନ୍ମଦିବସ ଉପଲକ୍ଷେ, ଆଜିର ଦିନରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବାର୍ତ୍ତା ଅନୁକ୍ରମେ ୭୫ ଲକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ସାରା ଓଡ଼ିଶାରେ କରାଯିବ । ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ୨.୦'ଅବସରରେ ସରକାରଙ୍କ ନିର୍ଦ୍ଦେଶ କ୍ରମେ ୭୫ ତମ ଜନ୍ମ ଦିବସ ଅବସରରେ ଆଜି ବାସୁଦେବପୁର ମ୍ୟୁନିସପାଲିଟି ଅନ୍ତର୍ଗତ ୬ ନମ୍ବର୍ ୱାର୍ଡର ମୁନିପଦା ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । 'ଏକ୍ ପେଡ୍ ମା କେ ନାମ୍' ଅଭିଯାନରେ ସାମିଲ ହେଲେ ବାସୁଦେବ ପୁର ବିଧାୟକ ମାନ୍ୟବର ଆଶୋକ କୁମାର ଦାସ, ଶିଳ୍ପପତି ବା ଯୁବ ସମାଜ ସେବୀ ଶୁଭେନ୍ଦୁ ଭୂଷଣ ବେହେରା ମହୋଦୟ,ଉପାଧ୍ୟକ୍ଷ ଉତ୍ତମ ବାରିକ୍, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ , ଛଅ ନମ୍ବର ୱାର୍ଡର କାଉନ୍‌ସିଲାର ଶ୍ରୀଯୁକ୍ତ ହେମନ୍ତ କୁମାର ନାୟକ, ପାଂଚ ନମ୍ବର ୱାର୍ଡ କାଉନ୍‌ସିଲାର ଜଗବନ୍ଧୁ ଦାଶ, ମିଶନ ଶକ୍ତି ମହିଳା ଓ ବାସୁଦେବ ପୁର ପୌରପାଳିକାର କର୍ମଚାରୀଙ୍କ ସମେତ ଅନ୍ୟ ନେତୃବୃନ୍ଦ ମାନେ ଉପସ୍ଥିତ ଥିଲେ ।

ଚନ୍ଦାହାଣ୍ଡି ବ୍ଲକ ଠାରେ ଏକ ପେଡ ମା' କେ ନାମ, ବୃକ୍ଷ ରୋପଣ

ଚନ୍ଦାହାଣ୍ଡି, ୧୭/୦୯ (ଆ.ପ୍ର) : ପରିବେଶ ସୁରକ୍ଷା ପାଇଁ କେନ୍ଦ୍ର ସରକାର ଗତ ବର୍ଷଠୁ ଆରମ୍ଭ ହୋଇଥିବା ' ଏକ ପେଡ ମା' ମା କେ ନାମ ' ଅଭିଯାନର ଦ୍ୱିତୀୟ ସଂସ୍କରଣରେ ରାଜ୍ୟରେ ୭୫ ଲକ୍ଷ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି. ଏହି ପରିପେକ୍ଷୀରେ ଚନ୍ଦାହାଣ୍ଡି ବ୍ଲକ ପ୍ରଶାସନ ଦ୍ୱାରା ବିହିତ ପଦକ୍ଷେପ ନିଆଯାଇଛି । ଏହି କାର୍ଯ୍ୟକ୍ରମ ଆଜି ଚନ୍ଦାହାଣ୍ଡି ବ୍ଲକର ସମସ୍ତ ଶିକ୍ଷାନୁଷ୍ଠାନ, ଗ୍ରାମ ପଂଚାୟତ, ବ୍ଲକ ପରିସର, ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇଥିଲା । ଏହି ପରିପେକ୍ଷିରେ ଆଜି ପାଟଖଳିଆ ପାଟେନ ହାଇସ୍କୁଲ ଠାରେ ୧୦୦ଟି ବିଭିନ୍ନ ପ୍ରକାର ବୃକ୍ଷ ରୋପଣ କରାଯାଇଥିଲା । ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଏ ବିଡ଼ିଓ ତ୍ରିଲୋଚନ ହଂଚାଣ, ଯେ ଇ କାଳିଶଙ୍କର ପାଟବନ୍ଧା, ରାଜୀବ ଲୋଚନ ଧଳ, ସୁରେଶ ନାୟକ, ପାଟଖଳିଆ ଗ୍ରାମ ପଂଚାୟତ ସରପଂଚ ସୁଶୀଳା ପୂଜାରୀ, ସମିତି ସଭ୍ୟା ନିରୁପମା ଧୁରୁଆ, ପୂର୍ବତନ ସରପଂଚ ହର ପୂଜାରୀ, ପିଇଓ ରତ୍ନାକର ସାହୁ, ଜିଆରଏସ ରତନ କୁମାର ଦେଓ, ଯୋଗାଣ ସହାୟକ ଗୋପାଳ ବିଶି, ମଧୁସୂଦନ ନାଗେଶ, ପ୍ରଦୀପ ଦାଶ, ସନ୍ତୋଷ ଦାଶ, ପ୍ରଧାନ ଶିକ୍ଷକ ସୁରେଶ କୁମାର ସାହୁ, ଲାଳମୋହନ ଧୁରୁଆ, ତ୍ରିନାଥ ଦାଶ,ଉଗ୍ରେସନ ପୂଜାରୀ, ଶ୍ୟାମସୁନ୍ଦର ନେତାମ, ଟିକମ ଡଙ୍ଗରି, ବୈଦ୍ୟ ଗୋପାଳ, ଶଙ୍କର ମାଝୀ ସୁରେଶ ପୋଡ଼, ଡମ୍ବରୁ ମାଝୀ, ଯାଦବ ବଗର୍ତି, ଜରାସନ୍ଧ ଜାଲ ପ୍ରମୁଖ ଯୋଗଦେଇଥିଲେ ତା ସହିତ ପାଟେନ ହାଇସ୍କୁଲର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ଆରମ୍ଭ
SEITHO ARAMBHA

ଜିଏସ୍‌ଟି ସଂସ୍କାର ଗରିବ ଓ ମଧ୍ୟବିତ୍ତଙ୍କ ଜୀବନଧାରଣ ସହଜ କରିବ: ସାଂସଦ

ବାଲିଗୁଡା, ୧୭/୦୯ (ଆ.ପ୍ର) : 'ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେପ୍ଟେମ୍ବର ୩ ତାରିଖରେ ଜିଏସ୍‌ଟିରେ ଅଣାଯାଇଥିବା ସଂସ୍କାର ଦେଶର ଗରିବ ଓ ମଧ୍ୟବିତ୍ତଙ୍କ ଜୀବନଧାରଣ ସହଜ କରିବ' ବୋଲି କହିଛନ୍ତି କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ବାଲିଗୁଡା ସଭା ଗୃହରେ ଆୟୋଜିତ ବ୍ୟବସାୟୀ ଓ ବୁଦ୍ଧିଜୀବି ମାନଙ୍କୁ ନେଇ ଅନୁଷ୍ଠିତ ସମ୍ମିଳନୀରେ ସେ ଜିଏସଟି ସଂସ୍କାର ସମ୍ପର୍କରେ ଆଲୋଚନ କରି କହିଛନ୍ତି, ସାଧାରଣ ଜନତା ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଉପରେ ଟିକସ ହ୍ରାସ ଚାହୁଁଥିଲେ, ମୋଦୀ ତାକୁ ଦୃଷ୍ଟିରେ ରଖି ଏହି ସଂସ୍କାର ଆଣିଛନ୍ତି । ସାରା ବିଶ୍ୱ ପ୍ରତିକୂଳ ପରିସ୍ଥିତିରେ ଗତି କରୁଥିବା ଓ ଆମେରିକା ଭାରତ ଉପରେ ଟିକସ ବଢ଼ାଇଥିବା ସମୟରେ ମୋଦୀ ସରକାର ଏତେ ବଡ଼ ଟିକସ ରିହାତି କରିଛନ୍ତି । ଯାହା ଭାରତର ଆର୍ଥିକ ସ୍ଥିରତାର ପ୍ରମାଣ । ଏହି ସଂସ୍କାର ସେପ୍ଟେମ୍ବର ୨୨ରୁ ଲାଗୁ ହେବ । ଲୋକଙ୍କୁ ଦୀପାବଳି ପୂର୍ବରୁ ମୋଦୀ ଏନେଇ ଭେଟି ବୋଲି ସାଧାରଣରେ ଆଲୋଚନା ହେଉଛି । ଲୋକେ ଶସ୍ତାରେ ଜିନିଷ କିଣିବାକୁ ସୁଯୋଗ ମିଳିବ' ବୋଲି ସେ କହିଛନ୍ତି । 'ବିଶେଷ କରି ଅଣୁ, କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ, କୃଷିକ୍ଷେତ୍ର, ସ୍ୱାସ୍ଥ୍ୟସେବା, କେନ୍ଦୁ ପତ୍ର ଶ୍ରମିକଙ୍କ ପାଇଁ ଲାଭଦାୟକ ହେବ । ଦେଶରେ ସ୍ୱାଧୀନତା ପରଠାରୁ ପ୍ରଚଳିତ ବିଭିନ୍ନ ପ୍ରକାର ପରୋକ୍ଷ ଟିକସ ବ୍ୟବସ୍ଥା ଉଚ୍ଛେଦ କରି ମୋଦି 'ଏକ ରାଷ୍ଟ୍ର, ଏକ ଟିକସ' ବ୍ୟବସ୍ଥା ପ୍ରଚଳନ କରିଥିଲେ । ଏହା ଦେଶରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ, ପ୍ରତିରକ୍ଷାର ଆଧୁନିକୀକରଣ, ଡିବିଟି ମାଧ୍ୟମରେ ବିଶାଳ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ ହୋଇଥିଲା । କେବଳ ସେତିକି ନୁହେଁ ବାର୍ଷିକ ଦେଶର ୬.୮୩ ଲକ୍ଷ କୋଟି ଟଙ୍କା ହିତାଧିକାରୀଙ୍କ ପାଖରେ ବିନା ମଧ୍ୟସ୍ଥିରେ ପହଂଚାଇବା, ୮୦ କୋଟି ନାଗରିକଙ୍କୁ ମାଗଣା ରାସନ, ୩.୮ କୋଟି ଘର ନିର୍ମାଣ ଜିଏସଟି ବିକାଶର ଅଂଶବିଶେଷ । ଏହା ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତ କରିଛି' ବୋଲି ସାଂସଦ ଶ୍ରୀ ପାଣିଗ୍ରାହୀ କହିଥିଲେ । ସମ୍ମିଳନୀରେ ବାଣିଜ ସଂଘ, କ୍ଷୁଦ୍ର ବାଣିଜ ସଂଘ ସମେତ ବୁଦ୍ଧିଜୀବୀ ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ପଠାଣି ସାମନ୍ତ ମହାବିଦ୍ୟାଳୟ, ଖଣ୍ଡପଡ଼ାରେ ବୃକ୍ଷରୋପଣ ଓ ସାଇକେଲ ରାଲି କାର୍ଯ୍ୟକ୍ରମ

ଖଣ୍ଡପଡ଼ା, ୧୭/୦୯ (ଆ.ପ୍ର) : ଯଶସ୍ୱି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜିଙ୍କ ୭୫ତମ ଜନ୍ମ ଦିବସ ଅବସରରେ ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ପକ୍ଷରୁ ସେବା ପକ୍ଷ ପକ୍ଷରୁ ମେଗା 'ସାଇକେଲ ରାଲି' କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ମାନ୍ୟବର ବିଧାୟକ ଡ଼. ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ମହାବିଦ୍ୟାଳୟ ଠାରୁ ବାଇଗୁଣିଆ ଗ୍ରାମ ପର୍ଯ୍ୟନ୍ତ ସାଇକେଲ ରାଲି ମାଧ୍ୟମରେ ଯାତ୍ରା କରି ଲୋକଙ୍କୁ ସଚେତନ କରାଯାଇଥିଲା । ଏହି ରାଲିରେ ଖଣ୍ଡପଡ଼ା ବିଡ଼ିଓ ଅଙ୍କୁର ଅଭିଳାଷ, ଭାପୁର ବିଡ଼ିଓ ସାଚବା ପ୍ରସନ୍ନ ପଣ୍ଡା, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼. ସ୍ୱଚ୍ଛସଲିଳା ମହାପାତ୍ର, ଏସଡିପିଓ ମଦନ ମୋହନ ପ୍ରଧାନ, ସାଂସଦ ଙ୍କ ଭାପୁର ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ, ୧୯ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ବାଇଗୁଣିଆ ଗ୍ରାମ ପଂଚାୟତର ସରପଂଚ ନିରୁପମା ମହାରଣା, ସରପଂଚଙ୍କ ପ୍ରତିନିଧି ନାରାୟଣ ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ସାଇକେଲ ରାଲିରେ ମହାବିଦ୍ୟାଳୟର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ । ଏଥି ସହିତ ମହାବିଦ୍ୟାଳୟ ପରିସରରେ ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ, ଯୁବ ରେଡକ୍ରସ ଅଧିକାରୀ କ୍ରିଡ଼ା ଶିକ୍ଷକ ଓ ସର୍ବେଶ୍ୱ ମହାରଣାଙ୍କ ତତ୍ତ୍ୱାବଧାନରେ ବୃକ୍ଷ ରୋପଣ ତଥା ମେଗା ପ୍ଲାଂଟେସନ ଡ୍ରାଇଭ କାର୍ଯ୍ୟକ୍ରମ ପଠାଣି ସାମନ୍ତ ମହାବିଦ୍ୟାଳୟ ପରିସରରେ ଏବଂ ପରିସରର ବାହ୍ୟ ପାର୍ଶ୍ୱ ରାସ୍ତାରେ ଅନୁଷ୍ଠିତ ହୋଇଥିଲା । ସମସ୍ତେ ନିଜ ନିଜ ହାତରେ ଗୋଟିଏ ଲେଖାଏଁ ଗଛ ଲଗାଇ ଥିଲେ ।

ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ନୂଆପଡ଼ା ଜିଲ୍ଲାରେ ମେଗା ବୃକ୍ଷରୋପଣ ଅଭିଯାନ

ନୂଆପଡ଼ା, ୧୭/୦୯ (ଆ.ପ୍ର) : ଟାଟା ଇଲେକ୍ଟ୍ରିସିଟି ସପ୍ତାହ ୨୪ର ଅବସରରେ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ୍) ପକ୍ଷରୁ ଏହାର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକଳାପ ଅଂଶ ଭାବେ ଏବଂ ଜିଲ୍ଲା ପ୍ରଶାସନ ଓ ଏନଜିଓ 'ଆଲୋକ'ର ମିଳିତ ସହଭାଗିତାରେ ନୂଆପଡ଼ା ଜିଲ୍ଲାର ଡିଲେଇଟରପାରେ ଆଜି ଏକ ମେଗା ବୃକ୍ଷରୋପଣ ଅଭିଯାନ ଆୟୋଜିତ ହୋଇଥିଲା । ଏହି ଅଭିଯାନ ଟିପିଡବ୍ଲୁଓଡିଏଲର ଜୈବ ବିବିଧତା ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । 'ଏକ ପେଡ୍ ମା କେ ନାମ' ମିଶନ ଅଧୀନରେ ଆୟୋଜିତ ଏହି ବୃକ୍ଷ ରୋପଣ ଅଭିଯାନରେ ମୁଖ୍ୟ ଅତିଥି ଭାବେ ନୂଆପଡା ଜିଲ୍ଲାପାଳ ଶ୍ରୀ ମଧୁସୂଦନ ଦାଶ ଯୋଗ ଦେଇଥିଲେ ।ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଡିଭିଜନାଲ ଫରେଷ୍ଟ ଅଫିସର ଅଜିଜ୍ ଖାନ୍, ଉପନିର୍ଦ୍ଦେଶକ ଉଦ୍ୟାନ କୃଷି ହରେକୃଷ୍ଣ ଚାନ୍ଦ ହାଂସଦାଙ୍କ ସମେତ ଟିପିଡବ୍ଲୁଓଡିଏଲର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ । ସମସ୍ତଙ୍କ ମିଳିତ ଉଦ୍ୟମରେ ପ୍ରାୟ ୨୫୦ରୁ ଅଧିକ ଉତ୍ସାହୀ ସ୍ୱେଚ୍ଛାସେବୀ ପ୍ରାୟ ୧୫୦୦ରୁ ଅଧିକ ବୃକ୍ଷଚାରା ରୋପଣ କରିଥିଲେ । ନୂଆପଡାକୁ ଏକ ସବୁଜ, ସୁନ୍ଦର ଜିଲ୍ଲା କରିବା ସହିତ ଏକ ସୁସ୍ଥ ଏବଂ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ ।

ଜିଲ୍ଲାସ୍ତରୀୟ ଏକ ବୃକ୍ଷ ଧରିତ୍ରୀ ମା ପାଇଁ ଅଭିଯାନ ଶୁଭାରମ୍ଭ

ଖୋର୍ଦ୍ଧା, ୧୭/୦୯ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ପଲ୍ଲୀ ତୋଟାପଡା ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଆମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ 'ଏକ ପେଡ୍ ମାଁ କେ ନାମ୍' ଯୋଜନା ଅଧୀନ 'ଗୋଟିଏ ବୃକ୍ଷ ମା ଧରିତ୍ରୀ ପାଇଁ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଅଛି । ମୁଖ୍ୟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ପୂର୍ତ୍ତ, ଆଇନ ଓ ଅବକାରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ବନଖଣ୍ଡ ଅଧିକାରୀ, ଖୋର୍ଦ୍ଧା, ଲାଡେ ଗଜାନନ ଦୟାନନ୍ଦ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ଶ୍ରୀ କିଶୋର କୁମାର ପଣ୍ଡା, ଖୋର୍ଦ୍ଧା ପଂଚାୟତ ସମିତି ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ସାମନ୍ତରାୟ, ମଣ୍ଡଳ ଉନ୍ନୟନ ଅଧିକାରୀ, ଖୋର୍ଦ୍ଧା କ୍ଷୀରାବ୍ଧୀ ତନୟା ସାହୁ, ପଲ୍ଲୀତୋଟାପଡା ଗ୍ରାମ ପଂଚାୟତ ସରପଂଚ ମନପ୍ରିତ୍ ମହାନ୍ତି ପ୍ରମୁଖ ଯୋଗଦେଇ ଧରିତ୍ରୀ ମା ଏବଂ ସମସ୍ତ ଜୀବଜଗତ ସୁରକ୍ଷା ପାଇଁ ଗିରାଙ୍ଗ, ଜାମୁ, କଦମ୍ବ, ଅର୍ଜୁନଓ ସିଶୁ ଆଦି ବୃକ୍ଷ ଚାରା ରୋପଣ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ସାଧାରଣ ସଭାରେ ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପୃଥ୍ୱୀ ରାଜ ହରିଚନ୍ଦନ,ମୁଖ୍ୟ ବକ୍ତା ଭାବେ ମାନ୍ୟବର ବିଧାୟକ ଖୋର୍ଦ୍ଧା ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀମ୍ରିତ୍ ଋତୁରାଜ, ସମସ୍ତ ସମ୍ମାନିତ ଅତିଥି ବୃନ୍ଦ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ଧରା ପୃଷ୍ଠ ସବୁଜମୟ ହେଉ କାମନା କରିଥିଲେ । ମୁଖ୍ୟ ଅତିଥି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ହରିଚନ୍ଦନ ପୃଥ୍ୱୀ ପୃଷ୍ଠରେ ବୃକ୍ଷ ରୋପଣର ଯୋଜନା ଏକ ପେଡ ମାଁ କେ ନାମ୍ ଏକ ମହତ୍ ଏବଂ ଆଧାତ୍ମିକ ଯୋଜନା ହୋଇଥିବା ବେଳେ ଧରା ପୃଷ୍ଠକୁ ସବୁଜିମା କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ବୃକ୍ଷ ରୋପଣ କରିବାକୁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ କହିଲେକେ ବୃକ୍ଷ ହିଁ ଜୀବନ, ମା ଗର୍ଭରୁ ଆମେ ଆସିଲା ପର ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଆମର ବିଶୁଦ୍ଧ ଅମ୍ଳଜାନ ଆବଶ୍ୟକ ପଡିଥାଏ । ଆଧୁନିକରଣ ଜଗତରେ ଆମେ ଯେତିକି ଆଗକୁ ବଢୁଛେ ସେହି ଅନୁପାତରେ ସୁସ୍ଥ ଶରୀର, ନିରାମୟ ଜୀବନ ପାଇଁ ବୃକ୍ଷ ରୋପଣ କରିବାକୁ ପଡ଼ିବ । ଏଣୁ ଏକ ପେଡ ମାଁ କେ ନାମ୍ ରେ ସମସ୍ତେ ନିଷ୍ଠାପର ଭାବେ ସାମିଲ ହେବାକୁ ବିଧାୟକ ପରାମର୍ଶ ଦେଇଥିଲେ । ସଭାପତି ଭାଷଣରେ ଜିଲ୍ଲା ପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଅମ୍ରିତ୍ ଋତୁରାଜ ସମସ୍ତ ଛାତ୍ର ଛାତ୍ରୀ ମାନେ ନିଜ ଘରେ ବୃକ୍ଷ ରୋପଣ କରିବାସହ ନିଜ ପିତା ମାତା ସାହି ପଡ଼ିଶାର ଜନସାଧାରଣ ମାନଙ୍କୁ ବୃକ୍ଷର ବର୍ତ୍ତମାନ ସମୟରେ ଆବଶ୍ୟକତା ସମ୍ପର୍କରେ ଅବଗତ କରାଇ ମାନବ ସମାଜ ଠାରୁ ଆରମ୍ଭ କରି ସମସ୍ତ ଜୀବଜଗତ ଏବଂ ପ୍ରାକୃତିକ ବିପର୍ଯ୍ୟୟରୁ ସୁରକ୍ଷା ସୁସ୍ଥ ନିରୋଗୀ ଜୀବନ ଯାପନ ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ଜିଲ୍ଲା ପରିଷଦ ଅଧ୍ୟକ୍ଷ ରୁପଶ୍ରୀ ରାଣୀ ଗୁମାନ ସିଂହ ଏହି ଅଭିନବ ଯୋଜନା ଏକ ପେଡ ମାଁ କେ ନାମ୍ ଖୋର୍ଦ୍ଧା ଜିଲ୍ଲାକୁ ସବୁଜମୟ କରିବାକୁ ନିଶ୍ଚିତ ଭାବେ ସଫଳତା ଆଣିବ ବୋଲି ପ୍ରକାଶ କରିଥିଲେ । ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଖୋର୍ଦ୍ଧା, ଶ୍ରୀ ଜ୍ୟୋତି ଶଙ୍କର ସାହୁ ପ୍ରଦାନ କରିଥିବା ବେଳେ ପଲ୍ଲୀ ତୋଟା ପଡ଼ା ସରପଂଚ ମନପ୍ରିତ୍ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ମାନ୍ୟଗଣ୍ୟ ବ୍ୟକ୍ତି, ଯୁବ ସମାଜ, ଛାତ୍ର ସମାଜ, ବିଭାଗୀୟ ଅଧିକାରୀ ବୃନ୍ଦ, ବିଦ୍ୟାଳୟ ଛାତ୍ର ଛାତ୍ରୀ, ଗଣମାଧ୍ୟମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ ।

କଳିଙ୍ଗା ଘାଟି ଭୂସ୍ଖଳନରେ ଭାଙ୍ଗିଥିବା ରାସ୍ତା ମରାମତି କାମ ଆରମ୍ଭ

ଜି.ଉଦୟଗିରି, ୧୭/୦୯ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଦେଇ ଯାଇଥିବା ୧୫୭ ନମ୍ବର ଜାତୀୟ ରାଜପଥ କଳିଙ୍ଗା ଘାଟିରେ ମଙ୍ଗଳବାର ଅପରାହ୍ନ ସମୟରେ ଲଗାଣ ବର୍ଷାରେ ଭୂସ୍ଖଳନ ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଧୋଇ ଯିବା ଫଳରେ ଗଞ୍ଜାମ ଜିଲ୍ଲା ସହ କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା ଭଳି ପ୍ରମୁଖ ସହରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି । କନ୍ଧମାଳ ଜିଲ୍ଲାରୁ ଭଞ୍ଜନଗର, ବ୍ରହ୍ମପୁର, ଭୁବନେଶ୍ୱର ଭଳି ପ୍ରମୁଖ ସହର ସହ ଯୋଗାଯୋଗ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । କଳିଙ୍ଗା ଘାଟି ସ୍ଥାନୀୟ ଅଂଚଳ ବାସୀଙ୍କ ଯାତାୟତ ତଥା ବ୍ୟବସାୟ ପାଇଁ ମୁଖ୍ୟ ସ୍ରୋତ ହୋଇଥିବା ବେଳେ ବର୍ତ୍ତମାନ ସ୍ଥାନୀୟ ଅଂଚଳ ବାସି ଙ୍କ ଜୀବନ ଜିବୀକା ପ୍ରଭାବିତ ହୋଇଛି । ବୁଧବାର ସକାଳେ ଜାତୀୟ ରାଜପଥ ବିଭାଗର ଏଇ ପ୍ରଶାନ୍ତ କୁମାର ସାହୁ ଘଟଣା ସ୍ଥଳକୁ ପରିଦର୍ଶନ କରି କାମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଭୂସ୍ଖଳନ ରେ ପାହାଡ଼ରୁ ଧସି ଥିବା ବିରାଟ ବିରାଟ ପଥର ଗୁଡ଼ିକୁ ଜେସିବି ମେସିନ ଦ୍ୱାରା ହଟାଇବା କାମ ଚାଲିଛି । ଉଭୟ ପଟୁ ମୋଟ ୪ଟି ଜେସିବି ମେସିନ ରାସ୍ତା ସଫା କାମରେ ଲାଗିଥିଲା । ପରବର୍ତ୍ତୀ ସମୟରେ ସମ୍ବଲପୁର ଡିଭିଜନର ସୁପରିଟେଣ୍ଡେଂଟ ଇଞ୍ଜିନିୟର ଶାନ୍ତନୁ ସାହୁ ଓ ଟିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ବଙ୍କିମ୍ ଚନ୍ଦ୍ର ପଣ୍ଡା ମଧ୍ୟ ଘଟଣା ସ୍ଥଳକୁ ପହଂଚି ସ୍ଥିତି ତଦାରଖ କରିଥିଲେ । ପାଣିପାଗ ବିଭାଗର ରେକର୍ଡ ଅନୁସାରେ ଗତକାଲି ଘଂଟା ପ୍ରତି ୪.୮ ମି.ମି. ବର୍ଷା ହୋଇଥିଲା । ପ୍ରାୟ ଦିନ ତମାମ ଲଗାଣ ବର୍ଷା ହେବାରୁ ଏହି ଭୂସ୍ଖଳନ ଘଟିଥିବା କୁହାଯାଉଛି । ଟିଫ୍ କନଷ୍ଟ୍ରକସନ ଇଞ୍ଜିନିୟର ପଣ୍ଡା ଙ୍କ କହିବା ଅନୁସାରେ ପ୍ରଥମେ ଅସ୍ଥାୟୀ ପାଇପ୍ କଲଭର୍ଟ ପ୍ରସ୍ତୁତ କରାଯିବ ଓ ପରେ ସ୍ଥାୟୀ ସମାଧାନ ପାଇଁ ପ୍ରୟାସ ହେବ । ସମସ୍ତ ମେସିନ, ନିର୍ମାଣ ସାମଗ୍ରୀ ଓ ସରଞ୍ଜାମ ମହଜୁଦ ରହିଛି ଯଥାଶୀଘ୍ର କାମ ସମ୍ପୂର୍ଣ୍ଣ କରିବାକୁ ଯୋଜନା ହୋଇଛି ।କିନ୍ତୁ ୩୦/୪୦ ଫୁଟ ତଳୁ କାମ କରିବାକୁ ପଡ଼ିବ ଲଗାଣ ବର୍ଷା ସମୟରେ ତାହା ଅସମ୍ଭବ । ବର୍ଷା ଏବଂ ଝରପାଣି ହ୍ରାସ ପରେ ସମସ୍ତ ଯାଂଚ ଓ ଆକଳନ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ସ୍ଥାୟୀ ରାସ୍ତା କାମ କରାଯିବ ।

ବିଶ୍ୱକର୍ମାଙ୍କ ପୂଜା ପାଳିତ : ଉତ୍ସବମୁଖର ବାଲିଗୁଡା ସହର

ବାଲିଗୁଡା, ୧୭/୦୯ (ଆ.ପ୍ର) : ବିଶ୍ୱ ବିଧାଣୀ ବିଶ୍ୱକର୍ମାଙ୍କ ପୂଜା ବାଲିଗୁଡା ସହର ସମେତ ଆଖପାଖ ଅଂଚଳରେ ବେଶ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି । ସହରର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜାକୁ ନେଇ ଉତ୍ସାହ ଦେଖିବାକୁ ମିଳିଛି । ଏନେଇ ଛୋଟ ବଡ ମଣ୍ଡପରେ ପୂଜା ଆୟୋଜନ କରାଯାଇଛି । ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳା ଏପରିକି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ଭରପୁର ମଜା ଉଠାଇଥିଲେ ଦର୍ଶକ । ଟାଉନର ବିଭିନ୍ନ ଗ୍ୟାରେଜ, ସର୍ଭିସ ସେଂଟର, ଶୋ'ରୁମ୍ ? ଠାରେ ବିଶ୍ୱକର୍ମା ପୂଜା ଅନୁଷ୍ଠିତ ହୋଇଛି । ଏହା ସହିତ ସହରରେ ବିଦ୍ୟୁତ ବିଭାଗ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଘରୋଇ ମୋଟର କର୍ମଚାରୀ ସଂଘ ଓ ମହାରଣା ଇଂଟରପ୍ରିଯର ଓ ଡିଜାଇନ ପରିସରରେ ମଧ୍ୟ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି । ଅନେକ ପୂଜା ମଣ୍ଡପରେ ବିଶ୍ୱକର୍ମା ମୂର୍ତ୍ତି ଓ ମେଢ ବେଶ ଆକର୍ଷଣୀୟ ହୋଇଥିବା ବେଳେ କେଉଁଠି ସାମ୍ପ୍ରତିକ ଘଟଣାବଳୀକୁ ନେଇ ତ ଆଉ କେଉଁଠି ପୌରାଣିକ କଥାବସ୍ତୁକୁ ନେଇ ମୂର୍ତ୍ତି ନିର୍ମାଣ ହୋଇଛି । ସନ୍ଧ୍ୟା ରେ ଭକ୍ତ ମାନେ ପୂଜା ମଣ୍ଡପରେ ଦର୍ଶନ ନେଉଥିବା ବେଳେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦ ସେବନ ର ବ୍ୟବସ୍ଥା କରାଯାଇଥିଲା

ଚିଲିକା ନିର୍ବାଚନ ମଣ୍ଡଳୀରେ 'ଏକ୍ ପେଡ୍ ମା' କେ ନାମ' ୨.୦ ଅଭିଯାନ

ଚିଲିକା/ବାଣପୁର, ୧୭/୦୯ (ଆ.ପ୍ର) : ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୭୫ତମ ଜନ୍ମଦିନ ଉପଲକ୍ଷେ 'ଏକ୍ ପେଡ୍ ମା' କେ ନାମ' ୨.୦ ଅଭିଯାନରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝିଙ୍କ ଆହ୍ୱାନ କ୍ରମେ ରାଜ୍ୟ ସରକାର ସମଗ୍ର ଓଡ଼ିଶାରେ ୭୫ ଲକ୍ଷ ବୃକ୍ଷରୋପଣ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଚିଲିକା ନିର୍ବାଚନ ମଣ୍ଡଳୀ ସ୍ଥିତ ତ୍ରମ୍ବରାପୁଟ ଗ୍ରାଃପ ଅନ୍ତର୍ଗତ ପ୍ରତାପ ଗ୍ରାମରେ ଶାଳିଆ ନଦୀ ବ୍ରିଜର ଉଭୟ ପାର୍ଶ୍ୱ ଓ କୁଳେଇ ଗ୍ରାମ ପଂଚାୟତ ପରିସରରେ ଜିଲ୍ଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀ ଦୁଷ୍ମନ୍ତ ହରିଚନ୍ଦନ ବୃକ୍ଷରୋପଣ କରିଥିଲେ । ପରିବେଶ ଓ ପ୍ରକୃତିର ସୁରକ୍ଷା ପାଇଁ ପ୍ରତ୍ୟେକ ବ୍ୟକ୍ତି ଗୋଟିଏ ଗୋଟିଏ ଗଛ ଲଗାଇ ତାର ଯତ୍ନ ନେଇ ପାରିଲେ, ଆମ ଅଂଚଳ ଆହୁରି ସୁନ୍ଦର ହୋଇପାରିବ ବୋଲି ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଭାଜପା ରାଜ୍ୟ ପରିଷଦ ସଭ୍ୟ ତଥା ବାଣପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ମାଧବ ବଳାଇ,ଜିଲ୍ଲା ଭାଜପା ଓବିସି ମୋର୍ଚ୍ଚା ସଭାପତି ଶ୍ରୀ ଭଗବାନ ପ୍ରଧାନ,କୁଳେଇ ଗ୍ରାମ ପଂଚାୟତ ସରପଂଚଙ୍କ ପ୍ରତିନିଧି ଶ୍ରୀ ପ୍ରକାଶ ବେହେରା, କୁଳେଇ ଗ୍ରାମ ପଂଚାୟତର ନାଏବ ସରପଂଚ ଶ୍ରୀ ଜୟକୃଷ୍ଣ ପ୍ରତିହାରୀ,ବିଜେପି କାର୍ଯ୍ୟକର୍ତ୍ତା ଶ୍ରୀ ଛବି ଶାସମଲ, ଶ୍ରୀ ରମେଶ ପ୍ରଧାନ,ଶ୍ରୀ ଦୀପକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ବାଣପୁର ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ବିଦ୍ୟାଳୟ , ବାଣପୁର-୧ ଠାରେ 'ଏକ୍ ପେଡ୍ ମା' କେ ନାମ' ୨ .୦ କାର୍ଯ୍ୟକ୍ରମ ଅନୁସାରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାମୂହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ବାଣପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି ଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଏକ ନୂତନ ଚାରା ରୋପଣ କରି ଉଦ୍ଘାଟନ କରାଯାଇଥିଲା ଓ ଉକ୍ତ ଅବସରରେ ବାଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀ ସନାତନ ଜାଲି , ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଝରଣା ଓଝା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ସେଠି, ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସମସ୍ତ ସି. ଆର. ସି. ସି. ଉପସ୍ଥିତ ଥିଲେ ଓ ମଣ୍ଡଳ ଉନ୍ନୟନ ଅଧିକାରୀ ବିକାଶ କୁମାର ମହାନ୍ତି ବୃକ୍ଷର ଆବଶ୍ୟକତା ତଥା କାର୍ଯ୍ୟକ୍ରମର ଲକ୍ଷ୍ୟ ସମ୍ପର୍କରେ ଆଲୋଚନ କରିଥିଲେ ଓ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ୭୫୦୦୦୦୦ ଚାରା ରୋପଣ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆଜି ପ୍ରତ୍ୟେକ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହୋଇଛି ବୋଲି ଶ୍ରୀ ସନାତନ ଜାଲି ଜଣାଇଥିଲେ ଓ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଅଂଶ ଗ୍ରହଣକାରୀ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ଓ ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସମାପ୍ତି କରିଥିଲେ ଓ ବୃକ୍ଷରୋପଣ ଅଭିଯାନ – "ମା ପାଇଁ ଗଛଟିଏ" ପରିବେଶ ସୁରକ୍ଷା ଓ ସାଂସ୍କୃତିକ ମୂଲ୍ୟବୋଧକୁ ଉଦ୍‌ବୋଧିତ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧା ଏସ୍ ?ପି ମହୋଦୟଙ୍କ ଦ୍ୱାରା "ମା ପାଇଁ ଗଛଟିଏ" ଥିମ୍ ଉପରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବାଣପୁର ଥାନାର ଇଂଚାର୍ଜ ଶ୍ରୀ ରାମେଶ କୁମାର ଦେବତା ଓ ଥାନା ଷ୍ଟାଫ ମିଳି ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ । ମା'ଙ୍କୁ ସମ୍ମାନ, ସବୁଜ ପୃଥିବୀର ସଙ୍କଳ୍ପ ଓ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ୍ ଜନ୍ମଦିନ ଅବସରରେ ବାଲୁଗାଁ ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା ମାନେ ବାଲୁଗାଁ ମହାବିଦ୍ୟାଳୟ ଓ ସ୍ଥାନୀୟ କଳିଯୁଗେଶ୍ୱର ପାହାଡ଼ ନିକଟରେ ବ୍ୟାପକ ବୃକ୍ଷରୋପଣ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼କ୍ଟର ଲକ୍ଷ୍ମୀଧର ମୁଦୁଲିଙ୍କ ନେତୃତ୍ୱରେ ଆଜି ସକାଳ ଆଠଟାରେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି 'ମା ପାଇଁ ଗଛଟିଏ' ସଂକଳ୍ପରେ ପ୍ରତ୍ୟେକ ଗୋଟିଏ ଗୋଟିଏ ଚାରା ରୋପଣ କରିଥିଲେ । ଏହାପରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ରୀନା ରାଉତ,ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣା, ଏନସିସି ଅଧିକାରୀ ଚନ୍ଦନ ନାଏକ, ଯୁବରେଡକ୍ରସ ଅଧିକାରୀ ମନସ୍ୱିନୀ ପଟ୍ଟନାୟକ,ଧୋବି ଚରଣ ପରିଡା, ରେଞ୍ଜର ଟେଂଜର ଅଧିକାରୀ ସ୍ମିତାରାଣୀ ମୁଦୁଲି, ଦୀପକ ପରିଡାଙ୍କ ସମେତ ଡ଼କ୍ଟର ମୋନାଲିସା ମାନସିଂହ, ଅଧ୍ୟାପକ ପ୍ରବୀଣ କୁମାର ଜେନା, ବିଦ୍ୟାଧର କୁଞ୍ଜରସିଂହ, ସୁବ୍ରତ ତ୍ରିପାଠୀ, ହିମାଂଶୁ ଦାଶ, ମୃଦାନୀ ଶଙ୍କର ପ୍ରସାଦ ମିଶ୍ର, ସୁଧାକର ନାୟକ, ମନୋଜ ନାୟକ, ବିମଳ କୁମାର ପଣ୍ଡା, ଝରଣା ନାଥ, ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଉମାକାନ୍ତ ସାହୁ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀମାନେ କଳିଯୁଗେଶ୍ୱର ଯାଇ ସେଠାରେ ପାହାଡ଼ ତଳେ ଦୁଇ ଶହରୁ ଊର୍ଦ୍ଧ୍ୱ ଚାରା ରୋପଣ କରିଥିଲେ । ସେଠାରେ ସିଙ୍ଗେଶ୍ୱର ସରପଂଚ୍ ସ୍ନେହଲତା ସେଠୀଙ୍କ ସହ ପଂଚାୟତର କର୍ମଚାରୀମାନେ ଛାତ୍ରଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକାଙ୍କୁ ସ୍ୱାଗତ କରିଥିଲେ ଓ ଉକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବାଣପୁର ବ୍ଲକ୍ ଭେଟେଶ୍ୱର ଗ୍ରାମ ପଂଚାୟତର ସରପଂଚ ସାବିତ୍ରୀ ଭୋଳ, ବରିଷ୍ଠ ବିଜେପି ନେତା ଓ ପୂର୍ବତନ ସରପଂଚ ଜିତେନ୍ଦ୍ର ଭୋଳ ଙ୍କ ନେତୃତ୍ୱରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଂଚାୟତର ବହୁ ନେତୃସ୍ଥାନୀୟ ବ୍ୟକ୍ତି ବିଶେଷ ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

ସ୍ୱଚ୍ଛତା ହିଁ ସେବା- ୨୦୨୫ର ଶୁଭ ଉଦଘାଟନ



ଜିଲ୍ଲା ପରିଷଦ ରାୟଗଡ ଆଗାମୀ ସ୍ୱଚ୍ଛତା ହିଁ ସେବା- ୨୦୨୫ ପକ୍ଷ ପାଳନ ଅବସରରେ କରିବାକୁ ଥିବା ସମସ୍ତ କାର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ଏହି ପକ୍ଷ ପାଳନ ସମୟରେ ଗ୍ରାମାଂଚଳରେ ୧୮୫ ଗୋଟି ପାରମ୍ପରିକ ଅଳିଆ ଗୋଦା, ୪୭୫ ଗୋଟି ସାମୂହିକ ସ୍ଥାନର ଅଳିଆ ସଫେଇ, ୩୯ ଗୋଟି ପର୍ଯ୍ୟଟନ ସ୍ଥଳୀ ସଫେଇ ୩୪ ଗୋଟି ଜଳାଶୟର ସଫେଇ ନିମନ୍ତେ ଚିହ୍ନଟ କରାଯାଇଥିବା ସୂଚନା ପ୍ରଦାନ କରିଥିଲେ । ଏହି ପକ୍ଷ ବିଶେଷତ ଭାବେ ପରିମଳ ଗତ ସଫେଇ ଉପରେ ପର୍ଯ୍ୟବେକ୍ଷିତ ଥିବା ଜଣାଇଥିଲେ । ପରବର୍ତ୍ତୀ ସମୟରେ ଶ୍ରୀ କୁଳକର୍ଣ୍ଣୀ ଆଶୁତୋଷ ଜିଲ୍ଲାପାଳ ରାୟଗଡ ଏହି ପକ୍ଷ ପରେ ମଧ୍ୟ ସଫେଇ ଅଭିଯାନକୁ ବଜାୟ ରଖି ପରିବେଶକୁ ଦୂଷିତ ହେବାକୁ ଦେବା ନାହିଁ କହି ସମାରୋହରେ ଜଣାଇଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷ । ସରସ୍ୱତୀ ମାଝୀ ମଧ୍ୟ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ କରି ସଫଳ କରିବା ପାଇଁ ମତ ପ୍ରଦାନ କରିଥିଲେ । ପରିଶେଷ ରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଜିଲ୍ଲା ପରିଷଦ ରାୟଗଡର ସ୍ୱଚ୍ଛତା ନିମନ୍ତେ ସମସ୍ତ ଉପସ୍ଥିତ କର୍ମକର୍ତ୍ତା, ଶିକ୍ଷାର୍ଥୀ ଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ । ଏହି କାର୍ଯ୍ୟକ୍ରମ କୁ ଜିଲ୍ଲା ପରାମର୍ଶଦାତା ଶ୍ରୀ ଲକ୍ଷ୍ମୀ ନାରାୟଣ ଦୋରା ଓ ଜୟ ଲକ୍ଷ୍ମୀ ପାତ୍ର ପରିଚାଳନା କରିଥିଲେ । ଜିଲ୍ଲାପରିଷଦ ର ଇଇଡ (ଉସଭବଭମଗ) ଶ୍ରୀ ବିଜୟ କୁମାର ନାୟକ ଉପସ୍ଥିତ ସମସ୍ତ ଅତିଥି, କର୍ମକର୍ତ୍ତା ଓ ଶିକ୍ଷାର୍ଥୀ ଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ ।

ରାୟଗଡ, ୧୭/୦୯ (ଆ.ପ୍ର) : ପ୍ରତିବର୍ଷ ଭଳି ଚଳିତ ବର୍ଷ ସ୍ୱଚ୍ଛତା ହିଁ ସେବା ସାରା ଭରତ ବର୍ଷରେ ୧୭ ସେପ୍ଟେମ୍ବର ୨୦୨୫ ଠାରୁ ୦୨ ଅକ୍ଟୋବର ୨୦୨୫ ପର୍ଯ୍ୟନ୍ତ ପକ୍ଷ ପାଳନ କରାଯାଉଅଛି । ଏହି ପରିପେକ୍ଷିରେ ଏକ ସ୍ୱଚ୍ଛତା ରାଲ୍ଲୀ ଅନୁଷ୍ଠିତ ହେଇଯାଇଛି । ଏହି ରାଲ୍ଲୀ ରେ ସ୍ଥାନୀୟ ବିଦ୍ୟାଳୟର ୧୫୦ ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଙ୍କ ସହ ଜିଲ୍ଲା ପରିଷଦ ଓ ସଦର ପଂଚାୟତ ସମିତିର ଅଧିକାରୀ ଓ କର୍ମକର୍ତ୍ତା ଉପସ୍ଥିତ ରହି ଏହି ରାଲ୍ଲୀକୁ ପଂଚାୟତ ସମିତି କାର୍ଯ୍ୟାଳୟ ଠାରୁ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲ୍ଲୀ ପରିଚାଳନା କରିଥିଲେ । । ଏହି କାର୍ଯ୍ୟକ୍ରମ ପରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ, ଶ୍ରୀମତୀ ସରସ୍ୱତୀ ମାଝୀ, ଅଧ୍ୟକ୍ଷ । ଜିଲ୍ଲା ପରିଷଦ, ଶ୍ରୀ କୁଳକର୍ଣ୍ଣୀ ଆଶୁତୋଷ, ଜିଲ୍ଲାପାଳ ରାୟଗଡ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ ଜିଲ୍ଲା ପରିଷଦ, ରାୟଗଡଙ୍କ ଦ୍ୱାରା ବୃକ୍ଷ ରୋପୋଣ "ଏକ ପେଡ ମା କେ ନାମ" କାର୍ଯ୍ୟକ୍ରମ ଅନ୍ତର୍ଗତ କର ।ଯାଇଥିଲା । ବୃକ୍ଷ ରୋପୋଣ ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସ୍ୱଚ୍ଛତା ହିଁ ସେବା ୨୦୨୫ କାର୍ଯ୍ୟକ୍ରମର ଶୁଭ ଉଦଘାଟନ କର ।ଯାଇଥିଲା । ଏହି ଶୁଭ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ସରସ୍ୱତୀ ମାଝୀ, ଅଧ୍ୟକ୍ଷ । ଜିଲ୍ଲା ପରିଷଦ, ଶ୍ରୀ କୁଳକର୍ଣ୍ଣୀ ଆଶୁତୋଷ, ଜିଲ୍ଲାପାଳ ରାୟଗଡ ଉପସ୍ଥିତ ଥିଲେ ଓ ଜିଲ୍ଲା ବନଖଣ୍ଡ ଅଧିକାରୀ ଶ୍ରୀ ଅହୋଲ ସଚିନ ଅନ୍ନ ।ସାହେବ ଓ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ରାମଚନ୍ଦ୍ର ନାହକ ଏବଂ ରାୟଗଡ଼ ସ୍ୱୟଂସ ।ସିତ ମହାବିଦ୍ୟାଳ ର ଶିକ୍ଷାର୍ଥୀ ଉପସ୍ଥିତ ଥିଲେ । ଏହି ଉଦ୍ଘାଟନ ସମାରୋହୋ ରେ ମୁଖ୍ୟ ଉନ୍ନୟନ ଅଧିକାରୀ, ଶ୍ରୀ ଅକ୍ଷୟ କୁମାର ଖେମୁଣ୍ଡୁ

ସେଇଥୁ
ଆରମ୍ଭ
SEITHO ARAMBHA
ଗୁରୁବାର, ୧୮ ସେପ୍ଟେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ମ୍ୟାଚ୍ ପୂର୍ବରୁ ପାକିସ୍ତାନ ଖେଳାଳିଙ୍କ ପାଇଁ ହାଇଡ୍ରାମା

ଦୁବାଇ, ୧୭/୦୯(ନ୍ୟୁ.ଏ): ଏସିଆ କପ୍-୨୦୨୫ର ଦଶମ ମୁକାବିଲା ୟୁଏଇ ସହିତ ମ୍ୟାଚ୍ ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ ଡ୍ରାମା କରିଛି । କ୍ରିକେଟ୍ ମ୍ୟାଚ୍‌ରେ ଭାରତ ଠାରୁ ଶୋଚନୀୟ ପରାଜୟ ପରେ ପାକିସ୍ତାନ ବିଚଳିତ ହୋଇପଡ଼ିଛି । ଏହାରି ମଧ୍ୟରେ ପିସିବି ୟୁଏଇ ସହିତ ମ୍ୟାଚ୍ ପୂର୍ବରୁ ଆଇସିସି ସାମ୍ନାରେ ଦୁଇଟି ପ୍ରମୁଖ ସର୍ତ୍ତ ରଖିଥିଲା । ପାକିସ୍ତାନ କହିଥିଲା, ଯଦି ଦୁଇଟି ଦାବି ପାଳନ କରା ନଯାଏ, ତାହେଲେ ଆଜି ଖେଳାଯିବାକୁ ଥିବା ମ୍ୟାଚ୍‌ରେ ସାମିଲ ହେବୁ ନାହିଁ । ମାତ୍ର ଆଇସିସି କୌଣସି ଦାବିକୁ ପାଳନ କରି ନାହିଁ । ଏହା ପରେ ପାକିସ୍ତାନକୁ ପୁଣି ଥରେ ମୁଣ୍ଡ ନୁଆଁଇବାକୁ ପଡ଼ିଛି । ଦୁବାଇ ସହିତ ପାକିସ୍ତାନ ମ୍ୟାଚ୍ ଖେଳିବା ପାଇଁ ଷ୍ଟାଡିୟମ ଅଭିମୁଖେ ବାହାରିଛି ।

ଆଜି ଏସିଆ କପ-୨୦୨୫ରେ ପାକିସ୍ତାନ ସହିତ ୟୁଏଇ ମ୍ୟାଚ୍ ଖେଳିବ । କିନ୍ତୁ ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ତାର ଦଳକୁ ହୋଟେଲରୁ ପଡିଆକୁ ନ ଯିବାକୁ ନିର୍ଦ୍ଦେଶ ଦେଇଥିଲା । ପାକିସ୍ତାନୀ ନ୍ୟୁଜ୍ ଏଜେନ୍ସି ଜିଓ ନ୍ୟୁଜ୍ ଅନୁଯାୟୀ, ପାକିସ୍ତାନୀ ଦଳ ଦୁବାଇ ଷ୍ଟାଡିୟମକୁ ଠିକ୍ ସମୟ ମଧ୍ୟରେ ଯାଇ ନଥିଲା । ପାକିସ୍ତାନ ଦଳ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମକୁ ଯିବା ପୂର୍ବରୁ ଖେଳାଳିମାନଙ୍କୁ ହୋଟେଲକୁ ଫେରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ମ୍ୟାଚ୍ ରାତି ୮:୦୦ ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିବା ବେଳେ ଖେଳାଳିମାନେ ବିଳମ୍ବରେ ଆସିଥିବାରୁ ମ୍ୟାଚ୍ ବିଳମ୍ବ ହେଉଛି । ସାଢ଼େ ୭ଟାରେ ଟସ୍ ପଡ଼ିବାର ଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହା ହୋଇପାରି ନାହିଁ । ପିସିବି ଅନୁଯାୟୀ, ଆଣ୍ଡି କ୍ରଫ୍ଟ ଟସ୍ ସମୟରେ ପାକିସ୍ତାନୀ ଅଧିନାୟକଙ୍କୁ ସୂର୍ଯ୍ୟକୁମାର ଯାଦବଙ୍କ ସହ ହାତ ମିଳାଇବାକୁ ଅନୁରୋଧ କରିଥିଲେ । ମ୍ୟାଚ୍ ପରେ ଭାରତୀୟ ଖେଳାଳିମାନେ ପାକିସ୍ତାନୀ ଦଳ ସହିତ ହାତ ମିଳାଇ ନଥିଲେ । ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ତାଙ୍କ ଦଳର ନିଷ୍ପତ୍ତିକୁ ସମର୍ଥନ କରି କହିଥିଲେ ଯେ ପାକିସ୍ତାନୀ ଦଳ ସହ ବିଜୟ ପରେ ହାତ ନ ମିଳାଇବା ନିଷ୍ପତ୍ତି ପହଲଗାମ୍ ଆକ୍ରମଣର ସୈନିକ ଏବଂ ଅନ୍ୟ ପୀଡିତଙ୍କ ସମ୍ମାନାର୍ଥେ ନିଆଯାଇଛି ।

ଆଇସିସି ଟି-୨୦ ରାଙ୍କିଂରେ ବରୁଣ ୧ ନଂ ବୋଲର

ନୂଆଦିଲ୍ଲୀ, ୧୭/୦୯(ନ୍ୟୁ.ଏ): 'ମିଷ୍ଟ୍ରି ସ୍ପିନର' ଏବଂ ସ୍ପିନର ଯାଦୁଗର ବରୁଣ ଚକ୍ରବର୍ତ୍ତୀ ଆଇସିସି ଅନ୍ତର୍ଜାତୀୟ ରାଙ୍କିଂରେ ଚମତ୍କାର ପ୍ରଦର୍ଶନ କରିଛନ୍ତି । ତାଙ୍କର ପ୍ରଭାବଶାଳୀ ବୋଲିଂ ପାଇଁ ସେ ଆଇସିସି ପୁରୁଷ ଟି-୨୦ ବୋଲିଂ ରାଙ୍କିଂରେ ଏକ ନମ୍ବର ବୋଲର ହୋଇଛନ୍ତି, ଏପରି କରିବାରେ ସେ ତୃତୀୟ ଭାରତୀୟ ଖେଳାଳି ହୋଇଛନ୍ତି । ସଂଯୁକ୍ତ ଆରବ ଏମିରେଟ୍ସରେ ଖେଳାଯାଉଥିବା ଏସିଆ କପ୍ ୨୦୨୫ରେ ଟିମ୍ ଇଣ୍ଡିଆର ପ୍ରଥମ ଦୁଇଟି ମ୍ୟାଚରେ ଉତ୍କୃଷ୍ଟ ପ୍ରଦର୍ଶନ ପରେ ବରୁଣ ଏହି ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛନ୍ତି ।

୩୪ ବର୍ଷୀୟ ବରୁଣ ଚକ୍ରବର୍ତ୍ତୀ ଦ୍ରୁତ ବୋଲର ଯଶପ୍ରିତ ବୁମ୍ରାହାର ଏବଂ ଲେଗ୍-ସ୍ପିନର ରବି ବିଷ୍ଣୋଇଙ୍କ ପରେ ଟି-୨୦ ଅନ୍ତର୍ଜାତୀୟରେ ଭାରତର ନମ୍ବର ୧ ବୋଲର ହୋଇଛନ୍ତି । ୟୁଏଇ ବିପକ୍ଷରେ ଦୁଇ ଓଭରରେ ୪ ରନ୍ ଦେଇ ୧ ଏବଂ ପାକିସ୍ତାନ ବିପକ୍ଷରେ ଚାରି ଓଭରରେ ୨୪ ରନ୍ ଦେଇ ୧ ବିନିମୟରେ ତାଙ୍କର ଆର୍ଥିକ ଖେଳ ତାଙ୍କୁ ରାଙ୍କିଙ୍ଗରେ ତିନି ସ୍ଥାନ ଉପରକୁ ଉଠିବାରେ ସାହାଯ୍ୟ କରିଥିଲା । ଚକ୍ରବର୍ତ୍ତୀଙ୍କ ପୂର୍ବ ଶ୍ରେଷ୍ଠ ପ୍ରଦର୍ଶନ ଫେବୃଆରୀ ୨୦୨୫ରେ ଥିଲା, ଯେତେବେଳେ ସେ ନମ୍ବର ୨ରେ ପହଞ୍ଚିଥିଲେ । ଏଥର, ସେ ନ୍ୟୁଜିଲ୍ୟାଣ୍ଡର ଜାକବ୍ ଡଫିଙ୍କୁ ପଛରେ ପକାଇ ଆଇସିସି ରାଙ୍କିଙ୍ଗରେ ଶୀର୍ଷ ସ୍ଥାନ ଅଧିକାର କରିଥିଲେ । ଜାକବ୍ ଡଫି ମାର୍ଚ୍ଚ ମାସରୁ ରାଙ୍କିଙ୍ଗରେ ନମ୍ବର ୧ ଥିଲେ, କିନ୍ତୁ ଏବେ ଚକ୍ରବର୍ତ୍ତୀ ବିଶ୍ୱକୁ ଦେଖାଇଛନ୍ତି ଯେ ଭାରତୀୟ ସ୍ପିନ୍ ଏବେ ବେଶ ଶକ୍ତିଶାଳୀ ରହିଛି । ଶ୍ରୀଲଙ୍କାର ଦ୍ରୁତ ବୋଲର ନୁୱାନ ତୁଷାରା ଛଅ ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ପହଁଚିଛନ୍ତି । ଏହା ବ୍ୟତୀତ, ରାଙ୍କିଙ୍ଗରେ ସ୍ପିନରମାନଙ୍କ ପ୍ରମୁଖତା ମଧ୍ୟ ବୃଦ୍ଧି ପାଇଛି । ପାକିସ୍ତାନର ସାଫିୟାନ ମୁକିମ ଚାରି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନରେ ପହଞ୍ଚିଛନ୍ତି, ଯେତେବେଳେ ଅବରାର ଅହମ୍ମଦ ୧୧ ସ୍ଥାନ ଉପରକୁ ଉଠି କ୍ୟାରିୟରର ଶ୍ରେଷ୍ଠ ୧୬ତମ ସ୍ଥାନରେ ପହଞ୍ଚିଛନ୍ତି । ଭାରତ ପାଇଁ, ଅକ୍ଷର ପଟେଲ ଗୋଟିଏ ସ୍ଥାନ ଉପରକୁ ଉଠି ଦ୍ୱାଦଶ ସ୍ଥାନରେ ପହଞ୍ଚିଛନ୍ତି, ଯେତେବେଳେ କୁଲଦୀପ ଯାଦବ ସମ୍ପୂର୍ଣ୍ଣ ୧୬ ସ୍ଥାନ ଉପରକୁ ଉଠି ୨୩ତମ ସ୍ଥାନରେ ପହଞ୍ଚିଛନ୍ତି । ଆଫଗାନିସ୍ତାନର ନୁର ଅହମ୍ମଦ ମଧ୍ୟ ଆଠ ସ୍ଥାନ ଉପରକୁ ଉଠି ୨୫ତମ ସ୍ଥାନରେ ପହଞ୍ଚିଛନ୍ତି ।

ପାକିସ୍ତାନ ଦାବିକୁ ଆଇସିସିର ଅଗ୍ରାହ୍ୟ

ଦୁବାଇ, ୧୭/୦୯(ନ୍ୟୁ.ଏ): ରବିବାରର ଏସିଆ କପ୍ ମ୍ୟାଚ୍ ଅବସରରେ ଭାରତୀୟ ଖେଳାଳିମାନେ ଆତଙ୍କବାଦକୁ ନିରନ୍ତର ସମର୍ଥନ କରିଆସୁଥିବା ପାକିସ୍ତାନ କ୍ରିକେଟ୍ ଦଳର ଖେଳାଳିଙ୍କ ସହ କରମର୍ଦ୍ଦନ କରିନଥିଲେ । ଏହାକୁ ନେଇ ପାକିସ୍ତାନ କ୍ରିକେଟ୍ ବୋର୍ଡ (ପିସିବି) ତୁମ୍ଭି ତୋଫାନ କରିବା ସହ ଆଇସିସି ନିକଟରେ ଏହାର ଆନୁଷ୍ଠାନିକ ପ୍ରତିବାଦ କରିଥିଲା । ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟଙ୍କ ପାଇଁ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରି ତାଙ୍କୁ ପୂରା ପ୍ରତିଯୋଗିତାରୁ ବାଦ୍ ଦେବାକୁ ଲିଖିତ ଭାବେ ଦାବି କରିଥିଲା । ପିସିବିର ଏହି ଦାବିକୁ ଆଇସିସି ଅଗ୍ରାହ୍ୟ କରି ଦେଇଛି । ଯାହା ଫଳରେ ଅନ୍ତର୍ଜାତୀୟ ଅପମାନର ସମ୍ମୁଖୀନ ହୋଇଥିବା ପାକିସ୍ତାନକୁ ଆଉ ଏକ ଶକ୍ତ ଝଟ୍‌କା ଲାଗିଛି । ପାକିସ୍ତାନ କରିଥିବା ଦାବିକୁ ଖାରଜ କରିବାକୁ ଯାଇ ପାଇକ୍ରଫ୍ଟଙ୍କୁ ହଟାଇବାର ପ୍ରଶ୍ନ ଉଠୁନାହିଁ ବୋଲି ପିସିବିକୁ ଆଇସିସି ରୋକ୍‌ଠୋକ୍ ଭାବେ ଜଣାଇ ଦେଇଛି । ସେହିଭଳି ଭାରତ ଓ ପାକିସ୍ତାନ ଖେଳାଳିମାନେ ପରସ୍ପର ସହ ହାତମିଳାଇବେ ନାହିଁ ବୋଲି ଏସୀୟ କ୍ରିକେଟ୍ ପରିଷଦର ଅଧିକାରୀ ଏବଂ ପିସିବି କ୍ରିକେଟ୍ ନିର୍ଦ୍ଦେଶକଙ୍କୁ ବହୁ ପୂର୍ବରୁ ଜଣାଇ ଦିଆଯାଇଥିଲା ବୋଲି ଆଇସିସି ସ୍ପଷ୍ଟୀକରଣରେ କହିଛି । ବରଂ ଟସ୍ ବେଳେ ଦୁଇ ଦେଶର ଅଧିନାୟକଙ୍କ ମଧ୍ୟରେ କରମର୍ଦ୍ଦନ ହେବ ନାହିଁ ବୋଲି ପୂର୍ବରୁ ନିଷ୍ପତ୍ତି ନିଆଯାଇଥିଲା । ଏଥିରେ ପାଇକ୍ରଫ୍ଟଙ୍କର କୌଣସି ଭୂମିକା କିମ୍ବା ଦୋଷ ନାହିଁ ବୋଲି ଆଇସିସି ସୂଚନା ଦେଇଛି । ପିସିବି କିନ୍ତୁ ଏହି ମାମଲାରେ ଭିନ୍ନ ତଥ୍ୟ ପରିବେଷଣ କରିଥିଲା । ଆଇସିସି ନିକଟରେ ଦାଖଲ କରିଥିବା ଲିଖିତ ଅଭିଯୋଗ ପତ୍ରରେ ଦର୍ଶାଇଥିଲା ଯେ ଟସ୍ ବେଳେ ସୂର୍ଯ୍ୟକୁମାରଙ୍କ ସହ କରମର୍ଦ୍ଦନ ନକରିବାକୁ ପାଇକ୍ରଫ୍ଟ ହିଁ ପାକିସ୍ତାନ ଅଧିନାୟକ ସଲମାନ ଅଲୀ ଆଗାଙ୍କୁ ପରାମର୍ଶ ଦେଇଥିଲେ ।

ଓପିଟିଏଲ୍ ଜର୍ସି ଉନ୍ମୋଚନ ଉତ୍ସବରେ ଯୋଗଦେଲେ ଇର୍ଫାନ୍ ପଠାନ୍

ଭୁବନେଶ୍ୱର, ୧୭/୦୯(ଆ.ପ୍ର): ବୁଧବାରଠାରୁ ବାରବାଟୀ ଷ୍ଟାଡିୟମରେ ଓସିଏର ମହା ଆୟୋଜନରେ ଓଡ଼ିଶା ପ୍ରୋ ଟି-୨୦ ଲିଗ୍ (ଓପିଟିଏଲ୍) ଆରମ୍ଭ ହୋଇଛି । ଅପରାହ୍ଣ ୫ରୁ ୭ଟା ପର୍ଯ୍ୟନ୍ତ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହା ପରେ କଟକ ପାନ୍ଥର୍ସ ସହିତ ଭୁବନେଶ୍ୱର ଟାଇଗର୍ସ ମଧ୍ୟରେ ମ୍ୟାଚ୍ ଖେଳାଯାଇଛି । ମଙ୍ଗଳବାର ସମସ୍ତ ଅଂଶଗ୍ରହଣକାରୀ ଦଳର ଜର୍ସି ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । 'ଓପିଟିଏଲ୍'ର ଆୟୋଜନ ଫଳରେ ଏହା ଓଡ଼ିଶା କ୍ରିକେଟ୍‌କୁ ଆଗକୁ ନେବ ଏବଂ ଓଡ଼ିଆ ଖେଳାଳି ଆଇପିଏଲ୍ ମଇଦାନରେ ପହଞ୍ଚିବା ପାଇଁ ସୁଯୋଗ ସୃଷ୍ଟି ହେବ । ବିଭିନ୍ନ ଜିଲ୍ଲାରେ ଥିବା ୪୧ କ୍ରିକେଟ୍ ଏକାଡେମି ମାଧ୍ୟରେ ଖେଳାଳିଙ୍କୁ ଗଢ଼ି ତୋଳିବା ଦିଗରେ ବି ଏହା ଦିଶା ଦେଖାଇବ' ବୋଲି କହିଛନ୍ତି ଭାରତୀୟ ଦଳର ପୂର୍ବତନ ଅଲରାଉଣ୍ଡର୍ ତଥା ବିଶ୍ୱକପ୍ ବିଜେତା ଇର୍ଫାନ୍ ପଠାନ ।

ଇର୍ଫାନ୍‌ଙ୍କ ସହ ପୂର୍ବତନ କ୍ରିକେଟର୍ ନରେନ୍ଦ୍ର ହିରୱାନୀ, ଶ୍ରୀତମ ଦାସ, ଅଭିନେତ୍ରୀ ଏଲିନା ସାମନ୍ତରାୟ, ସୁପ୍ରିୟା ନାୟକ, ଶୀତଳ ଦାସ, ଅଭିନେତା ଶୈଳେନ୍ଦ୍ର ସାମନ୍ତରାୟ ପ୍ରମୁଖ ଓପିଟିଏଲ୍‌ର ବ୍ରାଣ୍ଡ ଆମ୍ବାସଡର ନିଯୁକ୍ତ ହୋଇଥିବାରୁ ବୁଧବାରର ଜର୍ସି ଉନ୍ମୋଚନ ଉତ୍ସବରେ ଏମାନେ ବି ଉପସ୍ଥିତ ଥିଲେ । ବର୍ତ୍ତିୟାନ କ୍ରୀଡ଼ା ପ୍ରଶାସକ ଆଶୀର୍ବାଦ ବେହେରା, ଓସିଏ ସମ୍ପାଦକ ସଂଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଆରିଭା ସ୍ପୋର୍ଟ୍ସ ଫାଉଣ୍ଡେସନ୍‌ର ମୁଖ୍ୟ କେ ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

ସୂର୍ଯ୍ୟଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଲେ ମହମ୍ମଦ ୟୁସୁଫ

ଲାହୋର, ୭/୦୯(ନ୍ୟୁ.ଏ) : କରମର୍ଦ୍ଦନ ବିବାଦ ଭିତରେ ପାକିସ୍ତାନର ପୂର୍ବତନ କ୍ରିକେଟର ମହମ୍ମଦ ୟୁସୁଫ ଏକ ଟେଲିଭିଜନ୍ କାର୍ଯ୍ୟକ୍ରମ ଅବସରରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇ ତୀବ୍ର ସମାଲୋଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ୟୁସୁଫ ଜଣେ କ୍ରିକେଟ୍ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ । ଉପସ୍ଥାପିକା ତାଙ୍କୁ ଭାରତୀୟ ଖେଳାଳିମାନେ ପାକିସ୍ତାନୀ ଖେଳାଳିଙ୍କ ସହ କରମର୍ଦ୍ଦନ କରିବାକୁ ମନା କରିବା ଘଟଣାରେ ତାଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ । ୟୁସୁଫ ପ୍ରଥମେ ଭାରତୀୟ କ୍ରିକେଟ୍ ଦଳ ଏବଂ ବିସିସିଆଇକୁ ଏଥିଲାଗି କଡ଼ା ସମାଲୋଚନା କରିଥିଲେ । ପରେ ସୂର୍ଯ୍ୟକୁମାରଙ୍କୁ ଜାଣିଶୁଣି ସୁଅରକୁମାର ବୋଲି କହିଥିଲେ । ଉପସ୍ଥାପିକା ସେ ଭାରତୀୟ ଅଧିନାୟକଙ୍କ ନାଁ ଭୁଲ୍ ଭାବେ ଉଚ୍ଚାରଣ କରୁଛନ୍ତି ବୋଲି ଏକାଧିକବାର ସୂଚାଇ ଦେଇଥିଲେ ମଧ୍ୟ ୟୁସୁଫ ଅଟକି ନଥିଲେ । ସୂର୍ଯ୍ୟକୁମାରଙ୍କୁ ବାରମ୍ବାର ସୁଅରକୁମାର ବୋଲି କହିଥିଲେ । ସୂଚନାଯୋଗ୍ୟ ଯେ ହିନ୍ଦୀ ଭାଷାରେ ଘୁଷୁରୀକୁ ସୁଅର ବୋଲି କୁହାଯାଇଥାଏ । ଏଭଳି କରି ୟୁସୁଫ ଯୁହାନାରୁ ମହମ୍ମଦ ୟୁସୁଫ ପାଲଟିଥିବା ଏହି ପୂର୍ବତନ କ୍ରିକେଟର୍ ନିଜ ହୀନମାନ୍ୟତା ଓ ଛୋଟ ଚିନ୍ତାଧାରାର ପରିଚୟ ଦେଇଥିଲେ ।

ରାହୁଲଙ୍କୁ ଆଫ୍ରିଦିଙ୍କ ପ୍ରଶଂସାକୁ ନେଇ ବିଜେପିର ତୀବ୍ର ପ୍ରତିକ୍ରିୟା

ଇସଲାମାବାଦ, ୧୭/୦୯(ନ୍ୟୁ.ଏ): ପାକିସ୍ତାନର ପୂର୍ବତନ କ୍ରିକେଟର ସହିଦ ଆଫ୍ରିଦି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କର ପ୍ରଶଂସା କରିଛନ୍ତି । ନିକଟରେ ଶେଷ ହୋଇଥିବା ଏସିଆ କପ୍‌ର ଭାରତ-ପାକିସ୍ତାନ କ୍ରିକେଟ ମ୍ୟାଚ ସମ୍ପର୍କିତ ଏକ ଟେଲିଭିଜନ୍ ବିତର୍କରେ ଭାଗ ନେଇ ଆଫ୍ରିଦି କହିଥିଲେ ଯେ ରାହୁଲ ଜଣେ ସକାରାତ୍ମକ ମାନସିକତାର ରାଜନେତା । ସେ ପ୍ରତ୍ୟେକ ବିବାଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ଚାହିଁଥାନ୍ତି । ସେ ଲୋକଙ୍କୁ ସାଥିରେ ନେଇ ଯିବାକୁ ଚେଷ୍ଟା କରିଥାନ୍ତି । ଆଫ୍ରିଦି ରାହୁଲଙ୍କୁ ଏପରି ପ୍ରଶଂସା କରିଥିବାବେଳେ କେନ୍ଦ୍ର ସରକାରଙ୍କୁ ସମାଲୋଚନା କରିଛନ୍ତି । ଆଫ୍ରିଦି କହିଛନ୍ତି ଯେ ଭାରତରେ କ୍ଷମତାସୀନ ସରକାର ସର୍ବଦା ଧର୍ମ ଆଧାରିତ ନିଷ୍ପତ୍ତି ନେଉଛନ୍ତି । ଭାରତ ସରକାର ହିନ୍ଦୁ-ମୁସଲମାନ ପ୍ରସଙ୍ଗକୁ ଉଠାଇ କ୍ଷମତାରେ ରହିବାକୁ ଚେଷ୍ଟା କରୁଛନ୍ତି । ଏହା ଅତ୍ୟନ୍ତ ହୀନ ମାନସିକତା । ସେ (ନରେନ୍ଦ୍ର ମୋଦୀ) କ୍ଷମତାରେ ଥିବା ପର୍ଯ୍ୟନ୍ତ ଭାରତ ସରକାରଙ୍କ ଏପରି ନୀଚ ମାନସିକତା ଜାରି ରହିବ । ଆଫ୍ରିଦି ଆହୁରି କହିଛନ୍ତି ଭାରତ ନିଜକୁ ଇସ୍ରାଏଲ ଭଳି ହେବାକୁ ଚେଷ୍ଟା କରୁଛି ।

ରାହୁଲଙ୍କୁ ଆଫ୍ରିଦିଙ୍କ ଏପରି ପ୍ରଶଂସାକୁ ନେଇ ବିଜେପି ପ୍ରତିକ୍ରିୟା ପ୍ରକାଶ କରିଛି । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ରାହୁଲ ପାକିସ୍ତାନର ଡାର୍ଲିଂ । ପାକିସ୍ତାନବାସୀ ରାହୁଲଙ୍କୁ ନିଜର ନେତା ନିର୍ବାଚନ କରିବାକୁ ପ୍ରସ୍ତୁତ । ବିଜେପି ଆଇଟି ସେଲ୍ ମୁଖ୍ୟ ଅମିତ ମାଲବ୍ୟ କହିଛନ୍ତି ଯେ ଭାରତର ଶତ୍ରୁ ଯେତେବେଳେ ରାହୁଲଙ୍କ ପ୍ରଶଂସା କରୁଛନ୍ତି ସେତେବେଳେ ଭାରତବାସୀ ଜାଣିପାରୁଛନ୍ତି ଯେ ତୁମର (ରାହୁଲ) ଦେଶଭକ୍ତି କେଉଁଠି । ବିଜେପି ପ୍ରତିକ୍ରିୟା ଉପରେ ଜବାବ ଦେଇ କଂଗ୍ରେସ ସୋସିଆଲ ମିଡିଆ ମୁଖ୍ୟ ସୁପ୍ରିୟା ଶ୍ରୀନେତ ଏକ ଫଟୋ ପୋଷ୍ଟ କରିଛନ୍ତି । ଫଟୋରେ ସହିଦ ଆଫ୍ରିଦିଙ୍କ ସହିତ ବିଜେପି ନେତା ଅନୁରାଗ ଠାକୁର ଏକାଠି ଠିଆ ହୋଇଛନ୍ତି । ରବିବାର ଅନୁଷ୍ଠିତ ଭାରତ-ପାକିସ୍ତାନ ମ୍ୟାଚ ଶେଷରେ ଭାରତୀୟ ଖେଳାଳିମାନେ ପାକିସ୍ତାନ ଖେଳାଳିଙ୍କ ସହିତ ହ୍ୟାଣ୍ଡସେକ୍ କରି ନଥିଲେ । ଏପରି କି ମ୍ୟାଚ ଆରମ୍ଭ ପୂର୍ବରୁ ଟସ୍ ପଡିବା ସମୟରେ ମଧ୍ୟ ଭାରତର ଅଧିନାୟକ ସୂର୍ଯ୍ୟକୁମାର ଯାଦବ ପାକିସ୍ତାନ ଅଧିନାୟକଙ୍କ ସହିତ ହ୍ୟାଣ୍ଡସେକ୍ କରି ନଥିଲେ । ଭାରତ ଖେଳାଳିଙ୍କ ଏପରି ଆଚରଣକୁ ନେଇ ପାକିସ୍ତାନ କ୍ଷୁବ୍ଧ ହୋଇଛି ।

ରାଜ୍ୟ କନିଷ୍ଠ ବାଳକ ହକି: ଉଦ୍‌ଘାଟନୀ ଦିବସରେ ୫ ମ୍ୟାଚ୍

ରାଉରକେଲା, ୧୭/୦୯(ଆ.ପ୍ର): ମଙ୍ଗଳବାରଠାରୁ ଚତୁର୍ଥ ରାଜ୍ୟ କନିଷ୍ଠ ବାଳକ ହକି ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ଆଜି ପ୍ରଥମ ପର୍ଯ୍ୟାୟରେ ୫ଟି କ୍ୱାଲିଫାୟର ମ୍ୟାଚ୍ ଖେଳାଯାଇଥିଲା । ଅପରପକ୍ଷରେ ନବରଙ୍ଗପୁର ଅନୁପସ୍ଥିତ ରହିବାରୁ ବରଗଡ଼ ଓ ଗଜପତି ଦଳ ଅନୁପସ୍ଥିତ ରହିବାରୁ ପୁରୀକୁ ବିଜେତା ଘୋଷଣା କରାଯାଇଛି । ଆଜି ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ କଳାହାଣ୍ଡି ୩-୦ ଗୋଲ୍‌ରେ କୋରାପୁଟକୁ ପରାସ୍ତ କରିଥିବାବେଳେ ଜଗତସିଂହପୁର ୧୦-୦ ଗୋଲ୍‌ରେ ବାଲେଶ୍ୱର, ଏକ୍‌-ପାରାମିଲିଟାରୀ ଜୟ ଜବାନ ଆସୋସିଏସନ ୮-୦ ଗୋଲ୍‌ରେ ଗାଙ୍ଗପୁର ସ୍ପୋର୍ଟ୍ସ ଏକାଡେମୀ, ସୁବର୍ଣ୍ଣପୁର ୫-୦ ଗୋଲରେ ହକି ଗାଙ୍ଗପୁର ଓଡ଼ିଶା ଓ ଦିଲୀପ ତିର୍କି ସ୍ପୋର୍ଟ୍ସ ଏକାଡେମୀ ୯-୦ ଗୋଲ୍‌ରେ ବୌଦ୍ଧକୁ ପରାସ୍ତ କରି ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି ।

ପୁଣି ଆରମ୍ଭ ହେଲା ଭାରତ-ଆମେରିକା ବାଣିଜ୍ୟ ଆଲୋଚନା

ନୂଆଦିଲ୍ଲୀ, ୧୭/୦୯(ନ୍ୟୁ.ଏ): ଡୋନାଲ୍ଡ ଟ୍ରମ୍ପଙ୍କ ୫୦% ଟାରିଫ୍ ଲାଗୁ ପରେ ପ୍ରଥମ ବାଣିଜ୍ୟ ଚୁକ୍ତି ଆଲୋଚନାକୁ ଭାରତ ଓ ଆମେରିକା ଦୁହେଁ ପକ୍ଷ "ସକାରାତ୍ମକ" କହିଛନ୍ତି । ୧୬ ସେପ୍ଟେମ୍ବରରେ ଦିଲ୍ଲୀରେ ଆମେରିକାର ସହାୟକ ଟ୍ରେଡ୍ ରିପ୍ରେଜେନଟେଟିଭ୍ ବ୍ରେଣ୍ଡନ୍ ଲିଞ୍ଚ ଓ ବାଣିଜ୍ୟ ମନ୍ତ୍ରଣାଳୟର ସ୍ପେସିଆଲ୍ ସେକ୍ରେଟାରୀ ରାଜେଶ ଅଗ୍ରୱାଲଙ୍କ ମଧ୍ୟରେ ଆଲୋଚନା ହୋଇଛି । ଆମେରିକା ଦୂତାବାସ ପ୍ରତିନିଧି କହିଛନ୍ତି, ଆଲୋଚନା ସକାରାତ୍ମକ ଓ ଭବିଷ୍ୟତ୍ ପାଇଁ ଶୁଭ ସଂକେତ ରହିଛି । ବାଣିଜ୍ୟ ମନ୍ତ୍ରଣାଳୟର ବିବୃତିରେ କୁହାଯାଇଛି, ଦୁଇ ଦେଶ ପରସ୍ପର ଲାଭଦାୟୀ ଚୁକ୍ତି ପାଇଁ ପ୍ରୟାସ ବଢ଼ାଇବେ । ଫେବୃଆରୀ ମାସରୁ ଆରମ୍ଭ ହୋଇଥିବା ଆଲୋଚନାରେ ୫ ରାଉଣ୍ଡ ସରିଛି, କିନ୍ତୁ ଅଗଷ୍ଟରେ ୬ଷ୍ଠ ରାଉଣ୍ଡ ସ୍ଥଗିତ ହୋଇଥିଲା । ଜୁଲାଇ ୩୦ରେ ରୁଷିୟ ତେଲ କିଣିବା ପାଇଁ ୨୫% ପେନାଲ୍ଟି ସମେତ ୨୫% ଟାରିଫ୍ ଲାଗୁ ହୋଇଥିବାରୁ ସମ୍ପର୍କ ବିଗିଡ଼ିଥିଲା । ଟ୍ରମ୍ପ ଭାରତର ଅର୍ଥନୀତିକୁ 'ମୃତ' କହିଥିଲେ । କିନ୍ତୁ ଗତ ସପ୍ତାହରେ ଟ୍ରମ୍ପ ଟ୍ରୁଥ୍ ସୋସିଆଲରେ କହିଥିଲେ, ଚୁକ୍ତି ଆଲୋଚନା ଚାଲୁ ଓ ସଫଳ ହେବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ୍ସରେ କହିଛନ୍ତି, ଭାରତ-ଆମେରିକା ପ୍ରାକୃତିକ ସାଥୀ, ଚୁକ୍ତି ସମ୍ପର୍କକୁ ମଜବୁତ କରିବ ।

ଇଭିଏମରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ

ନୂଆଦିଲ୍ଲୀ, ୧୭/୦୯(ନ୍ୟୁ.ଏ): ହଟିଯିବ କଳାଧଳା ଫଟୋ, ଇଭିଏମରେ ରହିବ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ । ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ଗାଇଡଲାଇନ ଆଣିଲେ ନିର୍ବାଚନ କମିଶନ । ନୂଆ ଗାଇଡଲାଇନ ଅନୁସାରେ ଏଣିକି ଇଭିଏମରେ ସମସ୍ତ ପ୍ରାର୍ଥୀଙ୍କର ରଙ୍ଗୀନ ଫଟୋ ରହିବ । ପ୍ରଥମ ଥର ପାଇଁ ଏହି ରଙ୍ଗୀନ ଫଟୋର ବ୍ୟବସ୍ଥା କରାଯିବ । ପୂର୍ବରୁ କଳା-ଧଳା ଫଟୋ ରହୁଥିବା ବେଳେ ବାଲାଟ୍ ପେପରକୁ ଅଧିକ ପାଠ୍ୟ କରିବାକୁ ନିର୍ଦ୍ଦେଶାବଳୀରେ ସଂଶୋଧନ କରାଯାଇଛି । ବିହାରରୁ ପ୍ରଥମେ ଏହି ପରିବର୍ତ୍ତି ନିୟମ ଲାଗୁହେବ । ପରେ ଅନ୍ୟ ରାଜ୍ୟର ନିର୍ବାଚନରେ ଏହି ପ୍ରକ୍ରିୟା ଲାଗୁ ହେବ । ଖାଲି ଫଟୋ ନୁହେଁ ପ୍ରାର୍ଥୀଙ୍କ କ୍ରମିକ ସଂଖ୍ୟା ବି ସ୍ପଷ୍ଟ ଭାବେ ପ୍ରଦର୍ଶିତ ହେବ । ତେବେ ଆଉ କିଛି ଦିନ ପରେ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଥିବା ବେଳେ ଏହା ପୂର୍ବରୁ ନିର୍ବାଚନ କମିସନ ନୂତନ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ବିହାର ନିର୍ବାଚନ ପାଇଁ ଯଦିଓ ତାରିଖ ଘୋଷଣା ହୋଇନି ମାତ୍ର ତା ଆଗରୁ କମିସନ ବିହାରରେ ଏକ ନୂତନ ପରୀକ୍ଷଣ ଆରମ୍ଭ କରୁଛନ୍ତି । ଯାହା ବିହାରରେ ସଫଳ ହେବା ପରେ ଅନ୍ୟ ରାଜ୍ୟରେ ଲାଗୁ କରାଯିବ । ଇଭିଏମ୍ ବାଲଟ୍ ପେପରରେ ପୂର୍ବରୁ କଳା ଏବଂ ଧଳା ଫଟୋ ରହୁଥିବା ବେଳେ ଏବେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋ ରହିବ ।

ୟୁକ୍ରେନ ଉପରେ ଭୟଙ୍କର ଆକ୍ରମଣ କଲା ରୁଷିଆ

ମସ୍କୋ/କିଭ, ୧୭/୦୯(ନ୍ୟୁ.ଏ): ୟୁକ୍ରେନର ଜାପୋରିଝିଆ ସହର ଉପରେ ରୁଷିଆ ସେନା ବଡ଼ ଧରଣର ଆକ୍ରମଣ କରିଛି । ରୁଷିଆ ସେନା ୧୦୦ ରୁ ଅଧିକ ଡ୍ରୋନ୍ ଏବଂ ପ୍ରାୟ ୧୫୦ ଗ୍ଲାଇଡ୍ ବୋମା ମାଡ଼ କରିଛି । ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମୋୟର ଜେଲେନସ୍କି ଟେଲିଗ୍ରାମରେ କହିଛନ୍ତି ଯେ, ଗତ ଦୁଇ ସପ୍ତାହ ମଧ୍ୟରେ ରୁଷିଆ ୟୁକ୍ରେନ ଉପରେ ୩୫୦୦ ରୁ ଅଧିକ ଡ୍ରୋନ୍, ୨୫୦୦ ରୁ ଅଧିକ ଶକ୍ତିଶାଳୀ ଗ୍ଲାଇଡ୍ ବୋମା ଏବଂ ପ୍ରାୟ ୨୦୦ କ୍ଷେପଣାସ୍ତ୍ର ମାଡ଼ କରିଛି । ଜେଲେନସ୍କି ତାଙ୍କ ଦେଶ ପାଇଁ ଏକ ୟୁରୋପୀୟ ବାୟୁ ପ୍ରତିରକ୍ଷା ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ପ୍ରକାଶ କରିଛନ୍ତି । ଅନ୍ୟ ୟୁକ୍ରେନ ସହରଗୁଡ଼ିକ ଉପରେ ମଧ୍ୟ ଆକ୍ରମଣ କରାଯାଇଛି ବୋଲି ସେ କହିଛନ୍ତି । ସେ ୟୁରୋପୀୟ ନେତାମାନଙ୍କୁ ୟୁରୋପକୁ ସୁରକ୍ଷିତ ରଖିବା ପାଇଁ ବାୟୁ ପ୍ରତିରକ୍ଷା ପ୍ରଣାଳୀ ବିକଶିତ କରିବାକୁ ଅନୁରୋଧ କରିଛନ୍ତି । ୟୁକ୍ରେନ ମଧ୍ୟ ରୁଷିଆ ଉପରେ ପ୍ରତିଶୋଧ ନେଉଛି । ୟୁକ୍ରେନର ସଶସ୍ତ୍ର ବାହିନୀଙ୍କ ରାତିରେ ପଶ୍ଚିମ ରୁଷିଆର ସାରାଟୋଭ ଅଞ୍ଚଳରେ ଏକ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଥିଲେ ।

ରୁଷିଆର ଗ୍ଲାଇଡ୍ ବୋମାଗୁଡ଼ିକ ଲଢୁଆ ବିମାନରୁ ଉଚ୍ଚ ସ୍ଥାନରୁ ପକାଯାଇଥିଲା । ଗ୍ଲାଇଡ୍ ବୋମା ବିରୋଧରେ ୟୁକ୍ରେନର କୌଣସି ପ୍ରଭାବଶାଳୀ ଉପାୟ ନାହିଁ । ଜେଲେନସ୍କି କହିଛନ୍ତି, ଯେପର୍ଯ୍ୟନ୍ତ ରୁଷିଆ ଉପର ବଡ଼ ଧରଣର କ୍ଷତି ବିଶେଷକରି ଆର୍ଥିକ ହୋଇ ନାହିଁ, ସେପର୍ଯ୍ୟନ୍ତ ରୁଷିଆ ପ୍ରକୃତ କୂଟନୀତି ଏବଂ ଯୁଦ୍ଧର ଅନ୍ତକୁ ଏଡ଼ାଇ ଚାଲିବ । ୟୁକ୍ରେନ ଆଂଚଳିକ ମୁଖ୍ୟ ଇଭାନ ଫେଡୋରୋଭ କହିଛନ୍ତି ଯେ, ରୁଷୀୟ ସେନା ବହୁବିଧ ରକେଟ୍ ଲଂ ସିଷ୍ଟମ ସହିତ ୧୦ଟି ଆକ୍ରମଣ କରିଥିଲେ, ଯେଉଁଥିରେ ୧୦ଟି ଆପାର୍ଟମେଣ୍ଟ ଏବଂ ୧୨ଟି ଘରୋଇ ଘରକୁ କ୍ଷତି ପହଂଚିଥିଲା । ରୁଷିଆ ବୋମା ମାଡ଼ରେ ୨୦ ରୁ ଅଧିକ କୋଠା ପ୍ରଭାବିତ ହୋଇଛି । ବୋମା ମାଡ଼ରେ କୋଠାରେ ନିଆଁ ଲାଗିଯାଇଥିଲା । ଏହି ଆକ୍ରମଣରେ ଜାପୋରିଝିଆରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଆକ୍ରମଣରେ ଚାରି ଶିଶୁଙ୍କ ସମେତ ୨୦ ଜଣ ଆହତ ହୋଇଛନ୍ତି । ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟିଥିଲା । ମାଇକୋଲାଇଭ ଅଂଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି । ୟୁକ୍ରେନର ଭୂମି ଉପରେ ରୁଷିଆର କବଜା ପରେ ୟୁକ୍ରେନର ଶୀର୍ଷ ସାମରିକ କମାଣ୍ଡର ଦୁଇ ଜଣ ବରିଷ୍ଠ ଅଧିକାରୀଙ୍କୁ ହଟାଇ ଦେଇଛନ୍ତି । ଶୀର୍ଷ କମାଣ୍ଡର ଓଲେକଜାଣ୍ଡର ସିରସ୍କି ଗତ ଦୁଇ ସପ୍ତାହ ମଧ୍ୟରେ ୧୭ତମ ଏବଂ ୨୦ତମ ସେନା କୋର ଦାୟିତ୍ୱରେ ଥିବା ଦୁଇ ଜଣ ଅଧିକାରୀଙ୍କୁ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଭୋଲୋଡିମିର ସିଲେଙ୍କୋଙ୍କ ନେତୃତ୍ୱରେ ୧୭ତମ ସେନା ବାହିନୀ ଜାପାରିଝିଆ ଅଂଚଳରେ ମୁତୟନ କରାଯାଇଥିଲା, ଯେଉଁଠାରେ ୟୁକ୍ରେନୀୟ ସେନା ଡନିପ୍ରୋ ନଦୀ କୂଳରେ ଥିବା ଏକ ଗାଁର ନିୟନ୍ତ୍ରଣ ହରାଇଛି । ମାକ୍ସିମ କିଟୁହିନଙ୍କ ନେତୃତ୍ୱରେ ୨୦ତମ ସେନା ବାହିନୀ ପୂର୍ବ ଡୋନେଟସ୍କ ଅଂଚଳ ନିକଟରେ ମୁତୟନ କରାଯାଇଥିଲା, ଯେଉଁଠାରେ ରୁଷିଆ ସେନା ଅନେକ ଗାଁ ଉପରେ କବଜା କରିଛି ।

ଏନକାଉଣ୍ଟରରେ ଟଳିପଡିଲେ ଦୁଇ ମହିଳା ନକ୍ସଲ

ମହାରାଷ୍ଟ୍ର, ୧୭/୦୯(ନ୍ୟୁ.ଏ): ନକ୍ସଲ ସଙ୍ଗଠନ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । କିଛି ଦିନ ହେବ ଲଗାତାର ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ବହୁ ନକ୍ସଲ ନିହତ ହେଉଛନ୍ତି । ବହୁ ସଂଖ୍ୟାରେ ନକ୍ସଲ ଆତ୍ମସମର୍ପଣ ମଧ୍ୟ କରୁଛନ୍ତି । ବୁଧବାର ମହାରାଷ୍ଟ୍ରର ଗଡଚିରୋଲିରେ ସୁରକ୍ଷାକର୍ମୀ ଏବଂ ନକ୍ସଲଙ୍କ ମଧ୍ୟରେ ଗୁଳିବିନିମୟ ଘଟି ଦୁଇ ମହିଳା ନକ୍ସଲ ନିହତ ହୋଇଛନ୍ତି । ସୂଚନା ମୁତାବକ କୌଣସି ବିଶ୍ୱସ୍ତ ସୂତ୍ରରୁ ଖବର ମିଳିବା ପରେ ସୁରକ୍ଷା କର୍ମୀମାନେ ଗଡଚିରୋଲି ଜଙ୍ଗଲରେ ସର୍ଚ୍ଚ ଅପରେସନ୍ କରିଥିଲେ । ସୁରକ୍ଷାକର୍ମୀ ଏବଂ ପୁଲିସ୍‌କୁ ଦେଖି ନକ୍ସଲ ମାନେ ଆଖିବୁଜା ଗୁଳିଚାଳନା କରିଥିଲେ । ପୁଲିସ୍ ମଧ୍ୟ ଏହାର ପାଲଟା ଜବାବ ଦେବାକୁ ଯାଇ ସେମାନଙ୍କ ଉପରେ ଗୁଳିଚାଳନା କରିଥିଲା । ଏଥିରେ ଦୁଇ ଜଣ ମହିଳା ନକ୍ସଲ ନିହତ ହୋଇଥିବା ସୂଚନା ମିଳିଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das